# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 1/2019 (Career & Appointment) | ★★★★

୪୫ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ମାର୍ଟିକ ଚତୁର୍ଥ ରାଉଣ୍ଡରେ

ଦ୍ୱିତୀୟ ସିଡ୍ କାରୋଲିନା ପ୍ଲିସ୍‌କୋଭାଙ୍କୁ ହରାଇ କ୍ରୋଏସିଆର ପେଟ୍ରା ମାର୍ଟିକ ଫ୍ରେଞ୍ଚ ଓପନ୍ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୫

୦୨

## ଭିନ୍ନ ଅବତାରରେ ସାୟାନୀ

ଅଭିନେତ୍ରୀ ସାୟାନୀ ଗୁପ୍ତା ଅନୁଭବ ସିହ୍ନାଙ୍କ 'ଆର୍ଟିକିଲ୍ ୧୫'ରେ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ।








### ■ କେନ୍ଦ୍ର କ୍ୟାବିନେଟ୍‌ର ଦାୟିତ୍ୱ ବଣ୍ଟନ

# ଶାହଙ୍କୁ ସ୍ୱରାଷ୍ଟ୍ର, ରାଜନାଥଙ୍କୁ ପ୍ରତିରକ୍ଷା

**ନୂଆଦିଲ୍ଲୀ,୩୧।୫(ଆଇଏଏନ୍ଏସ୍)**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଦ୍ୱିତୀୟ ପାଳି ଆରମ୍ଭ ହେବା ପରେ କେନ୍ଦ୍ର କ୍ୟାବିନେଟ ସଦସ୍ୟଙ୍କୁ ଶୁକ୍ରବାର ଦାୟିତ୍ୱ ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶପଥ ନେଇଥିବା ସମସ୍ତ ୫୭ ମନ୍ତ୍ରୀଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ମୋଦିଙ୍କ ଘନିଷ୍ଠତମ ସହଯୋଗୀ ଅମିତ ଶାହଙ୍କୁ କ୍ୟାବିନେଟରେ ୨ ନମ୍ବର ସ୍ଥାନ ମିଳିଛି। ତାଙ୍କ ତଳକୁ ରହିଛନ୍ତି ରାଜନାଥ ସିଂ ଓ ନିର୍ମଳା ସୀତାରାମନ୍। ମନ୍ତ୍ରିମଣ୍ଡଳରେ ପ୍ରଥମ ଥର ପାଇଁ ସାମିଲ ହୋଇଥିବା ଶାହଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଳିଥିବାବେଳେ ପୂର୍ବରୁ ଏହି ଦାୟିତ୍ୱରେ ଥିବା ରାଜନାଥଙ୍କୁ ଏଥର ପ୍ରତିରକ୍ଷା ମନ୍ତ୍ରଣାଳୟର ଭାର ଦିଆଯାଇଛି। ସେହିପରି ଏନ୍‌ଡିଏ-୧ରେ ପ୍ରତିରକ୍ଷା ମନ୍ତ୍ରୀ ଥିବା ସୀତାରାମନ୍ ଏହି କ୍ୟାବିନେଟରେ ଅର୍ଥମନ୍ତ୍ରୀ ଭାବେ ସ୍ଥାନ ପାଇଛନ୍ତି।

ସାଧାରଣ ନିର୍ବାଚନରେ ଏନ୍‌ଡିଏ ବିପୁଳ ବିଜୟ ସହ ପୁନର୍ବାର କ୍ଷମତାକୁ ଫେରିବା ପରେ ଗୁରୁବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ସହ ୨୪ କ୍ୟାବିନେଟ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଏବଂ ୨୪ ରାଷ୍ଟ୍ରମନ୍ତ୍ରୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଶୁକ୍ରବାର କ୍ୟାବିନେଟର ସମସ୍ତ ସଦସ୍ୟଙ୍କୁ ମନ୍ତ୍ରଣାଳୟର ଦାୟିତ୍ୱ ବଣ୍ଟନ କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ସହ ଅଣୁ ଶକ୍ତି ଓ ମହାକାଶ ବିଭାଗ ଭଳି ସମ୍ବେଦନଶୀଳ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ ନିକଟରେ ରହିଛି। ନିର୍ବାଚନରେ ଭାଜପା ୩୦୩ ଆସନ ଦଖଲ କରିବାରେ ସକ୍ଷମ ହୋଇଥିବାରୁ ଏହାର ଶ୍ରେୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଦିଆଯିବା ସହ ତାଙ୍କୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଦାୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଏଥର କ୍ୟାବିନେଟରେ ହାଇପ୍ରୋଫାଇଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦିଆଯାଇଛି। ପୂର୍ବରୁ ଏହି ଦାୟିତ୍ୱରେ ଥିବା ନିର୍ମଳା ସୀତାରାମନ୍‌ଙ୍କୁ ନୂଆ କ୍ୟାବିନେଟରେ ଅର୍ଥ ଓ କମ୍ପାନୀ ବ୍ୟାପାର ମନ୍ତ୍ରୀ କରାଯାଇଛି। ସେହିପରି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ସୁବ୍ରମଣ୍ୟମ୍ ☞ପୃଷ୍ଠା-୪

### କାହାକୁ କ'ଣ

- ■ ସୀତାରାମନ୍‌ଙ୍କୁ ଅର୍ଥ ମନ୍ତ୍ରଣାଳୟ
- ■ ଏସ୍. ଜୟଶଙ୍କର ପାଇଲେ ବହିର୍ବ୍ୟାପାର
- ■ ଧର୍ମେନ୍ଦ୍ର ପେଟ୍ରୋଲିୟମ୍, ଗଡ଼କରୀ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ବଜାୟ ରଖିଲେ
- ■ ପ୍ରତାପଙ୍କୁ ଏମ୍ଏସ୍ଏମ୍ଇ ସହ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ସ୍ୱାଧୀନ ଦାୟିତ୍ୱ

### ପ୍ରଧାନମନ୍ତ୍ରୀଙ୍କ ଅଧୀନରେ



ନରେନ୍ଦ୍ର ମୋଦି

କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ; ଆଣବିକ ଶକ୍ତି; ମହାକାଶ; ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରସଙ୍ଗ; କାହାରିକୁ ଦିଆଯାଇ ନ ଥିବା ଅନ୍ୟ ମନ୍ତ୍ରଣାଳୟ

ରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତ୍ରଣାଳୟ ତାଲିକା: ପୃଷ୍ଠା-୪

### କ୍ୟାବିନେଟ ମନ୍ତ୍ରୀ: କାହାକୁ କେଉଁ ମନ୍ତ୍ରଣାଳୟ


**ରାଜନାଥ ସିଂ** – ପ୍ରତିରକ୍ଷା


**ଅମିତ୍ ଶାହ** – ସ୍ୱରାଷ୍ଟ୍ର


**ନୀତୀନ୍ ଜୟରାମ ଗଡ଼କରୀ** – ସଡ଼କ ପରିବହନ ଓ ରାଜପଥ; ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ


**ଡି.ଭି. ସଦାନନ୍ଦ ଗୌଡ଼ା** – ରସାୟନ ଓ ସାର


**ନିର୍ମଳା ସୀତାରାମନ୍** – ଅର୍ଥ; କମ୍ପାନୀ ବ୍ୟାପାର


**ରାମବିଲାସ ପାଶ୍ୱାନ** – ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ


**ନରେନ୍ଦ୍ର ସିଂ ତୋମର** – କୃଷି ଓ କୃଷକ କଲ୍ୟାଣ; ଗ୍ରାମୀଣ ବିକାଶ; ପଞ୍ଚାୟତିରାଜ


**ରବିଶଙ୍କର ପ୍ରସାଦ** – ଆଇନ ଓ ନ୍ୟାୟ; ଯୋଗାଯୋଗ; ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା


**ହର୍‌ସିମ୍ରତ୍ କୌର ବାଦଲ** – ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ


**ଥାୱାର ଚାନ୍ଦ୍ ଗେହଲଟ** – ସାମାଜିକ ନ୍ୟାୟ ଓ ସଶକ୍ତୀକରଣ


**ଏସ୍. ଜୟଶଙ୍କର** – ବହିର୍ବ୍ୟାପାର


**ରମେଶ ପୋଖରିୟାଲ 'ନିଶଙ୍କ'** – ମାନବ ସମ୍ବଳ ବିକାଶ


**ଅର୍ଜୁନ ମୁଣ୍ଡା** – ଆଦିବାସୀ ବ୍ୟାପାର


**ସ୍ମୃତି ଜୁବିନ୍ ଇରାନୀ** – ମହିଳା ଓ ଶିଶୁ ବିକାଶ; ବୟନ ଶିଳ୍ପ


**ଡ. ହର୍ଷବର୍ଦ୍ଧନ** – ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ; ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା; ପୃଥ୍ୱୀ ବିଜ୍ଞାନ


**ପ୍ରକାଶ ଜାଭଡେକର** – ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ; ସୂଚନା ଓ ପ୍ରସାରଣ


**ପୀୟୂଷ ଗୋୟଲ** – ରେଳପଥ; ବାଣିଜ୍ୟ ଓ ଶିଳ୍ପ


**ଧର୍ମେନ୍ଦ୍ର ପ୍ରଧାନ** – ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ; ଇସ୍ପାତ


**ମୁଖ୍‌ତାର ଅବାସ ନକ୍‌ଭି** – ସଂଖ୍ୟାଲଘୁ ବ୍ୟାପାର


**ପ୍ରହ୍ଲାଦ ଜୋଷୀ** – ସଂସଦୀୟ ବ୍ୟାପାର; କୋଇଲା; ଖଣି


**ମହେନ୍ଦ୍ର ନାଥ ପାଣ୍ଡେ** – ଦକ୍ଷତା ବିକାଶ ଓ ଉଦ୍ୟମିତା


**ଅରବିନ୍ଦ ଗଣପତ ସାୱନ୍ତ** – ଭାରି ଶିଳ୍ପ ଓ ସାଧାରଣ ଉଦ୍ୟୋଗ


**ଗିରିରାଜ ସିଂ** – ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟପାଳନ


**ଗଜେନ୍ଦ୍ର ସିଂ ଶେଖାୱତ୍** – ଜଳ ଶକ୍ତି

### ଆଜିର ସମ୍ପାଦକୀୟ

**ଚୁପ୍ ରହିବାର ଆଦେଶ**

### ଆଜିର ମନ୍ତବ୍ୟ

" ବିହାରରେ କୌଣସି ବ୍ୟକ୍ତିଙ୍କ ନାମରେ ଏନ୍‌ଡିଏକୁ ଲୋକେ ଭୋଟ ଦେଇନାହାନ୍ତି। ଏନେଇ କେହି ଭ୍ରମରେ ପଡ଼ିବା ଅନୁଚିତ।

**-ନୀତୀଶ କୁମାର, ଜେଡିୟୁ ମୁଖ୍ୟ**

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲରେ ଦେଶର କୋର ସେକ୍ଟର ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ହ୍ରାସ ଘଟି ୨.୬% ରହିଛି।

**-ସରକାରୀ ତଥ୍ୟ**

# ୧୭ରୁ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ତଥା ବଜେଟ ଅଧିବେଶନ ଜୁନ୍ ୧୭ରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ମାନେକା ଗାନ୍ଧୀଙ୍କୁ ଗୁରୁବାର ଲୋକ ସଭାର କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଛି। ସେ ନବନିର୍ବାଚିତ ଏମ୍‌ପିମାନଙ୍କୁ ଶପଥ ପାଠ କରାଇବେ। ଜୁନ୍ ୧୯ରେ ବାଚସ୍ପତି ନିର୍ବାଚନ ହେବ। ବାଚସ୍ପତି ନିଯୁକ୍ତ ହେବା ପରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଅଣାଯିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ଉତ୍ତର ରଖିବେ। ଜୁଲାଇ ୫ରେ ଅର୍ଥମନ୍ତ୍ରୀ ଲୋକ ସଭାରେ ବଜେଟ ଉପସ୍ଥାପନ କରିବେ। ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ) ୩୫୨ ଆସନରେ ବିଜୟୀ ହୋଇ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ କ୍ଷମତାକୁ ଫେରିଥିବାବେଳେ ଭାଜପା ଏକାକୀ ୩୦୩ ଆସନ ହାତେଇଛି। ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ପ୍ରଥମ ଭାଜପା ନେତା ଯିଏ କି ସରକାରରେ ୫ ବର୍ଷ କାର୍ଯ୍ୟକାଳ ପୂରଣ କରି କ୍ରମାଗତ ଭାବେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ପୂର୍ବରୁ ୩ ଜଣ କଂଗ୍ରେସ ନେତା ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ମନମୋହନ ସିଂଙ୍କୁ ଏହି ସଫଳତା ମିଳିଥିଲା।



- ■ ୧୯ରେ ବାଚସ୍ପତି ନିର୍ବାଚନ
- ■ ଜୁଲାଇ ୫ରେ କେନ୍ଦ୍ର ବଜେଟ

# କଟୁରିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

**ଭୋଗରାଇ, ୩୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା କମର୍ଦ୍ଦା ଡାକବଙ୍ଗଳାଠାରେ ଗୁରୁବାର ମଧ୍ୟରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଗୋଡ଼େଇ ଗୋଡ଼େଇ ଧାରୁଆ କଟୁରୀରେ ବାରମ୍ବାର ଚୋଟ ମାରି ହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶୁକ୍ରବାର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲ୍ଲା ରାମନଗର ଥାନା ହୀରାପୁର ଗ୍ରାମରୁ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଜଳେଶ୍ୱର କୋର୍ଟକୁ ପଠାଇଛି। ପୋଲିସ ଏନେଇ ବିଭିନ୍ନ ଦଫାରେ ଏକ ମାମଲା (ନଂ. ୪୭/୧୯) ରୁଜୁ କରିଛି। କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ କମଳାକାନ୍ତ ରଣା (୫୨) ୧୦ବର୍ଷ ହେଲା ସ୍ତ୍ରୀ ଗୌରୀଙ୍କ ସହ କମର୍ଦ୍ଦା ଡାକବଙ୍ଗଳା ବଜାରରେ ଏକ ଭଡ଼ାଘରେ ରହି ଆସୁଥିଲେ। ସେଠାରେ ସେ କଂସାପିତ୍ତଳ ବ୍ୟବସାୟ କରୁଥିଲେ। ଗୁରୁବାର ମଧ୍ୟରାତ୍ରରେ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। କମଳାକାନ୍ତ ଏକ ଧାରୁଆ କଟୁରୀ ଧରି ଗୌରୀଙ୍କୁ ହାଣିବାକୁ ଗୋଡାଇବାରୁ ସେ ପ୍ରାଣ ବିକଳରେ ପାଖରେ ଥିବା ଦୋକାନ ଘରେ ପଶିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ପହଞ୍ଚି ଗୌରଙ୍କ ମୁହଁକୁ ବାରମ୍ବାର ଚୋଟ ମାରି ଚାଲିଥିଲେ। ମହିଳାଙ୍କ ଚିତ୍କାର ଶୁଣି ବଜାରବାସୀ ଦୌଡ଼ି ଆସିବାରୁ କମଳାକାନ୍ତ ନିଜ ଦୋକାନ ପଛପଟ ଦେଇ ପଶ୍ଚିମବଙ୍ଗର ନିଜ ଘରକୁ ଚମ୍ପଟ ମାରିଥିଲେ। କମର୍ଦ୍ଦା ପୋଲିସ ଶୁକ୍ରବାର ଭୋର ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ପୋଲିସ ସୂଚନା ଅନୁଯାୟୀ କମଳାକାନ୍ତ ଏକାଧିକ ☞ପୃଷ୍ଠା-୪

### ଜେଲ୍ ଗଲେ ସ୍ୱାମୀ







NATIONAL EGG CO-ORDINATION COMMITTEE 31.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply

Eggs Retail Price- 39/-Dozen

Issued in the Interest of Consumers





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ନିର୍ଣ୍ଣାୟକ ଜନାଦେଶ ନୂତନ ଭାରତ ଗଠନ ଲାଗି ଜନସାଧାରଣଙ୍କ ଆହ୍ୱାନ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



## ସଂକ୍ଷେପରେ

### ଏନ୍କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୩୧।୫ :** ଜମ୍ମୁ-କଶ୍ମୀରର ସୋପିଆନ୍ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍କାଉଣ୍ଟର୍ରେ ୨ ଆତଙ୍କବାଦୀଙ୍କ ସହ ୩ ଜଣ ନିହତ ହୋଇଛନ୍ତି। କୌଣସି ସୂତ୍ରରୁ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇଁ ଦକ୍ଷିଣ କଶ୍ମୀରର ଦ୍ରଗାଡ଼ ସୁଗାନ୍ ଅଞ୍ଚଳରେ ସୁରକ୍ଷା କର୍ମୀ କର୍ଡନ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀମାନେ ଏହାର ଜବାବ ଦେଇଥିଲେ। ନିହତ ୩ ଜଣଙ୍କ ମଧ୍ୟରୁ ଜଣେ ହିଜ୍ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀ ଗୋଷ୍ଠୀର ସାଜୁ ମାଗ୍ରେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ମାଗ୍ରେ ବହୁ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଆତଙ୍କବାଦୀଙ୍କଠାରୁ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ତେଜପ୍ରତାପ ଆହତ



**ପାଟ୍ନା, ୩୧।୫ :** ଆର୍ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବଙ୍କ ପୁଅ ତେଜ୍ପ୍ରତାପ ଦୁର୍ଘଟଣାରେ ଆହତ ହୋଇଛନ୍ତି। ମାରୁତି ବ୍ରେଜାରେ ସେ ଦୁଇ ସହଯୋଗୀଙ୍କ ସହ ପାଟ୍ନା ଇକୋ ପାର୍କ ନିକଟରେ ଯାଉଥିବାବେଳେ ଏକ କାର୍ ସହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁଇଟିଯାକ ଗାଡ଼ି ଭାଙ୍ଗିଯାଇଥିବା ବେଳେ ତେଜ୍ପ୍ରତାପଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅନ୍ୟ କାର୍ରେ ଥିବା ୪ ଜଣ ମଧ୍ୟ ଗୁରୁତର ହୋଇଥିବା ପ୍ରକାଶ। ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

### ଅମେଠିରେ ଭାଜପା କର୍ମୀଙ୍କୁ ହତ୍ୟା: ମୁଖ୍ୟ ଅଭିଯୁକ୍ତ ଅଟକ

**ଅମେଠି, ୩୧।୫ :** ଉତ୍ତରପ୍ରଦେଶର ଅମେଠି ଏମ୍ପି ସ୍ମୃତି ଇରାନୀଙ୍କ ସହଯୋଗୀଙ୍କୁ ହତ୍ୟା କରାଯିବା ଘଟଣାରେ ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ୱାସିମ୍ଙ୍କୁ ଅଟକ ରଖିଛି। ୱାସିମ୍ଙ୍କୁ ମିଶାଇ ଏହି ହତ୍ୟାକାଣ୍ଡ ମାମଲାରେ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଭାଜପା କର୍ମୀ ସୁରେନ୍ଦ୍ର ସିଂଙ୍କୁ ହତ୍ୟା କରିବା ଅଭିଯୋଗରେ ଏହି ୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ୫ ଅଭିଯୁକ୍ତଙ୍କ ମଧ୍ୟରେ ରାମଚନ୍ଦ୍ର ଜଣେ କଂଗ୍ରେସ ନେତା ବୋଲି ପୋଲିସ କହିଛି।

### ଇତିହାସର ଆଇନାରେ

### ଜୁନ୍ ୧ର ପ୍ରମୁଖ ଘଟଣା

୨୦୦୧ ଜୁନ୍ ୧ରେ ନେପାଳ ରାଜପରିବାରରେ ଗଣହତ୍ୟା ଘଟିଥିଲା। ରାଜପୁତ୍ର ଦୀପେନ୍ଦ୍ର ନିଜ ମାତାପିତାଙ୍କ ସମେତ ପରିବାରର ୧୦ ସଦସ୍ୟଙ୍କୁ ଗୁଳିମାରି ହତ୍ୟା କରିଥିଲେ।

୨୦୦୯ ଜୁନ୍ ୧ରେ ଏୟାର ଫ୍ରାନ୍ସ ଫ୍ଲାଇଟ୍ ୪୪୭ ରିଓ ଡି' ଜେନିରୋରୁ ପ୍ୟାରିସ ଯାଉଥିବାବେଳେ ଆଟଲାଣ୍ଟିକ୍ ମହାସାଗରରେ ଖସିପଡ଼ିଥିଲା। ସମସ୍ତ ୨୨୮ ଯାତ୍ରୀ ଏବଂ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ।

## ■ ମୋଦି ୨.୦ କ୍ୟାବିନେଟ୍ର ପ୍ରଥମ ନିଷ୍ପତ୍ତି

# କୃଷକ, ବ୍ୟବସାୟୀଙ୍କୁ ମିଳିବ ପେନ୍ସନ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ଦ୍ୱିତୀୟ ପାଳି ଏନ୍ଡିଏ ସରକାରର ପ୍ରଥମ କ୍ୟାବିନେଟ ବୈଠକ ଶୁକ୍ରବାର ବସି ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଅଧିକ ୨ କୋଟି ଚାଷୀଙ୍କୁ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାରେ ବର୍ଷକୁ ୬୦୦୦ ଟଙ୍କା ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଗ୍ରାମାଞ୍ଚଳରେ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ଲାଗି ପିଏମ୍ କିଷାନ ଯୋଜନା ପରିସର ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଛି। ଫଳରେ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କୁ ୮୭,୨୧୭.୫୦ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ପୂର୍ବ ସରକାର ଏହି ଯୋଜନାରେ ବାର୍ଷିକ ୭୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ସବୁ କୃଷକଙ୍କୁ ପିଏମ୍-କିଷାନ ଯୋଜନାରେ ସାମିଲ କରିବା ଲାଗି ନିଷ୍ପତ୍ତି ହୋଇଥିବାରୁ ପାଖାପାଖି ୧୪.୫ କୋଟି କୃଷକ ଏଥିରୁ ଉପକୃତ ହୋଇପାରିବେ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଗଣମାଧ୍ୟମକୁ ସୂଚାଇଛନ୍ତି। ଏହା ବ୍ୟତୀତ ଦେଶର ଚାଷୀ, କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପେନ୍ସନ ଯୋଗାଇଦେବା ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏଥିପାଇଁ ଆଗାମୀ ୩ ବର୍ଷରେ ସରକାର ୧୦,୭୭୪.୫ କୋଟି ଟଙ୍କା ବ୍ୟୟ କରିବେ। ଏଭଳି ନିଷ୍ପତ୍ତି ଫଳରେ କୃଷି ସେକ୍ଟରରେ ଦେଖାଦେଇଥିବା ସଙ୍କଟ ଦୂର ହୋଇପାରିବ। ଦେଶର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦୧୮-୧୯ ଆର୍ଥିକ ବର୍ଷରେ ହ୍ରାସ ପାଇଥିଲା। ନୂଆ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ କଠିନ ପରିଶ୍ରମ କରୁଥିବା ଦେଶର କୃଷକ ଏବଂ ଉଦ୍ୟମୀ ବ୍ୟବସାୟୀମାନଙ୍କ ଲାଗି ସହାୟକ ହେବ। ଜନତା ପ୍ରଥମେ ଓ ସବୁବେଳେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।



ପ୍ରଥମ କ୍ୟାବିନେଟ ବୈଠକ ଶେଷ ହେବାପରେ ନବନିଯୁକ୍ତ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ ଓ ନୀତିନ୍ ଗଡ଼କରୀ

**ପିଏମ୍ କିଷାନ ଯୋଜନାରେ ଅଧିକ ୨ କୋଟି ଚାଷୀ ସାମିଲ ହେବେ**

## କରମ୍ବୀର ସିଂ ନୌସେନା ମୁଖ୍ୟ

**ନୂଆଦିଲ୍ଲୀ, ୩୧।୫**



ଦେଶର ୨୪ତମ ନୌସେନା ମୁଖ୍ୟଭାବେ ଆଡମିରାଲ୍ କରମବୀର ସିଂ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଡ଼ମିରାଲ୍ ସୁନୀଲ ଲାନ୍ବା ଅବସର ନେଲା ପରେ ସେ ଏହି ଗୁରୁଦାୟିତ୍ୱ ତୁଲାଇବେ। ଆଡମିରାଲ୍ ସିଂ ବିଶାଖାପାଟଣାସ୍ଥିତ ମୁଖ୍ୟାଳୟରେ ଇଷ୍ଟର୍ନ ନାଭାଲ୍ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ଭାବେ କାର୍ଯ୍ୟ କରୁଥିଲେ। ଜଣେ ବରିଷ୍ଠ ନୌସେନା ଅଧିକାରୀ ଓ ପ୍ରଥମ ନୌସେନା ପାଇଲଟ୍ଭାବେ ସେ ଜଣାଶୁଣା। ନୌସେନାର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି।

ତାଙ୍କ ନିଯୁକ୍ତିକୁ ନେଇ ବାଦବିବାଦ ଲାଗି ରହିଥିଲା। ଭାଇସ୍ ଆଡମିରାଲ୍ ବିମଲ୍ ଶର୍ମା ନିଜକୁ ବରିଷ୍ଠ ବୋଲି କହି ତାଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ୍ କରିବା ସହ ଆର୍ମଡ୍ ଫୋର୍ସ ଟ୍ରିବ୍ୟୁନାଲ୍(ଏଏଫ୍ଟି)ରେ ପିଟିଶନ୍ ଦାଖଲ କରିଥିଲେ।

## ପୂର୍ବତନ ସୈନିକ ପିଲାଙ୍କ ଛାତ୍ରବୃତ୍ତି ବଢ଼ିଲା

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ନିଷ୍ପତ୍ତି ସ୍ୱରୂପ ସେନା ଓ ଅର୍ଦ୍ଧସାମରିକ ବାହିନୀର ପରଲୋକଗତ କିମ୍ବା ଅବସରପ୍ରାପ୍ତ ଯବାନଙ୍କ ବିଧବା ଓ ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି କରିଛନ୍ତି। ଜାତୀୟ ପ୍ରତିରକ୍ଷା ପାଣ୍ଠି (ଏନ୍ଡିଏଫ୍)ରୁ ଏହି ଛାତ୍ରବୃତ୍ତି ଯୋଗାଇ ଦିଆଯାଇଥାଏ। ଆତଙ୍କବାଦୀ ଓ ମାଓବାଦୀ ଆକ୍ରମଣରେ ଶହୀଦ ହେଉଥିବା ରାଜ୍ୟ ପୋଲିସ ଅଧିକାରୀମାନଙ୍କ ପିଲାମାନଙ୍କୁ ମଧ୍ୟ ଏଣିକି ଏହି ଛାତ୍ରବୃତ୍ତି ମିଳିପାରିବ। ପୂର୍ବରୁ ଛାତ୍ରଙ୍କୁ ମାସିକ ୨୦୦୦ ଟଙ୍କା ମିଳୁଥିବାବେଳେ ତାହାକୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଛାତ୍ରୀଙ୍କୁ ୨୨୫୦ ବଦଳରେ ମାସିକ ୩୦୦୦ ଟଙ୍କା ମିଳିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ■ ବିମ୍ଷ୍ଟେକ୍ ନେତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

# ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

କେନ୍ଦ୍ର ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଆସିଥିବା ବିମ୍ଷ୍ଟେକ୍ (ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେ ଅଲଗା ଅଲଗା ଭାବେ ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗଙ୍କ ସହ ଆଲୋଚନା କରିବା ଅବସରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୋଦି ବାଂଲାଦେଶ ରାଷ୍ଟ୍ରପତି ଅବଦୁଲ୍ ହମିଦ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରଭିନ୍ଦ ଜଗନ୍ନାଥଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

ଆତଙ୍କବାଦ ଓ ଉଗ୍ରବାଦ ସମଗ୍ର ମାନବଜାତି ପାଇଁ ବିପଦ ସୃଷ୍ଟି କରିଥିବା ମୋଦି ଓ ସିରିସେନା ଉଲ୍ଲେଖ କରିବା ସହ ଦକ୍ଷିଣ ଏସିଆ ଏବଂ ଭାରତ ମହାସାଗର ଅଞ୍ଚଳରେ ଶାନ୍ତି ଓ ନିରାପତ୍ତା ପାଇଁ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ନିବିଡ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିବାରୁ ସିରିସେନାଙ୍କୁ ମୋଦି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୋଦି ଓ ମରିସସ୍ ପ୍ରଧାନମନ୍ତ୍ରୀ ଦୁଇ ଦେଶ ତଥା ଭାରତ ମହାସାଗର ଅଞ୍ଚଳରେ ସୁରକ୍ଷା ଓ ବିକାଶ ପାଇଁ ଏକାଠି କାର୍ଯ୍ୟ କରିବାକୁ ସହମତ ହୋଇଥିଲେ। ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ଭ୍ରାତୃତ୍ୱ ଭାବ ବୃଦ୍ଧି କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଉପରେ ମରିସସ୍ ପ୍ରଧାନମନ୍ତ୍ରୀ ଜଗନ୍ନାଥ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ନେପାଳ ସହ ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ଓଲି ସହମତ ହୋଇଥିଲେ। ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ସମ୍ପର୍କକୁ ମଜଭୁତ କରିବା ଲାଗି ଦୁଇ ନେତା ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହାବ୍ୟତୀତ ମୋଦି କିରଗିଜ ରାଷ୍ଟ୍ରପତି ସୁରୋନବେ ଜିନବେକୋଭ୍ଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।



ଦ୍ୱିପାକ୍ଷିକ ଆଲୋଚନା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମରିସସ୍ ପ୍ରତିପକ୍ଷ ପ୍ରଭିନ୍ଦ ଜଗନ୍ନାଥଙ୍କ ସହ ହାଇଦ୍ରାବାଦ୍ ହାଉସ୍କୁ ଯାଉଛନ୍ତି।

## ସିସିଏସ୍ରେ ଶାହ, ଜୟଶଙ୍କର ନୂଆ ମୁହଁ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ସବୁଠୁ କ୍ଷମତାଶାଳୀ ନିରାପତ୍ତା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ରେ ଦୁଇ ଜଣ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ସେମାନେ ହେଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ କୂଟନୀତିଜ୍ଞ ତଥା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସିସିଏସ୍ ପ୍ରତିରକ୍ଷା ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ସମେତ ଦେଶର ନିରାପତ୍ତା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥାଏ। ଏହି କମିଟିରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ସଦସ୍ୟ ରହିଥାନ୍ତି। ଶାହ ପ୍ରଥମ ଥର ଲାଗି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଉତ୍ତର, ଦକ୍ଷିଣ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ

**ନୂଆଦିଲ୍ଲୀ,୩୧।୫(ପି.ଟି)**



ଏପ୍ରିଲରୁ ଦେଶର ଅଧିକାଂଶ ସହର ତତଲା କଡେଇରେ ପଡି ଛଟପଟ ହେଉଥିବାବେଳେ କେତେକ ସହରର ତାପମାତ୍ରା ୪୮ ଡିଗ୍ରୀ ଛୁଇଁଛି। ଦେଶର ଅଧିକାଂଶ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଥିବା ରେକର୍ଡ କରାଯାଇଛି। ଦେଶରେ ଜୁନ୍ରୁ ସେପ୍ଟେମ୍ବର ମଧ୍ୟରେ ମୋଟାମୋଟି ମୌସୁମୀ ପ୍ରବାହ ସ୍ୱାଭାବିକ ରହିବ। ଉତ୍ତର ଓ ଦକ୍ଷିଣ ଭାଗରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏଲ୍-ନିନ୍ୟୋ ମୌସୁମୀ ପ୍ରବାହକୁ ପ୍ରତିହତ କରିବ ବୋଲି ବିଶ୍ୱାସ କରାଯାଉଛି। ତେବେ ବର୍ଷାଋତୁର ଶେଷଭାଗକୁ ଏଭଳି ସ୍ଥିତି ନିଷ୍କ୍ରିୟ ହୋଇପଡିବା ସମ୍ଭାବନା ଅଛି। ମୌସୁମୀ ବାୟୁ ପ୍ରବାହ ଜୁଲାଇରେ ସ୍ୱାଭାବିକଠାରୁ କମ୍ ଏବଂ ଅଗଷ୍ଟରେ ସ୍ୱାଭାବିକ ହୋଇପାରେ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୬ରେ ସ୍ୱାଭାବିକ ସମୟଠାରୁ ୫ ଦିନ ବିଳମ୍ବରେ କେରଳ ଛୁଇଁବା ସମ୍ଭାବନା ଅଛି।

## ଏସ୍. ଜୟଶଙ୍କର: ବହିର୍ବ୍ୟାପାର ସଚିବରୁ ବିଭାଗୀୟ ମନ୍ତ୍ରୀ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କର ଶୁକ୍ରବାର ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ କୂଟନୀତିଜ୍ଞଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ମିଳିବା ବିରଳ ଘଟଣା। ଚାଇନା ଓ ଆମେରିକା ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାରେ ବିଶେଷଜ୍ଞ ବିବେଚିତ ହୋଇଥିବା ଜୟଶଙ୍କରଙ୍କର ମନ୍ତ୍ରୀ ଭାବେ ଭୂମିକା କ'ଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିବ। ବହିର୍ବ୍ୟାପାର ସଚିବ ଭାବେ ଅବସର ଗ୍ରହଣ କରିବାର ୧୬ ମାସ ପରେ ଜୟଶଙ୍କର ଉକ୍ତ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ମନ୍ତ୍ରିତ୍ୱ କାଳରେ ଅନ୍ତର୍ଜାତୀୟ ସ୍ତରରେ ବିଶେଷକରି ଜି-୨୦, ସାଙ୍ଘାଇ ସହଯୋଗ ସଂଗଠନ, ବ୍ରିକ୍ସ ଭଳି ବହୁପାକ୍ଷୀୟ ଫୋରମରେ ଭାରତର ପ୍ରଭାବ ଓ ଗୁରୁତ୍ୱ ବଢ଼ାଇବା ଆଶା କରାଯାଉଛି। ସେହିପରି ଆମେରିକା, ରୁଷିଆ, ଫ୍ରାନ୍ସ, ଜାପାନ, ୟୁରୋପୀୟ ସଂଘ ସମେତ ପଡୋଶୀ ଦେଶଗୁଡିକ ସହ ଭାରତର ବାଣିଜ୍ୟ ଓ ପ୍ରତିରକ୍ଷା ସମ୍ପର୍କ ବଢ଼ାଇବା ତାଙ୍କ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟ ହେବ। ୨୦୧୭ ଡୋକଲାମ ଘଟଣା ପରେ ଚାଇନା ସହ ବିଗିଡିଯାଇଥିବା ସମ୍ପର୍କକୁ ପୁନର୍ବାର ସଜାଡିବା ଜୟଶଙ୍କରଙ୍କ ପାଇଁ ଅନ୍ୟତମ ଚ୍ୟାଲେଞ୍ଜ ହେବ। ଚାଇନା ନିଜର ଉପସ୍ଥିତି ଓ ପ୍ରଭାବ ବଢ଼ାଇ ଚାଲିଥିବା ଆଫ୍ରିକା ମହାଦେଶ ସହ ସହଯୋଗ ବୃଦ୍ଧି କରିବା ମଧ୍ୟ ଜୟଶଙ୍କରଙ୍କର ଅନ୍ୟ ପ୍ରମୁଖ କାର୍ଯ୍ୟ ହେବ। ଏହାବ୍ୟତୀତ ବହୁପ୍ରତୀକ୍ଷିତ ଜାତିସଂଘ ସୁରକ୍ଷା ପରିଷଦ ଏବଂ ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀର ସଦସ୍ୟତା ଜୟଶଙ୍କରଙ୍କ ସମୟରେ ମିଳିବା ନେଇ ଆଶା କରାଯାଉଛି।

ଭାରତ-ଆମେରିକା ଆଣବିକ ଚୁକ୍ତିନାମା ପାଇଁ ଗଠିତ ଭାରତୀୟ ଟିମ୍ରେ ଜୟଶଙ୍କର ପ୍ରମୁଖ ସଦସ୍ୟ ଥିଲେ। ୨୦୧୫ରେ ବହିର୍ବ୍ୟାପାର ସଚିବ ହେବା ପୂର୍ବରୁ ସେ ଆମେରିକା ଓ ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିଲେ। ୧୯୭୭ ବ୍ୟାଚ୍ର ଏହି ଆଇଏଫ୍ଏସ୍ ଅଫିସର ଲଦାଖ ଡେପସାଙ୍ଗ ଏବଂ ଡୋକଲାମରେ ଭାରତ ଓ ଚାଇନା ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସମାଧାନ କରିବା, ବେଜିଂ ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣାକୁ ସଫଳତାର ସହ ପରିଚାଳନା କରିଛନ୍ତି। ଏହା ପୂର୍ବରୁ ସେ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଏବଂ ଚେକ୍ ଗଣରାଜ୍ୟରେ ରାଷ୍ଟ୍ରଦୂତ ଥିଲେ। ଗତବର୍ଷ ଟାଟା ଗ୍ରୁପ୍ ତାଙ୍କୁ ଅନ୍ତର୍ଜାତୀୟ କର୍ପୋରେଟ ବ୍ୟାପର ଅଧ୍ୟକ୍ଷ ନିଯୁକ୍ତ କରିଥିଲା।



**ଡୋକଲାମ ସମସ୍ୟାକୁ ସଫଳତାର ସହ ପରିଚାଳନା କରିଥିଲେ**






## ସାୟାନୀଙ୍କ ଭିନ୍ନ ଅବତାର

**ମୁମ୍ବାଇ:** ଅଭିନେତ୍ରୀ ସାୟାନୀ ଗୁପ୍ତା ଅନୁଭବ ସିହ୍ନାଙ୍କ 'ଆର୍ଟିକିଲ୍ ୧୫'ରେ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ। ଏହି ଭୂମିକା ତାଙ୍କ ପାଇଁ ନୂଆ ହୋଇଥିଲେ ହେଁ ଏହାକୁ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସାଧାରଣ ସାଲୱାର-ସୁଟ୍ ସହିତ ଖୁବ୍ କମ୍ ମେକ୍-ଅପ୍ରେ ଆୟୁଷ୍ମାନ ଖୁରାନାଙ୍କ ସହ ସାୟାନୀ ଅଭିନୟ କରିବେ। ଏ ସମ୍ପର୍କରେ ସେ କହନ୍ତି, ମୁଁ କିଭଳି ଚରିତ୍ରକୁ ଭଲ ପାଏ ତାହାକୁ ନିର୍ଭର କରି ଫିଲ୍ମ ପସନ୍ଦ କରେନାହିଁ। ବରଂ କାହାଣୀ କେତେଦୂର ମୋତେ ଆକର୍ଷଣ କରେ ତାହା ଉପରେ ନିର୍ଭର କରିବାକୁ ପଡିଥାଏ। ଏଥିସହିତ ଅଭିନୟ କରିବା ବେଳେ ପ୍ରତି ଚରିତ୍ରକୁ କିପରି ଜୀବନ୍ତ କରିବାକୁ ହେବ ସେଥିପାଇଁ ଉଦ୍ୟମ କରିଥାଏ। ଅନୁଭବ ସିହ୍ନାଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ଫିଲ୍ମ ସମ୍ବିଧାନର ଅନୁଚ୍ଛେଦ ୧୫ ବିଷୟରେ ଜନସାଧାରଣଙ୍କୁ ମନେପକାଇ ଦିଏ। ଧର୍ମ, ଜାତି, ଲିଙ୍ଗ ଏବଂ ଜନ୍ମସ୍ଥାନ ଆଧାରରେ କୌଣସି ବ୍ୟକ୍ତି ପ୍ରତି ପାତରଅନ୍ତର ମନୋଭାବ ପୋଷଣ ନ କରିବା ପାଇଁ ଏଥିରେ ଉଲ୍ଲେଖ ରହିଥିବାବେଳେ ଏହାର ମୂଲ୍ୟବୋଧକୁ ଲୋକେ କିପରି ଭୁଲିଗଲେଣି ତାହା ଉକ୍ତ ଫିଲ୍ମ ସ୍ମରଣ କରାଇଦିଏ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ମନୋଜ ପାହ୍ୱା, ଇଶା ତଲୱାର, କୁମୁଦ ମିଶ୍ର ଏବଂ ମହମ୍ମଦ ଜିଶାନ୍ ଆୟୁବ। ଏହା ଜୁନ୍ ୨୮ରେ ମୁକ୍ତିଲାଭ କରିବାର ଅଛି।



## ସଂକ୍ଷେପରେ

### ବାଇକ ଧକ୍କାରେ ଜଣେ ମୃତ

ତାଳଚେର/ବଅଁରପାଳ, ୩୧।୫: ବାଇକ୍ ଧକ୍କାରେ ତାଳଚେର ବ୍ଲକ ଗୋପାଳପ୍ରସାଦର ମାଗତା ବାରିକ(୬୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ଘର ସମ୍ମୁଖରେ ଛିଡା ହୋଇଥିବାବେଳେ ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ କଲିଯାରୀ ପୋଲିସ ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ବଅଁରପାଳ ଥାନା ବନ୍ଧା ନିକଟରେ ଶୁକ୍ରବାର ସକାଳେ ଅଶୋକ ପ୍ରଧାନ ନାମକ ଜଣେ ଯୁବକ ବାଇକ୍‌ରୁ ପଡି ଗୁରତର ହୋଇଛନ୍ତି।

### ମୋଦିଙ୍କ ମନ୍ତ୍ରିମଣ୍ଡଳ: ପଶ୍ଚିମ ଓଡ଼ିଶାର କାହାରିକୁ ମିଳିଲାନି ମନ୍ତ୍ରୀପଦ

# ପ୍ରଶ୍ନ ଉଠାଇଲା ବିଜେଡି

- ୫ ଏମ୍‌ପିଙ୍କ ମଧ୍ୟରୁ ଜଣଙ୍କୁ ମିଳିଲାନି: ସୁଶାନ୍ତ
- ଏହା ଏକ ସୁସ୍ଥ ପରମ୍ପରା କହିଲେ ଜୁଏଲ
- ଜୁଏଲଙ୍କୁ ଭେଟିଲେ ଧର୍ମେନ୍ଦ୍ର, ପ୍ରତାପ

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ଦ୍ୱିତୀୟ ପାଳି ଆରମ୍ଭ ହୋଇଯାଇଛି। ଗତ ଗୁରୁବାର ମୋଦି ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ଓଡ଼ିଶାରୁ ଦୁଇଜଣ କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମଧ୍ୟପ୍ରଦେଶରୁ ରାଜ୍ୟ ସଭା ଯାଇଥିବା ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ ସରକାରରେ ପୁଣିଥରେ କ୍ୟାବିନେଟ୍‌ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ପ୍ରଥମ ଥର ଲାଗି ଏମ୍‌ପିଭାବେ ନିର୍ବାଚିତ ହୋଇଥିବା ପ୍ରତାପ ଷଡ଼ଙ୍ଗୀ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୪ ନିର୍ବାଚନରେ ଓଡ଼ିଶାର ଗୋଟିଏ ଲୋକ ସଭା ଆସନରେ ଭାଜପାକୁ ସଫଳତା ମିଳିଥିବାବେଳେ ଦୁଇଜଣଙ୍କୁ ମୋଦିଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ମାତ୍ର ଚଳିତ ନିର୍ବାଚନରେ ଭାଜପା ଓଡ଼ିଶାରେ ୮ଟି ଲୋକ ସଭା ଆସନ ହାତେଇଥିବାବେଳେ ଦୁଇଜଣଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ଏବଂ ଗୋଟିଏ କ୍ୟାବିନେଟ୍ ପାହ୍ୟା ମିଳିବାକୁ ନେଇ ବିଜେଡି ନେତା ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟତଃ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଜୁଏଲଙ୍କୁ ଏଥର ମନ୍ତ୍ରୀପଦ ନ ମିଳିବାପରେ ସାଧାରଣରେ ଭିନ୍ନଧରଣର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପର୍କରେ କହିଛନ୍ତି ଯେ, ଭାଜପା ପଶ୍ଚିମ ଓଡ଼ିଶାର ସମସ୍ତ ୫ଟି ଯାକ ଲୋକ ସଭା ଆସନରେ ବିଜୟୀ ହୋଇଛି। ହେଲେ ଏମାନଙ୍କ ମଧ୍ୟରୁ କାହାରିକୁ ମନ୍ତ୍ରୀ କରାଗଲା ନାହିଁ। ଏହାଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ତୁ ପଶ୍ଚିମ ଓଡ଼ିଶାରୁ ୬ଜଣଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି।

ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ବିଜେଡି ନେତାଙ୍କ ମତ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମ ଓଡ଼ିଶାର ବ୍ୟକ୍ତି। ଜୁଏଲଙ୍କୁ ମନ୍ତ୍ରୀ ପଦ ନ ମିଳିବା ନେଇ ଅରୁଣ କହିଛନ୍ତି, ସେ ହେଉଛନ୍ତି ଦଳର ଜଣେ ବରିଷ୍ଠ ନେତା। ତାଙ୍କୁ ଯେଉଁ ଦାୟିତ୍ୱ ମିଳିବ ତାକୁ ଜୁଏଲ ତୁଲାଇବେ ବୋଲି ଅରୁଣ କହିଛନ୍ତି। ଅନ୍ୟପକ୍ଷରେ ଜୁଏଲ କହିଛନ୍ତି ଯେ, ଏଥର ଆମର ୩୦୩ ଏମ୍‌ପି ଜିତିଛନ୍ତି। ସେଥିରୁ ୫୦ଜଣ ମନ୍ତ୍ରୀ ହେବେ। ଏଥର କେତେଜଣ ନୂଆ ଲୋକଙ୍କୁ ସୁଯୋଗ ମିଳିଛି। ଆଉ କେତେଜଣଙ୍କୁ ବାଦ୍ ଦିଆଯାଇଛି। ଗତଥର ସୁଯୋଗ ପାଇଥିଲି। ଏହା ଏକ ସୁସ୍ଥ ପରମ୍ପରା ବୋଲି ସେ କହିଛନ୍ତି।

ଅପରପକ୍ଷରେ ଶୁକ୍ରବାର ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ଦିଲ୍ଲୀଠାରେ ଜୁଏଲ ଓରାମ୍‌ଙ୍କୁ ସାକ୍ଷାତ କରିଛନ୍ତି। ଜୁଏଲ ଦୁଇ ମନ୍ତ୍ରୀଙ୍କୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ଆମର ବରିଷ୍ଠତମ ନେତା ହେଉଛନ୍ତି ଜୁଏଲ। ତାଙ୍କ ଆଶୀର୍ବାଦ ପାଇଁ ଆସିଥିଲୁ। ତାଙ୍କ ନେତୃତ୍ୱରେ ରାଜ୍ୟରେ କାମ କରିବୁ। ମନ୍ତ୍ରୀ ପରିଷଦରେ କିଏ ରହିବ ନ ରହିବ ତାହା ପ୍ରଧାନମନ୍ତ୍ରୀଙ୍କ ନିଜସ୍ୱ ବିଚାର। ସରକାରରେ ତାଙ୍କ ବଡ଼ ଭୂମିକା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଆଜି ବାଚସ୍ପତି ନିର୍ବାଚନ

- ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରନ୍ତି
- ଶପଥ ନେଲେ ୧୪୧ ନୂଆ ବିଧାୟକ

ଭୁବନେଶ୍ୱର,୩୧।୫(ବ୍ୟୁରୋ): ଷୋଡ଼ଶ ବିଧାନସଭା ପାଇଁ ଶନିବାର ପୂର୍ବାହ୍ନ ୧୧ଟାରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ବିଜେଡି ପକ୍ଷରୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବାଚସ୍ପତି ପାଇଁ ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନାମ ବିଧାନସଭା ସଚିବ ଶିଶିର ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ କୌଣସି ଦଳ ପକ୍ଷରୁ ବାଚସ୍ପତି ପଦବୀ ପାଇଁ ପ୍ରସ୍ତାବ ଦିଆଯାଇ ନାହିଁ। କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ବାଚସ୍ପତି ଭାବେ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ। କେବଳ ଔପଚାରିକତା ଦୃଷ୍ଟିରୁ ବିଧାନସଭା ସଚିବାଳୟ ପକ୍ଷରୁ ବାଚସ୍ପତିଙ୍କ ନାମ ଘୋଷଣା କରାଯିବ। ବାଚସ୍ପତି ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କାମଚଳା ବାଚସ୍ପତି ଅମର ଶତପଥୀ ଦାୟିତ୍ୱ ତୁଲାଇବେ।

ଦୁଇଦିନ ଧରି ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କ ଶପଥ ପାଠ କାର୍ଯ୍ୟକ୍ରମ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୧୪୧ ବିଧାୟକ ଶପଥ ଗ୍ରହଣ କରି ସାରିଛନ୍ତି। ଗୁରୁବାର ୧୦୬ ବିଧାୟକ ଶପଥ ପାଠ କରିଥିବା ବେଳେ ଶୁକ୍ରବାର ୩୫ଜଣ ଶପଥ ନେଇଛନ୍ତି। ଅନ୍ୟ ୫ ବିଧାୟକ ଶନିବାର ଶପଥ ନେବେ ବୋଲି ଜଣାପଡ଼ିଛି।

# କେନ୍ଦୁପତ୍ର ଗୋଦାମ ପୋଡ଼ିଲେ ମାଓବାଦୀ

ଚନ୍ଦାହାଣ୍ଡି, ୩୧।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦେଓବନ୍ଧସ୍ଥିତ କେନ୍ଦୁପତ୍ର ଗୋଦାମକୁ ଗୁରୁବାର ବିଳମ୍ବିତ ରାତିରେ ମାଓବାଦୀମାନେ ନିଆଁ ଲଗାଇ ଦେଇଛନ୍ତି । ଏଥିଯୋଗୁ ପ୍ରାୟ ୨ କୋଟି ଟଙ୍କାର କେନ୍ଦୁପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଜିଲା କେନ୍ଦୁପତ୍ର ବିଭାଗ ତରଫରୁ ଏହି ସୂଚନା ଦିଆଯାଇଛି।

### ପ୍ରାୟ ୨ କୋଟି ଟଙ୍କାର ପତ୍ର ନଷ୍ଟ



ଗୋଦାମରେ ଲାଗିଥିବା ନିଆଁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ୩୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଦେଓବନ୍ଧ କେନ୍ଦୁପତ୍ର ଗୋଦାମକୁ ଯାଇଥିଲେ। ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ କେନ୍ଦୁପତ୍ର ଗୋଦାମ ପାଚେରି ଚତୁଃପାର୍ଶ୍ୱରେ ଜଗି ରହିଥିବା ବେଳେ ୧୦ ମାଓବାଦୀ ଗୋଦାମ ଭିତରେ ପ୍ରବେଶ କରିଥିଲେ। ଗୋଦାମ ସମ୍ମୁଖରେ ଥିବା କାର୍ଯ୍ୟାଳୟରେ ପହଞ୍ଚି କବାଟ ବାଡେଇଥିଲେ। ଚନ୍ଦାହାଣ୍ଡି କେନ୍ଦୁପତ୍ର ବିଭାଗର ଗାର୍ଡ କୃଷ୍ଣ ଚନ୍ଦ୍ର ପୂଜାରୀ, ଦଣ୍ଡାମୁଣ୍ଡା ଫରେଷ୍ଟର ସନ୍ତୋଷ କୁମାର ଶିରା ଓ ରାତ୍ର ଜଗୁଆଳି ଘାସିରାମ ପୁର୍ତ୍ତି ବାହାରକୁ ଆସିଥିଲେ। ମାଓବାଦୀମାନେ ସେମାନଙ୍କୁ ଦୂରକୁ ଡାକିନେଇ ହିନ୍ଦୀ ଭାଷାରେ କଥା ହୋଇଥିଲେ। ଆମ୍ଭେ ତୁମ୍ଭମାନଙ୍କର କିଛି କରିବୁ ନାହିଁ, ତୁମର ଠିକାଦାର କିଏ ଓ କେଉଁଠି ରହୁଛି ବୋଲି ପଚାରିଥିଲେ। ଠିକାଦାର ଏଠି ରହୁ ନାହାନ୍ତି କହିବାରୁ ସେମାନେ କେନ୍ଦୁପତ୍ର ଗୋଦାମର ଚାବି ମାଗିଥିଲେ। ଚାବି ଆମପାଖରେ ନାହିଁ ବୋଲି ସଂପୃକ୍ତ କର୍ମଚାରୀମାନେ କହିଥିଲେ। ଏହା ପରେ ମାଓବାଦୀମାନେ ଗୋଦାମର ତାଲା ଭାଙ୍ଗି ନିଆଁ ଲଗାଇଦେଇଥିବା ଉକ୍ତ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ମାଓବାଦୀମାନେ ଚାଲିଯିବା ପରେ କର୍ମଚାରୀମାନେ ରେଞ୍ଜର ଚକ୍ରଧର ରାଜୁଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସେ ପୋଲିସ ଏବଂ ବିଏସ୍‌ଏଫ୍‌ଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ରାତି ପ୍ରାୟ ୨ଟାରୁ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ନିଆଁ ଲିଭା ଚାଲିଥିଲା । ଉକ୍ତ ଗୋଦାମର ୯ଟି ଗୃହରେ ୨୦୧୭ ମସିହାର ୧୫୭୫ ବସ୍ତା ପତ୍ର ରହିଥିଲା। ଚଳିତ ବର୍ଷର କେନ୍ଦୁପତ୍ର ମିଶି ମୋଟ ୧ କୋଟି ୯୧ ଲକ୍ଷ ୧୫ ହଜାର ଟଙ୍କାର ପତ୍ର ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହେଇଯାଇଛି। ଚନ୍ଦାହାଣ୍ଡି ଥାନା ଅଧିକାରୀ ବି.ଏମ୍. ସେଠୀ ଓ ବିଏସ୍‌ଏଫ୍ ଯବାନ ଘଟଣାର ତଦନ୍ତ କରୁଛନ୍ତି। ସନ୍ତୋଷ କୁମାର ଶୀରା ଏ ସମ୍ପର୍କରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ଥାନାରେ ନଂ. ୪୬/୧୯ରେ ମାମଲା ରୁଜୁ ହୋଇଛି। ଇନ୍ଦାଗାଁଓ ମାଓବାଦୀ ଏରିଆ କମିଟି ମୁଖ୍ୟ ଲଳିତା ଓ ତାଙ୍କ ସହକର୍ମୀମାନେ ଏହା କରିଥିବା ଉମରକୋଟ ଏସ୍‌ଡିପିଓ ହରେକୃଷ୍ଣ ପାଢୀ ସୂଚନା ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ଘଟଣାଟି ପ୍ରଥମ ଥର ପାଇଁ ହୋଇଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି।

### କଣ୍ଟାବାଞ୍ଜି ବିଧାନସଭା ଫଳାଫଳକୁ ନେଇ ହାଇକୋର୍ଟରେ ମାମଲା

# ପୋଲିଂଠାରୁ ଇଭିଏମ୍‌ରୁ ବାହାରିଛି ଅଧିକ ଭୋଟ

କଟକ ଅଫିସ, ୩୧।୫

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ପୁଣି ପ୍ରଶ୍ନବାଚୀ। ପୋଲିଂଠାରୁ ୮,୬୬୬ ଖଣ୍ଡ ଅଧିକ ଭୋଟ ଇଭିଏମ୍‌ରୁ ବାହାରିଛି। ଇଭିଏମ୍‌କୁ ନେଇ ଯେଉଁ ବିବାଦ ଲାଗି ରହିଛି ସେଥିରେ ଆଉ ଏକ ଅଧ୍ୟାୟ ଯୋଡି ହୋଇଯାଇଛି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ଆସନର ଫଳାଫଳକୁ ନେଇ। ଉକ୍ତ ନିର୍ବାଚନମଣ୍ଡଳୀର ଭୋଟର ଭୁବନାନନ୍ଦ ମହାନ୍ତ ଓ ରୂପେଶ କୁମାର ବେହେରା କଣ୍ଟାବାଞ୍ଜି ଆସନର ଫଳାଫଳକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ପିଟିଶନରେ କୋର୍ଟଙ୍କୁ ନିବେଦନ କରିଛନ୍ତି। ପିଟିଶନରେ ସେମାନେ ଦର୍ଶାଇଛନ୍ତି, କଣ୍ଟାବାଞ୍ଜି ଆସନରେ ମୋଟ ୧ ଲକ୍ଷ ୮୨ହଜାର ୪୧୧ ଖଣ୍ଡ ଭୋଟ ପୋଲିଂ ହୋଇଥିଲା। କିନ୍ତୁ ଭୋଟ ଗଣତିରୁ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୭୭ ଖଣ୍ଡ ଭୋଟ ବାହାରିଛି। ସମୁଦାୟ ପୋଲିଂ ଓ ଗଣତିରୁ ଯେଉଁ ଭୋଟ ବାହାରିଛି ସେଥିରେ ତାଳମେଳ ରହୁନାହିଁ। ତେଣୁ ପୋଲିଂଠାରୁ ଅଧିକ ୮,୬୬୬ ଭୋଟ ଇଭିଏମ୍ ଟାମ୍ପରିଂ କରାଯାଇ ଦିଆଯାଇଥିବା ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଥିଲେ। ଏପରି କି ଏହାର ସିବିଆଇ ଯାଞ୍ଚ ପାଇଁ ମଧ୍ୟ ସେମାନେ ନିବେଦନ କରିଛନ୍ତି। ମାମଲାରେ ଭାରତୀୟ ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସ୍ଥାନୀୟ ରିଟର୍ନିଂ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଥାଉ କି, କଣ୍ଟାବାଞ୍ଜି ଆସନରୁ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ମାତ୍ର ୧୨୮ ଖଣ୍ଡ ଭୋଟରେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।



**ସଂକ୍ଷେପରେ**

## ବସ୍ ଭିତରୁ ଯାତ୍ରୀଙ୍କ ମୃତଦେହ ଉଦ୍ଧାର

### ବାଲେଶ୍ୱରରୁ ଆସୁଥିଲେ ବଲାଙ୍ଗୀର

**ବଲାଙ୍ଗୀର ଅଫିସ, ୩୧।୫:** ବାଲେଶ୍ୱରରୁ ବଲାଙ୍ଗୀର ଆସୁଥିବା ଏକ ବସ୍‌ରୁ ଶୁକ୍ରବାର ସକାଳେ ଜଣେ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ବ୍ୟକ୍ତି ଜଣକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅନ୍ତର୍ଗତ ହିଡିଗାଁର ରବୀନ୍ଦ୍ର କୁମାର ସାମନ୍ତ (୫୫) । ସେ ଜଣେ ଟାଇଲ୍ସ ଠିକାଦାର ଭାବେ ବଲାଙ୍ଗୀରରେ କାମ କରନ୍ତି । ବସଟି ଶୁକ୍ରବାର ସକାଳ ୭ଟାରେ ବଲାଙ୍ଗୀର ଯାଦବ ଭବନ ପାଖରେ ପହଞ୍ଚିବା ପରେ ସମସ୍ତ ଯାତ୍ରୀ ଓହ୍ଲାଇଥିଲେ । ମାତ୍ର ରବୀନ୍ଦ୍ର ତାଙ୍କ ସ୍ଲିପର ସିଟ୍‌ରେ ଶୋଇରହିଥିବା ଦେଖାଯାଇଥିଲା । ବସ୍ କର୍ମଚାରୀ ରବୀନ୍ଦ୍ରଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ ସେ ଉଠି ନ ଥିଲେ । ଶେଷରେ ଏ ନେଇ ବଲାଙ୍ଗୀର ଟାଉନ୍ ଥାନାକୁ ସୂଚନା ଦିଆଯାଇଥିଲା । ପୋଲିସ ପହଞ୍ଚିବା ପରେ ଆମ୍ବୁଲାନ୍ସ ଡକାଯାଇ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହକୁ ଡାକ୍ତରଖାନା ଶବାଗାରରେ ରଖାଯାଇଛି । ରବୀନ୍ଦ୍ରଙ୍କ ପାଖରୁ ମିଳିଥିବା ଭୋଟର ପରିଚୟ ପତ୍ର ଓ ଫୋନ୍ ନମ୍ବରରୁ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ବସ୍ କର୍ମଚାରୀଙ୍କ ସୂଚନା ମୁତାବକ ଗୁରୁବାର ରାତି ପ୍ରାୟ ୮ଟାରେ ରବୀନ୍ଦ୍ର ବାଲେଶ୍ୱରରୁ ଉକ୍ତ ବସ୍‌ରେ ବଲାଙ୍ଗୀର ଅଭିମୁଖେ ଆସିଥିଲେ । ରାତି ପ୍ରାୟ ୨ଟାରେ ଦଶପଲ୍ଲା ନିକଟରେ ବସ୍‌ଟି ଅଟକିଥିଲା । ଯାତ୍ରୀମାନେ ପରିସ୍ରା ପାଇଁ ପଦାକୁ ଯାଇଥିଲେ । ସେତେବେଳେ ରବୀନ୍ଦ୍ର ମଧ ତଳକୁ ଓହ୍ଲାଇ ଥିଲେ । ହେଲେ ସକାଳ ୭ଟାରେ ବସ୍‌ଟି ବଲାଙ୍ଗୀର ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା । ମୃତ୍ୟୁର କାରଣ ଜଣାପଡିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।




# ୧୫ରେ ଓଡ଼ିଶା ଛୁଇଁବ ମୌସୁମୀ

- ୩ରୁ ବଢ଼ିବ ତାତି
- ୧୧ ଜିଲାକୁ ସତର୍କ ସୂଚନା
- ରାଜଧାନୀରେ ଝଡ଼ବର୍ଷା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ନାହିଁ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପାଇଁ ଅନୁକୂଳ ପରିବେଶ ମଧ ସୃଷ୍ଟି ହୋଇ ନାହିଁ। ରାଜ୍ୟକୁ ମୌସୁମୀ କେବେ ଆସିବ ସେ ନେଇ ପାଣିପାଗ ବିଭାଗ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନାହିଁ। ଜୁନ ୬ ତାରିଖରେ କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୫ରୁ ୧୭ ତାରିଖ ମଧରେ ଓଡ଼ିଶାକୁ ମୌସୁମୀ ପ୍ରବେଶ କରିବ ବୋଲି ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚି ସାରିଛି। ପ୍ରାୟ ଦୁଇ ସପ୍ତାହ ପରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ରହିଛି। ଚଳିତ ବର୍ଷ ମୌସୁମୀ ଉତ୍ତର ଓଡ଼ିଶା ପଟୁ ରାଜ୍ୟକୁ ପ୍ରବେଶ କରିବ। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକରେ ପ୍ରଥମ ମୌସୁମୀ ବର୍ଷା ହେବ। ଏହା ପରେ ଦକ୍ଷିଣ ଓଡ଼ିଶା ମାଲକାନଗିରି, କୋରାପୁଟ ଓ ଗଜପତି ଦେଇ ରାଜ୍ୟକୁ ପ୍ରବଶେ କରିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମୌସୁମୀ ବିଳମ୍ବ ସହିତ ଚଳିତ ବର୍ଷ ସ୍ୱାଭାବିକଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଏଲ୍-ନିନ୍ୟୋ ଦୁର୍ବଳ ରହିଥିଲେ ମଧ ଏହାର ପ୍ରଭାବ ମୌସୁମୀ ଉପରେ ପଡ଼ିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଥିଯୋଗୁ ଓଡ଼ିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ କମିବା ସମ୍ଭାବନା ରହିଛି। ୨୦୧୮ରେ ମୌସୁମୀ ସଅଳ ଅର୍ଥାତ୍ ଜୁନ ୮ ତାରିଖରେ ଓଡ଼ିଶାକୁ ପ୍ରବେଶ କରିଥିଲା। ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁବା ପରେ ପୁଣି ଉଭାନ ହୋଇ ଯାଇଥିଲା। ଜୁନ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ଜୁନ ୧ ତାରିଖ ସୁଦ୍ଧା କେରଳକୁ ମୌସୁମୀ ପ୍ରବେଶ କରିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଜୁନ ୧୪ ତାରିଖ ପୂର୍ବରୁ ମୌସୁମୀର କୌଣସି ସମ୍ଭାବନା ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ତଥା ଓୟୁଏଟିର ପୂର୍ବତନ କୁଳପତି ସୁରେନ୍ଦ୍ର କୁମାର ପଶୁପାଳକ କହିଛନ୍ତି। ସେ କହିଛନ୍ତି ଯେ, ଦକ୍ଷିଣ ଗୋଲାର୍ଦ୍ଧରୁ ବିଶୁବ ରେଖା ଆଡକୁ ପବନ ଓ ମେଘ ପ୍ରବେଶ କରି ପାରୁ ନାହିଁ । ଫଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ପାଇଁ ଏ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ନାହିଁ। ଆସନ୍ତା ୧୪ ତାରିଖ ଯାଏ ପାଗ ଶୁଖିଲା ରହିବ। ଏହି ସମୟ ମଧରେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ହେବାର ସମ୍ଭାବନା ମଧ ନାହିଁ । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଉପକୂଳରେ ପାଗ ଅପରିବର୍ତ୍ତିତ ରହିବ। ମାତ୍ର ପଶ୍ଚିମ ଓଡ଼ିଶାରେ ୩ ତାରିଖ ଠାରୁ ପାରଦ ଉପରମୁହାଁ ହେବ। କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲସିୟସ ଟପିଯିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ତେବେ ରାଜଧାନୀ ଭୁବନେଶ୍ୱରରେ କାଳବୈଶାଖୀଜନିତ ବର୍ଷା ତାଣ୍ଡବ ରଚିଛି। ଶୁକ୍ରବାର ସନ୍ଧ୍ୟାରେ ଘଡଘଡି ଓ ବିଜୁଳି ସହିତ ପ୍ରବଳ ବର୍ଷା କିଛି ସମୟ ପାଇଁ ଜନଜୀବନକୁ ସ୍ତବ୍ଧ କରି ଦେଇଥିଲା। ପ୍ରବଳ ଝଡବର୍ଷା ଯୋଗୁ ରାଜଧାନୀ ଜଳାର୍ଣ୍ଣବ ହେବା ସହ ପ୍ରାୟ ଦୁଇଘଣ୍ଟା ଅନ୍ଧକାରମୟ ହୋଇଯାଇଥିଲା।

ରାଜ୍ୟର ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବାଧିକ ୪୩.୬ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡା ୩.୨, ସମ୍ବଲପୁର ୪୨.୬, ସୁନ୍ଦରଗଡ଼ ୪୨, ହୀରାକୁଦ ୪୨.୧, ଭବାନୀପାଟଣା ୪୨, ବଲାଙ୍ଗୀର ୪୩.୫, ମାଲକାନଗିରି ୩୯.୮ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧରେ ରାଜ୍ୟର ୧୧ଟି ଜିଲାର କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହି ଜିଲାଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ ନୂଆପଡ଼ା ।

# ଚର୍ଚ୍ଚିତ ଟୁଇଟ୍ : ମୁଖ୍ୟମନ୍ତ୍ରୀ, ସିଏମ୍‌ଙ୍କ ବ୍ୟକ୍ତିଗତ ସଚିବଙ୍କ ଫଟୋ ଭାଇରାଲ

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ। ଜଣେ ରାଜ୍ୟ ତଥା ଦେଶ ରାଜନୀତିରେ ଚର୍ଚ୍ଚିତ ନାମ। ଅନ୍ୟ ଜଣେ ପ୍ରଶାସକ ମହଲରେ ସବୁଠୁ ଚର୍ଚ୍ଚିତ/ଆଲୋଚିତ ବ୍ୟକ୍ତିତ୍ୱ। ବିଭିନ୍ନ ସରକାରୀ ସଭାସମିତିରେ ଉଭୟଙ୍କୁ ଦେଖିବାକୁ ମିଳିଥାଏ। ହେଲେ ଶୁକ୍ରବାର ବିଜେଡି ମୁଖପାତ୍ର ସସ୍ମିତ ପାତ୍ରଙ୍କ ଦ୍ୱାରା ଟୁଇଟ୍ ହୋଇଥିବା ଫଟୋରେ ଉଭୟଙ୍କୁ ଅପେକ୍ଷାକୃତ ହାଲ୍‌କା ମୁହୂର୍ତ୍ତରେ ଦେଖାଯାଇଛି। ଏହି ଟୁଇଟ୍‌ରେ ସସ୍ମିତ ଲେଖିଛନ୍ତି ଯେ, ଏହା ନବୀନ ପଟ୍ଟନାୟକ ଏବଂ ଭି. କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ଏକ କ୍ୱଚିତ ଫଟୋ। ଜଣେ ଷ୍ଟେଟ୍‌ସମ୍ୟାନ ( ଉତ୍ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱ) ଏବଂ ଆଉ ଜଣେ ଦକ୍ଷ ଜେନେରାଲ (ବିଚକ୍ଷଣ ସେନାପତି)। ଫଟୋରେ ଫୁଟି ଉଠିଥିବା ହସ ନିର୍ମଳ, ହୃଦୟସ୍ପର୍ଶୀ। ସେମାନଙ୍କ ନିଷ୍ଠା, ପ୍ରତିବଦ୍ଧତା ଏବଂ ପ୍ରଗାଢ଼ ଅନୁରାଗ ଓଡ଼ିଶାକୁ ପରିବର୍ତ୍ତନ କରିପାରିଛି, ଯାହା ନବୀନବାବୁଙ୍କୁ ରେକର୍ଡ ପଞ୍ଚମ ପାଳିରେ ପହଞ୍ଚାଇ ପାରିଛି। ସସ୍ମିତଙ୍କ ଦ୍ୱାରା ଅପଲୋଡ୍ କରାଯାଇଥିବା ଫଟୋଟି ନବୀନ ନିବାସରେ ଉଠାଯାଇଥିବା ପ୍ରଚ୍ଛଦପଟରୁ ଜଣାପଡୁଛି।







**UTKAL UNIVERSITY**
**MBA (FINANCIAL MANAGEMENT) FORMERLY 'MFC'**
**P.G. DEPARTMENT OF COMMERCE**
**VANI VIHAR, BHUBANESWAR-751004**

**ADMISSION NOTICE : 2019-21**

Utkal University announces admission to the two year full time **MBA (Financial Management)** formerly **'MFC'** Programme in the P. G. Department of Commerce for the academic session **2019-21.** Any graduate (First Bachelor's Degree) with **50%** marks in the aggregate **(45% for SC/ST)** of Utkal University or any recognized University is eligible to apply. Students appearing in the Final Degree Examination can make a provisional application pending publication of results subject to meeting minimum eligibility requirements at the time of interview. Admission to the course is based on the combined result of Written Test, Group Discussion & Personality Test.

- **Application Form** : **Online on Utkal University Website www.utkaluniversity.nic.in**
- **Last Date of Online Application** : **Dt. 10.06.2019 (upto 23.45 hours)**
- **Last Date of Submission of Hard copy** : **Dt. 20.06.2019 (upto 2.00 PM)**
- **Date of Entrance Test** : **Dt. 26.06.2019 (Time: 10.00 AM - 11.30 AM)**

Details about the course and applications are available on **www.utkaluniversity.nic.in** and **www.utkalmfc.org** . The hard copy of filled up form alongwith a note within 100 words "Why do you want to join **MBA (FM)**" should reach **MBA (Financial Management), P.G. Department of Commerce, Utkal University, Bhubaneswar, PIN-751004.**

*Please go to the* **www.utkaluniversity.nic.in**
*Then eadmission - then -click at New Registration then*

- **Course Applied for** - P.G. Self-financing- then
- **Department** - Commerce- then
- **Subject** - MBA (FM)

**Sd/- Chairperson**
**P. G. Council**

# ନବୀନଙ୍କ କ୍ୟାବିନେଟ୍ ଅସାମ୍ବିଧାନିକ: ଶ୍ରୀକାନ୍ତ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ଅସାମ୍ବିଧାନିକ। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସମ୍ବିଧାନ ପରାମର୍ଶଦାତାମାନେ ଉଚିତ ମାର୍ଗଦର୍ଶନ କରାଇନାହାନ୍ତି। ଯାହା ଫଳରେ ସମ୍ବିଧାନର ଅବମାନନା ହୋଇଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା।

ଶ୍ରୀକାନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଦିନ ତଳେ ଅସାମ୍ବିଧାନିକ ଭାବେ ଶପଥ ନେଇଛନ୍ତି। ମନ୍ତ୍ରିମଣ୍ଡଳ ଚୟନ ପୂର୍ବରୁ ଏକ ଗୁରୁତର ତ୍ରୁଟି କରାଯାଇଛି। ସମ୍ବିଧାନର ଧାରା ୧୬୪ ଅନୁଯାୟୀ ରାଜ୍ୟପାଳଙ୍କ ସହ ପରାମର୍ଶ କରି ମୁଖ୍ୟମନ୍ତ୍ରୀ ମନ୍ତ୍ରିମାନଙ୍କୁ ନିଯୁକ୍ତି କରିପାରିବେ। ବିଶେଷ ନିୟମାନୁଯାୟୀ ଓଡ଼ିଶା, ବିହାର, ଝାଡଖଣ୍ଡ ଏବଂ ମଧ୍ୟପ୍ରଦେଶ କ୍ଷେତ୍ରରେ ରାଜ୍ୟ କ୍ୟାବିନେଟ୍‌ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) କଲ୍ୟାଣ ଦାୟିତ୍ୱ ଦିଆଯିବା କଥା। ଏମିତି କି ଜଣେ କ୍ୟାବିନେଟ୍ ମନ୍ତ୍ରୀ ମଧ ଏହାର ଅତିରିକ୍ତ ଦାୟିତ୍ୱରେ ରହିପାରିବେ। ହେଲେ ନବୀନଙ୍କ ନେତୃତ୍ୱାଧୀନ ସରକାର ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ଭଳି ବିଭାଗକୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଏହି ଅସମ୍ବିଧାନିକ କାର୍ଯ୍ୟକୁ ଠିକ୍ କରାଯାଉ। ନଚେତ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇ ପୁନଃ ଶପଥପାଠ କରାଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି।

ଓଡ଼ିଶାରେ ଏସ୍‌ସି(୧୬.୫%), ଏସ୍‌ଟି(୨୨.୧%) ଏବଂ ଓବିସି(୫୨%) ଅର୍ଥାତ ମୋଟ ଜନସଂଖ୍ୟାର ପ୍ରାୟ ୯୧% ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗକୁ କ୍ୟାବିନେଟ୍‌ରେ ସ୍ଥାନ ନ ମିଳିବା ଦୁର୍ଭାଗ୍ୟଜନକ। ଏହା ପରୋକ୍ଷରେ ସେହି ବର୍ଗର ଲୋକମାନଙ୍କ ପାଇଁ ଅପମାନ। ତେଣୁ ଜଣେ କ୍ୟାବିନେଟ୍ ମନ୍ତ୍ରୀ ସେହି ଦାୟିତ୍ୱରେ ରୁହନ୍ତୁ ଅଥବା ବର୍ତ୍ତମାନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ପାହ୍ୟା) ଇସ୍ତଫା ଦେଇ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିବାକୁ ଶ୍ରୀକାନ୍ତ ପରାମର୍ଶ ଦେଇଛନ୍ତି। ଏପରିକି ରାଜ୍ୟ ସରକାର ଯଦି ଏହି ସାମ୍ବିଧାନିକ ତ୍ରୁଟି ନ ସଜାଡନ୍ତି, ତେବେ ସେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ଶ୍ରୀକାନ୍ତ କହିଛନ୍ତି। ଗତ ମେ ୨୯ରେ ବିଷମ କଟକ ବିଧାୟକ ଜଗନ୍ନାଥ ସାରକା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)ଭାବେ ଶପଥ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଶ୍ରୀକାନ୍ତଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ପାଇଁ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିଲା।




## ଜୁନ୍ ଶେଷ ଆଡ଼କୁ ଓଡ଼ିଶା ଫେରିବେ ଜଗା, ବଳିଆ

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** ଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍ (ଏମ୍ସ)ରେ ଅସ୍ତ୍ରୋପଚାର ପରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି। ଆଉ ସେମାନଙ୍କର ଆଇସିୟୁ କିମ୍ବା ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ ନାହିଁ। ଦୁହେଁ ଏବେ ଘରକୁ ଫେରିପାରିବେ ବୋଲି ଦିଲ୍ଲୀ ଏମ୍ସରେ ଉଭୟଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଜୁନ୍ ଶେଷ ସପ୍ତାହରେ ସେମାନଙ୍କୁ ଡିସ୍‌ଚାର୍ଜ କରି ଦିଆଯାଇପାରେ ବୋଲି ସୂଚନା ମିଳିଛି। ନିକଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ଟିମ୍ ଏହି ଯମଜ ଭାଇଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ବୁଝିବା ପାଇଁ ଦିଲ୍ଲୀ ଯାଇଥିଲେ। ଜଗା-ବଳିଆ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ରାଜ୍ୟକୁ ଫେରିଯାଇପାରିବେ ବୋଲି ଡାକ୍ତର ଏହି ଟିମ୍‌କୁ କହିଛନ୍ତି। ତେବେ ପ୍ରବଳ ଖରା ତଥା ଗରମକୁ ଦୃଷ୍ଟିରେ ରଖି ଦୁହିଁଙ୍କୁ ବିମାନରେ ଆଣିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

**Central University of Orissa**
**(Established by an Act of Parliament)**
**"For the Region and for the Nation"**
**Landiguda, Dist-Koraput, Odisha-764021**
**Tel.-06852-288228/288229, Fax : 06853-288225**

**ADMISSION NOTIFICATION-2019**

Central University of Orissa, Koraput invites aspiring students committed to excellence to apply through Online mode for admission to various Under Graduate, Post Graduate and Research Programmes as given below. Admission will be done through Entrance Examination. Applicants can apply online by logging in to the University website (www.cuo.ac.in) up to 15th June, 2019.

**Programmes**

- **B.C.A.** • **B.Ed.** • **M.B.A** • 5-Year Integrated M.Sc. in Mathematics
- M.A.: • Economics • English • Hindi • Journalism & Mass Communication • Odia • Sanskrit • Sociology
- M.Sc.: • Anthropology • Biodiversity & Conservation of Natural Resources • Statistics
- M.Phil.: • Biodiversity & Conservation of Natural Resources • Economics • Education • Journalism & Mass Communication • Sociology • Statistics • Anthropology
- Ph.D.: • Biodiversity & Conservation of Natural Resources • Education • Anthropology • Economics • Statistics

**Dates of Entrance Examination : 29th and 30th June, 2019**

Entrance Examination Centres
**Koraput, Sambalpur, Rourkela, Bhawanipatna, Berhampur, Bhubaneswar, Bhadrak, Balasore, Ranchi, Kolkata Raipur and Visakhapatnam**

The University reserves the right to add or reduce centres and to shift candidates to neighbouring centres of Examination in case of exigencies. For all other details please visit the CUO website: www.cuo.ac.in or call (office hour only). 06852-288228, 288229 or E-mail: info@cuo.ac.in or coe@cuo.ac.in

Sd./-
Controller of Examinations

davp21317/11/0002/1920

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।

-ଶ୍ରୀମା

# ଚୁପ୍ ରହିବାର ଆଦେଶ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଲୋକେ କହନ୍ତି ଯେ ଦେଶର ଜାହାଜ ହେଉଛି ଏକମାତ୍ର ଜାହାଜ ଯାହା ସବା ଉପରୁ ଲିକ୍ କରେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଏପରି ଲିକ୍ ହେଉଥିବା ବା ଏହାର ବରିଷ୍ଠ ବାବୁମାନେ ଚାଲୁ ରହିଥିବା ତଦନ୍ତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗଣମାଧ୍ୟମକୁ ପ୍ରକାଶ କରିଦେଉଥିବା ଘଟଣାରେ ଉଦ୍‌ବେଗ ପ୍ରକାଶ କରି ନିର୍ଦ୍ଦେଶାଳୟ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟରେ ବାବୁମାନଙ୍କୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଡି ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ତାଙ୍କର ଅଫିସରମାନଙ୍କୁ ଗଣମାଧ୍ୟମ ସହ ଅବାଞ୍ଛିତ କଥାବାର୍ତ୍ତା ନ କରିବା ଓ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଫଳ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସତର୍କ କରାଇ ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ମିଶ୍ର ଏକ ସର୍କୁଲାର ଜାରି କରିଛନ୍ତି ଯେଉଁଥିରେ ଲେଖା ଅଛି: ଚାଲୁ ରହିଥିବା କିଛି ତଦନ୍ତ କାର୍ଯ୍ୟ ସମ୍ବନ୍ଧରେ କେତେକ ତଥ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ଏହାଫଳରେ ତଦନ୍ତ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଗତବର୍ଷ ଏ ନେଇ ଏକ ସର୍କୁଲାର ଜାରି କରାଯାଇଥିଲା, ଯାହାକୁ କେହି ମାନିବାର ଦେଖାଯାଉ ନାହିଁ। ତେଣୁ ଏଣିକି ଯଦି କେହି ଗଣମାଧ୍ୟମ ଆଗରେ ତଥ୍ୟ ପ୍ରକାଶ କରନ୍ତି, ତେବେ ତାଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଇଡି ମୁଖ୍ୟାଳୟ ଅର୍ଥ ତୋସରପାତ, ହାୱାଲା କାରବାର ସମ୍ବନ୍ଧିତ ହାଇ-ପ୍ରୋଫାଇଲ ମାମଲାର ତଦନ୍ତ କରିବା ସହ ଦେଶରେ ରହିଥିବା ଇଡିର ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ଦ୍ୱାରା ପରିଚାଳିତ ତଦନ୍ତ କାର୍ଯ୍ୟର ଦେଖାରଖା କରୁଛି। ଏହା ଉପରେ ଗଣମାଧ୍ୟମର ଆଗ୍ରହ ରହିବା ସ୍ୱାଭାବିକ। କିନ୍ତୁ ଗଣମାଧ୍ୟମକୁ ତଥ୍ୟ ପ୍ରକାଶ ନ କରିବା ଲାଗି ଇଡିର ପୂର୍ବ ନିର୍ଦ୍ଦେଶନାମା କେହି ପାଳନ କରୁ ନ ଥିବା ଦେଖାଯାଉଛି। ଏଣିକି ଯଦି କେହି ନିର୍ଦ୍ଦେଶନାମା ପାଳନରେ ବିଫଳ ହୁଅନ୍ତି, ତେବେ ତାଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର ଚେତାଇଦେଇଛନ୍ତି।

### ଗ୍ରୀଷ୍ମ ଡରରେ ପଳାୟନ

ଉତ୍ତରାଖଣ୍ଡର ବନ ଅଧିକାରୀମାନଙ୍କ ପାଇଁ ଗ୍ରୀଷ୍ମଋତୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ। କାରଣ ଏହି ଋତୁରେ ଶୁଷ୍କ ପାର୍ବତ୍ୟାଞ୍ଚଳ ଜଙ୍ଗଲରେ ନିଆଁ ଲାଗି ଧନଜୀବନ ହାନି ଘଟିଥାଏ। ଚଳିତବର୍ଷ ରାଜ୍ୟର ପ୍ରାୟ ସବୁ ଜିଲାରେ ୯୦୦ ହେକ୍ଟରରୁ ଅଧିକ ଜଙ୍ଗଲରେ ନିଆଁ ଲାଗିଛି। ତେଣୁ ଶହ ଶହ ହେକ୍ଟର ଜଙ୍ଗଲ ଜଳୁଥିବା ବେଳେ ଭାରତୀୟ ବନସେବାର ଅନେକ ବରିଷ୍ଠ ବାବୁ ଯଥା ମୁଖ୍ୟ ବନ ସଂରକ୍ଷକ ବିବେକ ପାଣ୍ଡେ, ବନ ସଂରକ୍ଷକ ପରାଗ ମଧୁକର ଧକଟେ ଓ ବନଖଣ୍ଡ ଅଧିକାରୀ ନୀତୀଶ ମଣି ତ୍ରିପାଠୀ ଷ୍ଟଡି ଟୁର୍‌ରେ ଦୁଇ ସପ୍ତାହ ପାଇଁ ଇଂଲଣ୍ଡ ଓ ପୋଲାଣ୍ଡ ଯିବା ଘଟଣାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଯାହା ଜଣାଯାଏ ନଂଧୌର ବନ୍ୟପ୍ରାଣୀ ଅଭୟାରଣ୍ୟରେ ବାଘଙ୍କ ପାଦଚିହ୍ନ ଉପରେ ଅଧ୍ୟୟନ ସମ୍ପର୍କରେ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ ଓ ଲଣ୍ଡନର ପ୍ରାଣୀବିଜ୍ଞାନ ସୋସାଇଟି ମଧ୍ୟରେ ହେଉଥିବା ଏକ ମିଳିତ କାର୍ଯ୍ୟକ୍ରମରେ ଏହି ବାବୁମାନେ ଅଂଶଗ୍ରହଣ କରିବେ। ସେମାନଙ୍କ ଅନୁପସ୍ଥିତିରେ ମୁଖ୍ୟ ବନ ସଂରକ୍ଷକ ଜୟ ରାଜ କିଂକର୍ତ୍ତବ୍ୟବିମୂଢ଼ ହୋଇ ବନବାସୀ ଓ କୃଷକମାନଙ୍କୁ ନିୟମିତଭାବେ ଜଙ୍ଗଲର ଦେଖାରଖା କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିଶ୍ଚିତ ଭାବେ ଜଙ୍ଗଲ ଜଳୁଥିବା ସମୟରେ ବରିଷ୍ଠ ବାବୁମାନେ ବିଦେଶ ଯାତ୍ରା କରି ଶୀତଳତା ଉପଭୋଗ କରିବା ଏକ ଉତ୍ତମ ଯୋଜନା ନୁହେଁ।

### ଉଚ୍ଚ ପଦବୀରେ ନୂଆ ମୁହଁ

ମୋଦି ୨.୦ ସରକାରର ପ୍ରଥମ ନିଷ୍ପତ୍ତି ସ୍ୱରୂପ ବରିଷ୍ଠ ସୁରକ୍ଷା, ପ୍ରତିରକ୍ଷା ଓ ଅମଲାତାନ୍ତ୍ରିକ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନୂତନ ନିଯୁକ୍ତି ପ୍ରଦାନ କରାଯିବ, ଯେଉଁ ପଦବୀଗୁଡ଼ିକରେ ବର୍ତ୍ତମାନ ରହିଥିବା ବାବୁମାନେ କିଛି ସପ୍ତାହ ଭିତରେ ଅବସର ନେବାକୁ ଯାଉଛନ୍ତି। କ୍ୟାବିନେଟ୍ ସଚିବ ପି.କେ. ସିହ୍ନା ତାଙ୍କର ଦୁଇବର୍ଷିଆ ବର୍ଦ୍ଧିତ କାର୍ଯ୍ୟକାଳ ଶେଷରେ ଆସନ୍ତା ଜୁନ୍ ୧୨ ତାରିଖରେ ଅବସର ନେବାକୁ ଯାଉଥିବାରୁ ସରକାରଙ୍କୁ ତାଙ୍କର ଉତ୍ତରାଧିକାରୀ ବାଛିବାକୁ ପଡ଼ିବ। ଜନରବ ଶୁଣିବାକୁ ମିଳୁଛି ଯେ, ସ୍ୱରାଷ୍ଟ୍ର ସଚିବ ଥିବା ୧୯୮୨ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡର ବାବୁ ରାଜୀବ ଗୌବା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଦୌଡ଼ରେ ସବା ଆଗରେ ଅଛନ୍ତି। ସେହିପରି ଚଳିତ ମାସ ଶେଷ ସୁଦ୍ଧା ପ୍ରତିରକ୍ଷା ସଚିବ ସଞ୍ଜୟ ମିତ୍ର ଅବସର ନେବାକୁ ଯାଉଥିବାରୁ ସରକାରଙ୍କୁ ତାଙ୍କ ସ୍ଥାନରେ ଜଣେ ନୂଆ ବାବୁଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ସୂଚନା ଅନୁସାରେ ଏହି ପଦବୀ ଲାଗି ତିନିଜଣ ବିହାର କ୍ୟାଡର ଅଫିସର ଯଥା ପରିବେଶ ସଚିବ ସି.କେ. ମିଶ୍ର, ଶିଳ୍ପ ସଚିବ ରମେଶ ଅଭିଷେକ ଓ ଗ୍ରାମ୍ୟ ଉନ୍ନୟନ ସଚିବ ଅମରଜିତ୍ ସିହ୍ନା ପ୍ରମୁଖ ଦାବିଦାର ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ରଙ୍କ କାର୍ଯ୍ୟକାଳକୁ ନବୀକରଣ କରାଯିବ କି ନା ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଯଦି ସ୍ୱଳ୍ପ ଅବଧି ପାଇଁ ନୃପେନ୍ଦ୍ର ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଏ, ତେବେ ଅତିରିକ୍ତ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କୁ ତାଙ୍କ ସ୍ଥାନକୁ ପଦୋନ୍ନତି ଦିଆଯାଇପାରେ ବୋଲି ଅନୁମାନ କରାଯାଉଛି। ପୁଣି ଗୁଜବ ଶୁଣିବାକୁ ମିଳୁଛି ଯେ, ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପୁଣି ଅଣାଯାଇପାରେ। ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଓ ତଦନ୍ତ ବ୍ୟୁରୋ (ଆଇବି)ରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇପାରେ। ବର୍ତ୍ତମାନର ର ସଚିବ ଅନିଲ କୁମାର ଧସମାନା ଓ ଆଇବି ନିର୍ଦ୍ଦେଶକ ରାଜୀବ ଜୈନଙ୍କୁ ଡିସେମ୍ବର ୨୦୧୮ରେ ଛଅମାସିଆ ସମ୍ପ୍ରସାରଣ ଦିଆଯାଇଥିଲା।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | E | | | | C | | | | 2 | | | |
| A | | 7 | | | | | 6 | 1 | | | 0 | 2 | | |
| 4 | 0 | | C | 5 | | A | 2 | | 1 | | | | | E |
| 5 | 9 | 3 | | | | | | 0 | | | 6 | 4 | B | |
| | 2 | | | | | | | | | | | | | A |
| 1 | | | 5 | | | | 4 | | 2 | | | | | 0 |
| | | | | 4 | | | 9 | | | 8 | | | | D |
| B | | | | | 8 | | 0 | | A | 1 | | | | |
| 8 | | | 3 | | | E | | C | | 4 | | | 5 | |
| | A | | 0 | | | 2 | | 6 | | 7 | B | C | 8 | |
| | | 5 | | | | | B | | | E | | | | C |
| | 3 | E | | | | | | | 6 | | | 9 | D | |
| C | 7 | 6 | 4 | A | | | 1 | | | | 9 | 0 | | 5 |
| 9 | B | | D | | | | | E | | | | A | | |
| | | | B | | | | D | | | | 8 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | 3 | 2 | A | 9 | B | 8 | E | 0 | 6 | D | 1 | 5 | C |
| B | 9 | D | 5 | 8 | E | 6 | C | 0 | 2 | 4 | 1 | 3 | A | 7 |
| 1 | 8 | 2 | 0 | 7 | 4 | 3 | A | D | C | 5 | B | E | 6 | 9 |
| 6 | C | A | 3 | D | B | 5 | 9 | 1 | 8 | 7 | E | 0 | 4 | 2 |
| 5 | E | 0 | C | 1 | 6 | 4 | 7 | 2 | A | 9 | 3 | B | 8 | D |
| 0 | D | 7 | E | B | A | C | 5 | 9 | 6 | 2 | 4 | 8 | 1 | 3 |
| 2 | 3 | 6 | D | 4 | 8 | 1 | E | B | 7 | C | 0 | A | 9 | 5 |
| 8 | 4 | 9 | 1 | 5 | 2 | 7 | 6 | 3 | D | B | A | C | 0 | E |
| E | A | 5 | 9 | 6 | C | 0 | D | 4 | 1 | 3 | 8 | 2 | 7 | B |
| C | B | 1 | 7 | 3 | 0 | A | 2 | 8 | 5 | E | 9 | 6 | D | 4 |
| A | 2 | C | 4 | 9 | 7 | E | 1 | 6 | B | 8 | 5 | D | 3 | 0 |
| 7 | 6 | 4 | 8 | 0 | 1 | 2 | 3 | 5 | E | D | C | 9 | B | A |
| D | 0 | 8 | 6 | C | 5 | 9 | B | 7 | 3 | A | 2 | 4 | E | 1 |
| 9 | 5 | E | B | 2 | 3 | D | 0 | A | 4 | 1 | 6 | 7 | C | 8 |
| 3 | 1 | B | A | E | D | 8 | 4 | C | 9 | 0 | 7 | 5 | 2 | 6 |

ଗତକାଲିର ଉତ୍ତର

# ପୁଣି ବିବାଦ ଘେରରେ ଇଭିଏମ୍



ଅରୁଣ କୁମାର ପଣ୍ଡା

ଏବେ ପୁଣି ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ବିବାଦ ଘେରକୁ ଆସିଛି। ଭୋଟରଙ୍କ ମତଦାନ ପରେ ଇଭିଏମ୍‌ଗୁଡ଼ିକୁ ସ୍ଥାନାନ୍ତର ସମୟରେ ସେଥିରେ ଟାମ୍ପରିଂ (ହେରଫେର) କରାଯାଇଛି ବୋଲି ପ୍ରାୟ ସମସ୍ତ ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଲୋକ ସଭା ଓ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବାକୁ ଦାବି କରି ୨୧।୦୫।୨୦୧୯ ଦିନ ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କୁ ଭେଟି ଶାସକ ଦଳ ଇଭିଏମ୍‌ରେ ଟାମ୍ପରିଂ କରିବାର ସମ୍ଭାବନା ରହିଛି ବୋଲି ଅଭିଯୋଗ କରିଥିଲେ। ବିରୋଧୀ ଦଳଙ୍କ ଏହି ଅଭିଯୋଗକୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ମତ ଦେଇ କହିଛନ୍ତି, ଇଭିଏମ୍‌ର ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ନିର୍ବାଚନ କମିଶନରଙ୍କର। ତେଣୁ ଗଣତନ୍ତ୍ରର ମୂଳତତ୍ତ୍ୱ ନେଇ କୌଣସି ପ୍ରକାର ସନ୍ଦେହ ଉପୁଜିଲେ ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

ଅପରପକ୍ଷରେ ଇଭିଏମ୍‌ରେ ଟାମ୍ପରିଂ ସନ୍ଦେହ କରି ଉଚ୍ଚତମ ନ୍ୟାୟାଳୟରେ କରାଯାଇଥିବା ଏକ ମାମଲାର ଶୁଣାଣି କରି ମାନ୍ୟବର କୋର୍ଟ ନିଜ ଆଦେଶରେ କହିଥିଲେ ଯେ, ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପ୍ରତି ବିଧାନସଭା କ୍ଷେତ୍ରର ଯେକୌଣସି ପାଞ୍ଚଟି ବୁଥ୍‌ର ଇଭିଏମ୍ ସହିତ ଭିଭିପିଏଟି (ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ) ସ୍ଲିପ୍ ଯାଞ୍ଚ କରାଯିବ। ତେଣୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏହି ପ୍ରକ୍ରିୟା ଶେଷ ପରେ ହିଁ ଇଭିଏମ୍ ଭୋଟ ଗଣତି କରାଯିବାକୁ ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ।

ମଧ୍ୟପ୍ରଦେଶର ଭିଣ୍ଡ ଜିଲା ଅଟେରଠାରେ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଇଭିଏମ୍‌ର ଡେମୋ (ପରୀକ୍ଷାମୂଳକ ପ୍ରଦର୍ଶନ) ସମୟରେ ଏହାର କୌଣସି ବି ବଟନକୁ ଦବାଇଲେ ଭିଭିପିଏଟି ସ୍ଲିପ୍‌ରେ ଭାରତୀୟ ଜନତା ପାର୍ଟିର ନାଁ ଆସିବା ପରେ ଜିଲାର କଲେକ୍ଟର ଏବଂ ପୋଲିସ ଅଧୀକ୍ଷକଙ୍କୁ ହଟାଇ ଦିଆଯାଇଥିଲା। ରାଜ୍ୟର ନିର୍ବାଚନ ଅଧିକାରୀଙ୍କଠାରୁ ନିର୍ବାଚନ ଆୟୋଗ ମଧ୍ୟ ସେତେବେଳେ ଏ ନେଇ ପୂରା ରିପୋର୍ଟ ମାଗିଥିଲେ। ଏହାପରେ ଜିଲାପାଳ ଏବଂ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାଜ୍ୟ ନିର୍ବାଚନ ଅଧିକାରୀ ସେତେବେଳେ ଏ ସଂକ୍ରାନ୍ତରେ କହିଥିଲେ ଯେ, ମେଶିନ ଠିକ୍ ଭାବରେ ସେଟ୍ ହୋଇ ନ ଥିଲା। ସେଥିପାଇଁ ଏଭଳି ଘଟଣା ସାମ୍ନାକୁ ଆସିଲା। ଏହି ମେଶିନଟି ଉତ୍ତରପ୍ରଦେଶ ନିର୍ବାଚନ ମତଦାନ ସମୟରେ କାନପୁର ବିଧାନସଭା କ୍ଷେତ୍ରର ଏକ ବୁଥ୍‌ରେ ଉପଯୋଗ କରାଯାଇଥିଲା।

ଦେଶରେ ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନ ଫଳାଫଳ ଆସିବା ପରେ ଏବଂ ଏନ୍‌ଡିଏ (ଭାଜପା)ର ବିପୁଳ ବିଜୟ ସମ୍ଭାବନା ଥିବାବେଳେ ବିରୋଧୀ ଦଳଗୁଡ଼ିକ ନିଜ ନୈରାଶ୍ୟର ପରିପ୍ରକାଶ ଇଭିଏମ୍ ଟାମ୍ପରିଂ ଅଭିଯୋଗ ମାଧ୍ୟମରେ କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପ୍ରାୟ ସବୁ ବୁଥ୍‌ରେ ଇଭିଏମ୍ ସହିତ ଭିଭିପିଏଟି ସଂଯୁକ୍ତ କରିବାର ବ୍ୟବସ୍ଥା କରିଥିଲେ।

ଗତ ଉତ୍ତରପ୍ରଦେଶ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ଭାଜପାର ଆଶାତୀତ ସଫଳତା ପରେ ବହୁଜନ ସମାଜ ପାର୍ଟିର ମୁଖ୍ୟ ମାୟାବତୀ ଇଭିଏମ୍‌ର ଭୂମିକା ନେଇ ପ୍ରଶ୍ନ ଉଠାଇଥିଲେ। ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ କହିଥିଲେ ଯେ, ଏକ ଜାତୀୟ ଦଳର ଅଧ୍ୟକ୍ଷ ଯଦି ଇଭିଏମ୍ ନେଇ ଶଙ୍କାବ୍ୟକ୍ତ କରିଛନ୍ତି ଏହାର ଠିକ୍ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ। ଗତ ପଞ୍ଜାବ ବିଧାନସଭା ଫଳାଫଳକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ଇଭିଏମ୍‌ରେ ହେରଫେର ହୋଇଥିବା ଅଭିଯୋଗ କରିଥିଲେ। ପରନ୍ତୁ ନିର୍ବାଚନ ଆୟୋଗ ଏହି ଅଭିଯୋଗକୁ ଖାରଜ କରି ଦେଇଥିଲେ।

କେନ୍ଦ୍ରୀୟ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ବିରୋଧୀଙ୍କର ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ମତ ଦେଇ କହିଥିଲେ ଯେ, ନିର୍ବାଚନରେ ଜିତିଲେ ଏମାନେ ଇଭିଏମ୍‌ର ପ୍ରଶସ୍ତି କରୁଥିବା ବେଳେ ହାରିଲେ ଏମାନଙ୍କୁ ଲାଗୁଛି ଯେ, ମେଶିନରେ କିଛି ହେରାଫେରି କରାଯାଇଛି। ୨୦୦୬ରେ କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ନିର୍ବାଚନ ଆୟୋଗ ଇଭିଏମ୍‌ର ଉପଯୋଗକୁ ନେଇ ଯେତେବେଳେ ସବୁ ଦଳର ବୈଠକ ଡାକିଥିଲେ ସେତେବେଳେ କେହି ଏହାର ବିରୋଧ କରି ନ ଥିଲେ। ଇଭିଏମ୍‌ରେ ମତଦାତା ଦେଇଥିବା ଭୋଟ ଠିକ୍ ପ୍ରାର୍ଥୀଙ୍କୁ ଯାଉଛି କି ନାହିଁ, ତାହା ଜାଣିବା ପାଇଁ ଏବେ ଭିଭିପିଏଟି ମେଶିନ ଇଭିଏମ୍ ସହିତ ମତଦାନ କେନ୍ଦ୍ରଗୁଡ଼ିକରେ ରଖାଯାଇଥିଲା। ମତଦାତାଙ୍କ ମନରୁ ସନ୍ଦେହ ଦୂର କରିବା ପାଇଁ ଏହା ଏକ ଚମତ୍କାର ବ୍ୟବସ୍ଥା। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଏକ ଜନହିତ ଯାଚିକା ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ୨୦୧୩ରେ ମତଦାନ କେନ୍ଦ୍ରଗୁଡ଼ିକରେ ଇଭିଏମ୍ ସହ ଭିଭିପିଏଟି ମେଶିନ ରଖାଯିବା ନେଇ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରନ୍ତୁ କୋର୍ଟଙ୍କ ଏହି ଆଦେଶକୁ ପାଳନ କରିବା ପାଇଁ ନିର୍ବାଚନ କମିଶନଙ୍କୁ ୩ହଜାର କୋଟି ଟଙ୍କା ଆବଶ୍ୟକ ଥିଲା। କମିଶନଙ୍କ ପକ୍ଷରୁ ବାରମ୍ବାର ମଗାଯିବା ସତ୍ତ୍ୱେ କେନ୍ଦ୍ର ସରକାର ଏହି ଟଙ୍କା ବହୁ ବିଳମ୍ବରେ ଦେଲେ। ତେଣୁ ୨୦୧୯ ନିର୍ବାଚନରେ ପ୍ରାୟ ସମସ୍ତ ମତଦାନ କେନ୍ଦ୍ରରେ ଭିଭିପିଏଟି ମେଶିନ୍ ଲଗାଇବା ସମ୍ଭବପର ହୋଇପାରିଛି।

ଆମେରିକା, ବ୍ରିଟେନ୍, ଜର୍ମାନୀ ପରି ଅନେକ ବଡ଼ବଡ଼ ଗଣତନ୍ତ୍ର ରାଷ୍ଟ୍ରରେ ବାଲଟ୍ ପେପରରେ ମତଦାନ ହେଉଥିବା ବେଳେ ପୂର୍ବପରି ଭାରତରେ ମଧ୍ୟ ଏହାକୁ ଲାଗୁ କରାଯିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକ ସ୍ୱରରେ ଦାବି କରି ଆସୁଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ଏମାନେ ନିର୍ବାଚନ କମିଶନ ଏବଂ ପରେ ରାଷ୍ଟ୍ରପତିଙ୍କୁ ଭେଟି ଏଭଳି ଦାବି ଜଣାଇଥିଲେ। କଂଗ୍ରେସ ପ୍ରବକ୍ତା ଅଭିଷେକ ମନୁ ସିଂଘ୍‌ଭି ନିର୍ବାଚନ କମିଶନଙ୍କ ଆଚାର ସଂହିତାକୁ ଲାଚାର ସଂହିତା କହି ଇଭିଏମ୍‌କୁ ଇଲେକ୍ସନ ଭିକ୍ଟୋରି ମେଶିନ ବୋଲି ମତ ଦେଇଛନ୍ତି। ଇଭିଏମ୍ ଭୋଟ ସହ ଭିଭିପିଏଟିର ୫୦ ପ୍ରତିଶତ ସ୍ଲିପ୍ ମିଶାଯିବା ପାଇଁ ୟୁପିଏର ୨୨ଟି ଦଳ ଦାବିକୁ କମିଶନ ପ୍ରତ୍ୟାଖ୍ୟାନ କରି ନମୁନା ସ୍ୱରୂପ ୫ଟି ଲେଖା ମିଶାଯିବା ପାଇଁ ନିଷ୍ପତ୍ତି ଘୋଷଣା କରିଥିଲେ।

ତେଣେ ଏନ୍‌ଡିଏ ପକ୍ଷରୁ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ମତ ହେଲା- କେବେ ନା କେବେ ଇଭିଏମ୍ ମାଧ୍ୟମରେ ଅନୁଷ୍ଠିତ ନିର୍ବାଚନରେ ଜିତିଥିବା ଏବଂ ସରକାର ଗଢିଥିବା ଅଣଭାଜପା ଦଳଗୁଡ଼ିକର ଯଦି ଇଭିଏମ୍ ଉପରେ ବିଶ୍ୱାସ ନ ଥିଲା ବିଜୟ ପରେ ପଦତ୍ୟାଗ କଲେ ନାହିଁ କାହିଁକି? ଗତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନରେ ବିଶେଷକରି ରାଜସ୍ଥାନ, ଛତିଶଗଡ଼, ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଗଠନ ପରେ ଏମାନେ ଇଭିଏମ୍ ବିରୋଧରେ ପଦୁଟିଏ ମଧ୍ୟ କାହିଁକି କହିଲେ ନାହିଁ? ଇଭିଏମ୍‌ର ବିରୋଧ ଜନାଦେଶର ଅନାଦର ବୋଲି ସେ କହିଛନ୍ତି।

୨୦୦୯ରେ ଓଡ଼ିଶା ବିଧାନସଭା ଓ ଲୋକ ସଭା ପାଇଁ ଅନୁଷ୍ଠିତ ସାଧାରଣ ନିର୍ବାଚନ ବେଳେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ମଧ୍ୟ ଇଭିଏମ୍‌ରେ ହେରଫେର କରି ବିଜେଡି ଏତେ ଆସନ ହାସଲ କରିଥିବା କହିଥିଲେ। ଯେଉଁ ଭାଜପା ଏବେ ଇଭିଏମ୍ ବ୍ୟବହାରକୁ ସମର୍ଥନ କରୁଛି ୨୦୦୯ ସାଧାରଣ ନିର୍ବାଚନ ବେଳେ ସେମାନେ ଏହାର ବିରୋଧ କରିଥିଲେ। ୨୦୦୯ ନିର୍ବାଚନରେ ଭାଜପାର ଭଲ ଫଳାଫଳ ନ ହେବା ପରେ ଏହାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ ଇଭିଏମ୍ ଉପରେ ପ୍ରଶ୍ନ ଉଠାଇଥିଲେ। ୨୦୧୦ରେ ଭାଜପାର ପ୍ରବକ୍ତା ତଥା ନିର୍ବାଚନ ମାମଲା ବିଶେଷଜ୍ଞ ଜିବିଏଲ୍ ନରସିଂହ ରାଓ 'ଡେମୋକ୍ରାସି ଆଟ୍ ରିସ୍‌କ: କ୍ୟାନ୍ ଉଇ ଟ୍ରଷ୍ଟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ' ନାମକ ଏକ ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକର ମୁଖବନ୍ଧ ଲେଖିଥିଲେ ଆଡଭାନୀ ଏବଂ ଚନ୍ଦ୍ରାବାବୁ ନାଇଡୁଙ୍କ ମନ୍ତବ୍ୟ ମଧ୍ୟ ଏହି ପୁସ୍ତକରେ ପ୍ରକାଶିତ ହୋଇଥିଲା। ଏହି ପୁସ୍ତକରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ ଡିଲ୍ ଲେଖିଥିଲେ ଯେ ଇଭିଏମ୍‌ର ଉପଯୋଗ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ନୁହେଁ। ଜଣେ ପ୍ରାର୍ଥୀଙ୍କୁ ଦିଆଯାଇଥିବା ଭୋଟ ଅନ୍ୟ ପ୍ରାର୍ଥୀଙ୍କ ଖାତାକୁ ଯାଉଥିବା କଥା ପୁସ୍ତକରେ ଉଲ୍ଲେଖ କରାଯାଇଥିଲା।

ଭାରତୀୟ ଜନତାପାର୍ଟିର ବରିଷ୍ଠ ନେତା ସୁବ୍ରମଣ୍ୟମ୍ ସ୍ୱାମୀ ୨୦୦୯ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରେ ଇଭିଏମ୍‌କୁ ଦୃଢ ବିରୋଧ କରି କହିଥିଲେ ଯେ, ଏଭଳି ୯୦ଟି ଆସନରେ କଂଗ୍ରେସର ବିଜୟ ଆଦୌ ସମ୍ଭବ ନ ଥିଲା। ଇଭିଏମ୍ ଦ୍ୱାରା କଂଗ୍ରେସ ଭୋଟରେ ହୋଲସେଲ ଫ୍ରଡ୍ କରିଛି ବୋଲି ସେ ଅଭିଯୋଗ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ବିପୁଳ ବିଜୟ ପରେ କଂଗ୍ରେସ ମଧ୍ୟ ଇଭିଏମ୍‌କୁ ନେଇ ଭାଜପା ବିରୋଧରେ ସମାନ ଅଭିଯୋଗ ଆଣିଥିଲା। ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଇଭିଏମ୍ ମାଧ୍ୟମରେ ନିର୍ବାଚନ ଜିତିଥିଲେ ମଧ୍ୟ ଏହାର ବିରୋଧ କରିଥିଲେ।

ଏବେ ପ୍ରଶ୍ନଉଠୁଛି ଯେ ଇଭିଏମ୍‌କୁ କ'ଣ ସୁରକ୍ଷିତ ଓ ସନ୍ଦେହମୁକ୍ତ କରାଯାଇପାରିବ ନାହିଁ? ଭାରତ ପରି ଏକ ବିଶାଳ ଗଣତନ୍ତ୍ର ରାଷ୍ଟ୍ରରେ ବାଲଟ୍ ପେପର ମତ ଗଣନା ଯେତିକି ସମୟ ସାପେକ୍ଷ ସେତିକି ବ୍ୟୟବହୁଳ। ନିର୍ବାଚନ କମିଶନ ମଝିରେ ମଝିରେ ଇଭିଏମ୍‌କୁ ଠିକ୍ ଓ ଆଧୁନିକ କରିବା ପାଇଁ ପଦକ୍ଷେପ ନେଇ ଆସୁଛନ୍ତି। ଭାରତରେ ୨୦୦୪ର ସାଧାରଣ ନିର୍ବାଚନରେ ଇଭିଏମ୍‌ର ଉପଯୋଗ ସମଗ୍ର ଦେଶରେ କରାଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନରେ କୌଣସି ଆସନରେ ଦ୍ୱିତୀୟ ଥର ପାଇଁ ମତଗଣନାର ଅବକାଶ ଆସିନାହିଁ। ନବଗଠିତ ସଂସଦର ସଂଯୁକ୍ତ ସଂସଦୀୟ ସମିତି ଗଠନ କରାଯାଇ ଇଭିଏମ୍ ସମ୍ପର୍କରେ ଅନୁଧ୍ୟାନ ହେଉ। ଇଭିଏମ୍ ନା ବାଲଟ୍ ପେପର ତା' ଉପରେ ବ୍ୟାପକ ଚର୍ଚ୍ଚା କରାଯାଉ।

ମୋ: ୯୪୩୭୨୭୦୬୦୫

# କାଳବୈଶାଖୀ ଓ ବଜ୍ରପାତ



ମୋହନ କୁମାର ଭଞ୍ଜ

ପ୍ରଚଣ୍ଡ ତାତିରେ ସିଝୁଥିବା ରାଜ୍ୟବାସୀଙ୍କୁ ସାମୟିକ ଆଶ୍ୱସ୍ତି ଆଣିଦେଉଛି କାଳବୈଶାଖୀ। ହେଲେ ଏହା ଧ୍ୱଂସଲୀଳା ବି ସୃଷ୍ଟି କରୁଛି। କେବଳ ଘୂର୍ଣ୍ଣିଝଡ଼ କି ବର୍ଷାପବନ ନୁହେଁ, କାଳବୈଶାଖୀ ସମୟରେ ହେଉଥିବା ବଜ୍ରପାତ ଯୋଗୁ ଅକାଳରେ ଝରିପଡୁଛି ଅନେକ ଜୀବନ। ଦିନକୁ ଦିନ ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ସଚେତନତାର ଅଭାବ ଯୋଗୁ ଅଧିକରୁ ଅଧିକ ଲୋକ ଏଭଳି ଅକାଳ ମୃତ୍ୟୁର ଶିକାର ହେଉଥିବା ଦେଖାଯାଉଛି। କିଛିଦିନ ତଳେ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ଅଞ୍ଚଳରେ ଦୁଇଟି ମୃତଦେହ ଗୋଟିଏ ଗଛମୂଳରୁ ଆଲିଙ୍ଗନାବଦ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ ଜଣାପଡ଼ିଲା ବଜ୍ରପାତ ଯୋଗୁ ଉଭୟଙ୍କ ମୃତ୍ୟୁ ଘଟିଛି। ଯୁବତୀ ଜଣକ ଧରିଥିବା ମୋବାଇଲ ଫୋନ୍ ପାଇଁ ସେମାନେ ବଜ୍ରପାତର ଶିକାର ହେଲେ ବୋଲି ଜଣାପଡ଼ିଛି। କେବଳ କୁଆଁରମୁଣ୍ଡାର ଏହି ପ୍ରେମୀଯୁଗଳ ନୁହନ୍ତି, ରାଜ୍ୟରେ ଘଟୁଥିବା ଅନେକ ବଜ୍ରପାତ-ମୃତ୍ୟୁର କାରଣ ମୋବାଇଲ ଫୋନ୍ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ବିଜୁଳି ଓ ବଜ୍ରପାତ ବେଳେ ମୋବାଇଲ ଫୋନ୍ ଭଳି ଇଲେକ୍‌ଟ୍ରୋନିକ୍ ସରଞ୍ଜାମଗୁଡ଼ିକୁ ସୁଇଚ୍‌ଅଫ୍ କରିବା କଥା। ମାତ୍ର ଗାଁଗହଳିର ଅଳ୍ପଶିକ୍ଷିତ ଲୋକଙ୍କଠୁ ନେଇ ସହରର ବହୁଶିକ୍ଷିତ ବ୍ୟକ୍ତି ଏ କଥା ଜାଣି ମଧ୍ୟ ଅଜଣା ଭଳି ବ୍ୟବହାର କରୁଛନ୍ତି ଏବଂ ମୃତ୍ୟୁମୁହଁରେ ପଡୁଛନ୍ତି। ପୁଣି କିଛି ଲୋକ ବଜ୍ରପାତ ବେଳେ ଗଛତଳକୁ ଆଶ୍ରୟ ଭାବି ପଳାଇ ଆସୁଛନ୍ତି। କିନ୍ତୁ ଅଧିକାଂଶ ବଜ୍ରପାତ ଗଛ ଉପରେ ହେଉଥିବାରୁ ଗଛତଳେ ଆଶ୍ରୟ ନେଉଥିବା ଲୋକ ବଜ୍ରପାତର ଶିକାର ହେଉଛନ୍ତି।

ବିଶେଷକରି ଏପ୍ରିଲ, ମେ, ଜୁନ୍ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ କାଳବୈଶାଖୀ ହେବାର ଅଧିକ ଆଶଙ୍କା ରହୁଥିବାବେଳେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ଅନୁଗୋଳ, ରାୟଗଡ଼ା, ଗଞ୍ଜାମ ଏବଂ ଗଜପତି ଜିଲାରେ ଅଧିକମାତ୍ରାରେ କାଳବୈଶାଖୀ ହେଉଛି ବୋଲି ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଆଉ ସରକାରଙ୍କ ପାଖରେ ପ୍ରତିବର୍ଷ ବଜ୍ରପାତଜନିତ ମୃତକଙ୍କ ଯେଉଁ ତାଲିକା ରହିଛି, ସେଥିରେ ସର୍ବାଧିକ ବଜ୍ରପାତଜନିତ ମୃତ୍ୟୁ ବାଲେଶ୍ୱର ଜିଲାରେ ଘଟିଥିବା ଜଣାଯାଇଛି। ଚଳିତ ବର୍ଷ ମଧ୍ୟ ମାସକ ମଧ୍ୟରେ ଏହି ଜିଲାରେ ବଜ୍ରପାତରେ ୧୨ଜଣ ପ୍ରାଣ ହରାଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ୨୦୧୦-୧୧ ମସିହାରେ ରାଜ୍ୟରେ ବଜ୍ରପାତ ଯୋଗୁ ୨୭୯ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୧୧-୧୨ରେ ୩୫୨, ୨୦୧୨-୧୩ରେ ୨୯୫, ୨୦୧୩-୧୪ରେ ୩୭୦, ୨୦୧୪-୧୫ରେ ୩୧୦, ୨୦୧୫-୧୬ରେ ୪୦୦, ୨୦୧୬-୧୭ ମସିହାରେ ୩୯୭ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ସୂଚନାଥାଉ କି, ବଜ୍ରପାତ ଯୋଗୁ ଦେଶରେ ପ୍ରତିବର୍ଷ ପାଖାପାଖି ୨୫୦୦ ଜଣ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ଏହାର ପ୍ରାୟ ଏକପଞ୍ଚମାଂଶ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଚଳିତ ଗ୍ରୀଷ୍ମକାଳରେ କାଳବୈଶାଖୀ ବା ଘୂର୍ଣ୍ଣିଝଡ଼ ପ୍ରଭାବରେ ବର୍ଷା ସହିତ ବଜ୍ରପାତ ବାରମ୍ବାର ଘଟିଥିବା ଜଳବାୟୁ ପରିବର୍ତ୍ତନର ଲକ୍ଷଣ ହୋଇପାରେ। ତେବେ ରାଜ୍ୟରେ ଗତ ଏପ୍ରିଲ ପହିଲାରୁ ଆଜି ପର୍ଯ୍ୟନ୍ତ ୬୩ଜଣ ବ୍ୟକ୍ତିଙ୍କର ବଜ୍ରପାତଜନିତ ମୃତ୍ୟୁ ହୋଇଛି। ଗତ ୯ ବର୍ଷରେ ବଜ୍ରପାତ-ମୃତ୍ୟୁ ସଂଖ୍ୟା ୨୯୨୫ ଛୁଇଁଛି। ଗତ ଏପ୍ରିଲରୁ ମେ ୨୪ ମଧ୍ୟରେ ୬୧ଜଣଙ୍କ ମୃତ୍ୟୁ ହୋଇଛି। କାଳବୈଶାଖୀ ପାଇଁ ରାଜ୍ୟ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ରାଜ୍ୟସ୍ତରରେ ନିୟନ୍ତ୍ରଣ କକ୍ଷ ନମ୍ବର ୧୦୭୯ ରହିଥିବାବେଳେ ଜିଲାସ୍ତରରେ ୧୦୭୭ ନମ୍ବର ରହିଛି। ସାପ କାମୁଡ଼ିଲେ କିମ୍ବା ବଜ୍ରପାତ ହେଲେ ମଧ୍ୟ ନିୟନ୍ତ୍ରଣ କକ୍ଷକୁ ଲୋକେ ଫୋନ କରିପାରିବେ। ସାଧାରଣ ଲୋକଙ୍କୁ ସ୍ମାର୍ଟଫୋନ୍‌ରେ ବଜ୍ରପାତର ଆଗୁଆ ସୂଚନା ମିଳିପାରିବ। ବଜ୍ରପାତର ଦୁଇ କିମ୍ବା ତିନି ଘଣ୍ଟା ପୂର୍ବରୁ ମୋବାଇଲ ଆପ୍‌ରେ ସୂଚନା ଦିଆଯିବ।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ବୈଜ୍ଞାନିକଙ୍କ କହିବାନୁସାରେ, ପରିବେଶକୁ ବଦଳାଇବା ଆମ ହାତରେ ନାହିଁ। କେବଳ ଲୋକମାନଙ୍କୁ ସଚେତନ କରାଇପାରିବୁ। ପାଣିପାଗ ସୂଚନା ମୁତାବକ ଆମେ ଲୋକମାନଙ୍କୁ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ମାଧ୍ୟମରେ ଜଣାଇ ଦେଉଛୁ। ତଥାପି କିଛି ଅଞ୍ଚଳର ଲୋକେ ସଚେତନ ହୋଇପାରୁନାହାନ୍ତି। ଫଳରେ ମୃତ୍ୟୁର ଶିକାର ହେଉଛନ୍ତି। ସହରାଞ୍ଚଳରେ ଲୋକମାନେ ଅଫିସ ଭିତରେ ବ୍ୟସ୍ତ ରହୁଛନ୍ତି। ତେଣୁ ସେମାନଙ୍କ ଉପରେ ଏତେଟା ପ୍ରଭାବ ପଡୁନି। କିନ୍ତୁ ବଜ୍ରପାତ ବେଳେ ଗ୍ରାମାଞ୍ଚଳରେ ରହୁଥିବା ଲୋକେ ଚାଷଜମିରେ, ଛପର ତଳେ କିମ୍ବା କିଛି ଲୋକ ଗଛତଳେ ଆଶ୍ରୟ ନିଅନ୍ତି। ତେଣୁ ବଜ୍ରପାତ ହେଲେ ସେମାନେ ଅଧିକ ସଂଖ୍ୟାରେ ପ୍ରାଣ ହରାନ୍ତି। ଏଭଳି ବିପଦ ସମ୍ପର୍କରେ ଆମେ ସେମାନଙ୍କୁ ସଚେତନ କରାଇପାରିଲେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟାକୁ କମାଯାଇପାରିବ। ବଜ୍ରପାତର ଶିକାର ମୁଖ୍ୟତଃ ଗାଁଗଣ୍ଡାର ଚାଷୀ, ଗ୍ରାମବାସୀ ହେଉଛନ୍ତି। କାଳବୈଶାଖୀ ଅଚାନକ ଆସିଥାଏ। ଏହି ସମୟରେ ପ୍ରବଳ ଘଡ଼ଘଡ଼ି, ବଜ୍ରପାତ ହେଉଥିବାରୁ ଚାଷୀ କିମ୍ବା ଖୋଲାରେ ବୁଲୁଥିବା ଲୋକେ ମୃତ୍ୟୁର ବିପଦ ମୁଣ୍ଡାଇଥାନ୍ତି। ଏ ନେଇ ଆଗୁଆ ସୂଚନା ପ୍ରଦାନ ପାଇଁ ସ୍ୱତନ୍ତ୍ର ଆପ୍ ବିକାଶ କରାଯାଉଥିବା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଏହି ଆପ୍ ମୋବାଇଲରେ ସ୍ଥାପନ କରିହେବ। ଏହା ଜରିଆରେ ବଜ୍ରପାତ ହେବାର ଦୁଇ କିମ୍ବା ତିନି ଘଣ୍ଟା ପୂର୍ବରୁ ସୂଚନା ମିଳିପାରିବ।

କୋକମୁଣ୍ଡା, ଚାଞ୍ଚେର, କେସିଙ୍ଗା, କଳାହାଣ୍ଡି,
ମୋ: ୯୯୩୮୯୦୪୭୭୫

## ଏଇ ଭାରତରେ

ହାଇଦ୍ରାବାଦ୍‌ର ଜଣେ ଯୁବକ ଗୋଟିଏ ଦିନରେ ହଜାରେ ଲୋକଙ୍କୁ ଖାଦ୍ୟ ଖୁଆଇ ରେକର୍ଡ ସୃଷ୍ଟି କରିଛନ୍ତି। 'ସର୍ଭ୍ ନିଡି' ନାମକ ଏନ୍‌ଜିଓର ପ୍ରତିଷ୍ଠାତା ଗୌତମ କୁମାର ଗୋଟିଏ ଦିନରେ ପ୍ରାୟ ହଜାରେ ଗରିବ ଲୋକଙ୍କୁ ଖାଇବାକୁ ଦେଇ 'ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡ'ରେ ନିଜ ନାଁକୁ ସ୍ଥାନିତ କରିପାରିଛନ୍ତି। ସେ ଭିନ୍ନ ଭିନ୍ନ ସ୍ଥାନରେ ଗରିବ ଲୋକଙ୍କୁ ଖାଦ୍ୟ ଖୁଆଇଥିଲେ। ପ୍ରଥମେ ସେ ଗାନ୍ଧୀ ହସ୍ପିଟାଲ, ତା'ପରେ ରାଜେନ୍ଦ୍ର ନଗର ଓ ଶେଷରେ ଚୌତୁପାଲରେ ଥିବା ଆମ୍ମା ନାନ୍ନା ଅନାଥାଶ୍ରମରେ ଅନାଥମାନଙ୍କୁ ନିଜ ହାତରେ ଖାଦ୍ୟ ଖୁଆଇଥିଲେ। 'ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍'ର ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବା କେଭି ରମଣ ରାଓ ତେଲେଙ୍ଗାନା ପାଇଁ ପ୍ରତିନିଧିତ୍ୱ କରୁଥିବା ଟିଏମ୍ ଶ୍ରୀଲଥା ଗୌତମ କୁମାରଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ୨୦୧୪ରୁ ଗୌତମ କୁମାର 'ସର୍ଭ ନିଡି' ନାମକ ଏନ୍‌ଜିଓ ପ୍ରତିଷ୍ଠା କରିଥିବା ବେଳେ ଏବେ ଏଥିରେ ୧୪୦ ସ୍ୱେଚ୍ଛାସେବୀ କାମ କରୁଛନ୍ତି।

### ଚିରନ୍ତନୀ

ସେହି ମନ୍ତ୍ରେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅକସ୍ମାତ ଘୋଷି ଉଠି ଜାତି! ଜାତି! ଜାତି!
ମୂକ ମାନବର ମୁହଁ ମୁଖରିତ ହେଉ ପୁଣି ଭାଷା
ଦଳିତର ପୀଡିତର ତେଜି ଦିଅ ଜ୍ୱଳନ୍ତ ପିପାସା।

(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୯୪

- କଳିଙ୍ଗ ଷ୍ଟିଲ ପ୍ଲାଣ୍ଟର ଅଧ୍ୟକ୍ଷ ତଥା କାପାରୋ ଗ୍ରୁପର ଚେୟାରମ୍ୟାନ ଓ ପ୍ରବାସୀ ଭାରତୀୟ ସ୍ୱରାଜ ପଲ କଳିଙ୍ଗ ଷ୍ଟିଲ ପ୍ଲାଣ୍ଟ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି।
- ଉତ୍ତର କୋରିଆର ଆଣବିକ କାର୍ଯ୍ୟକ୍ରମ ନିରୀକ୍ଷଣ ପାଇଁ ଅନ୍ତର୍ଜାତୀୟ କମିଟିକୁ ଅନୁମତି ଦେବାକୁ ନିରାପତ୍ତା ପରିଷଦ ଉତ୍ତରକୋରିଆକୁ ଅନୁରୋଧ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ୭୫ ବର୍ଷରେ ପେନ୍‌ସନ ୧୫% ବଢ଼ାଯାଉ

ମହାଶୟ,

ରାଜ୍ୟ ସରକାରଙ୍କର ଅବସରପ୍ରାପ୍ତ ଚାକିରିଆମାନଙ୍କୁ ୮୦ ବର୍ଷ ହେଲେ ତାଙ୍କର ପେନ୍‌ସନ ୧୫ ପ୍ରତିଶତ ବୃଦ୍ଧି କରନ୍ତି। ଏହାକୁ ବହୁ ଅବସରପ୍ରାପ୍ତ କର୍ମଚାରୀ ବିରୋଧ କଲେଣି। ଏଣୁ ୭୫ ବର୍ଷ ବୟସକୁ ସୁପର ସିନିୟର ସିଟିଜେନ୍ ଆଖ୍ୟା ଦିଆଯାଉ। ୮୦ ବର୍ଷ ବେଳକୁ ମନୁଷ୍ୟର ବଞ୍ଚିବାଟା ବଡ଼ କଷ୍ଟ ଓ ଭାଗ୍ୟର କଥା। ତା'ର ଶାରୀରିକ, ମାନସିକ ଦୌର୍ବଲ୍ୟର ପଟାନ୍ତର ନାହିଁ। କାହାକୁ 'ଆଲ୍‌ଜିମରସ୍' କାହାକୁ ଷ୍ଟ୍ରୋକ୍, କାହାର କର୍କଟ। ତେଣୁ ରାଜ୍ୟ ସରକାର ଏହାକୁ ୭୫ ବର୍ଷରେ ନିର୍ଦ୍ଧାରଣ କରନ୍ତୁ। ଆଶା କରେ ବର୍ଷୀୟାନ୍ ଅବସରପ୍ରାପ୍ତ ମନୁଷ୍ୟଙ୍କୁ ନ୍ୟାୟ ମିଳିବ। ଅବସରପ୍ରାପ୍ତଙ୍କୁ ଚିକିତ୍ସା ଭତ୍ତା ଦେବା ଏକ ବହୁଦିନର ଦାବି।

ଡାକ୍ତର ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

### ସରକାରୀ ଯୋଜନା ନିକମା କରୁଛି

ସରକାରୀ ଯୋଜନା ବ୍ୟକ୍ତିଙ୍କୁ ନିକମା କରୁଛି। ଏମାନେ ଭଲ ବିହନକୁ ଚୁଡା କରୁଛନ୍ତି କାରଣ ଭଲ ଚାଷୀ ବୋଲି ମାଗଣାରେ ବିହନ ମିଳୁଛି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଇପରଙ୍କୁ ମାଡ଼

କୁଜଙ୍ଗ,୩୧।୫(ସ୍ୱ.ପ୍ର.): କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରାତିରେ ଜଣେ ସୁଇପରଙ୍କୁ ନିସ୍ତୁକ ମାଡ଼ ମରାଯିବା ସହ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ମାଡ଼ ଖାଇଥିବା ସୁଇପର ଗୋପୀନାଥ ଗୋଚ୍ଛାୟତ ଏନେଇ ଜଣେ କର୍ମଚାରୀଙ୍କ ସମ୍ପର୍କୀୟଙ୍କ ବିରୋଧରେ କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। କୁଜଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ମୋବାଇଲ୍ ଦେଖାକୁ ନେଇ ବଚସାରୁ ଏହି କାଣ୍ଡ ଘଟିଛି।

### ମନ୍ତ୍ରୀ ରଘୁନନ୍ଦନଙ୍କୁ ଶୁଭେଚ୍ଛା

କୁଜଙ୍ଗ,୩୧।୫(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲାରୁ ଏକମାତ୍ର ମନ୍ତ୍ରୀ ଭାବେ ବିଧାୟକ ରଘୁନନ୍ଦନ ଦାସଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିଛି। ଏଥିପାଇଁ କୁଜଙ୍ଗ ପାରାଦୀପ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ ଜଗତ୍‌ସିଂହପୁର କେନ୍ଦ୍ରାପଡ଼ା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ କାର୍ଯ୍ୟକାରୀ ସଭାପତି ନିର୍ଭୟ କୁମାର ସାମନ୍ତରାୟ, ସମ୍ପାଦକ ରଞ୍ଜନ ପଲାଇ, ସଭାପତି ବିକ୍ରମ ମହାନ୍ତି, ସୁନିଲ ସ୍ୱାଇଁ, ଉଦୟନାଥ ଭଞ୍ଜ ପ୍ରମୁଖ ରଘୁନନ୍ଦନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ରାଜନୈତିକ ଜୀବନର ସଫଳତା କାମନା କରିଛନ୍ତି।

### ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

ନିଶ୍ଚିନ୍ତକୋଇଲି,୩୧।୫(ସ୍ୱ.ପ୍ର./ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ଶୁକ୍ରବାର ଆକ୍ରମଣ ହୋଇଥିବା କଟକ ମଧୁପାଟଣା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଖବରଦାତା ପ୍ରମୋଦ କୁମାର ସ୍ୱାଇଁ କେନ୍ଦୁପାଟଣାରୁ ଏକ ଅଟୋ ଯୋଗେ କଟକ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଅଟୋଚାଳଙ୍କ ତାଙ୍କୁ ଭଡ଼ା ବାବାଦକୁ ୫୦ ଟଙ୍କା ମାଗିଥିଲେ। ଭଡ଼ା କମ୍ ହୋଇଥିବାରୁ ଏତେ ଟଙ୍କା କାହିଁ ମାଗୁଛ ବୋଲି ପ୍ରମୋଦ ଅଟୋ ଚାଳକଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଟୋଚାଳକ ଜଣଙ୍କ ପ୍ରମୋଦ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ଅଟୋଚାଳକଙ୍କୁ ଗିରଫ କରି ପାରିନାହିଁ।

### ଭେଡ଼ାରାମଚନ୍ଦ୍ରପୁରରେ ଧାନମଣ୍ଡି ଉଦ୍‌ଘାଟିତ

ବାଙ୍କୀ,୩୧।୫(ସ୍ୱ.ପ୍ର.): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତ ଭେଡ଼ାରାମଚନ୍ଦ୍ରପୁର ସେବା ସମବାୟ ସମିତିରେ ଶୁକ୍ରବାର ରବି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ ସମବାୟ ସର୍କଲର ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ମଣ୍ଡିରେ ଚାଷୀମାନେ କିପରି ଧାନ ବିକ୍ରୟ କରି ସହାୟତା ପାଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମିତି ସମ୍ପାଦକ ରଞ୍ଜିତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଚାଷୀ ପଠାଣୀ ଦାସ, ବିଧୁଭୂଷଣ ମହାପାତ୍ର, ଗୌରାଙ୍ଗ ଖଟୁଆ, ମଣ୍ଟୁ ଖଟୁଆ, ଜଗନ୍ନାଥ ଗୋଚ୍ଛି ଓ ଇନ୍ଦ୍ରମଣି ମନ୍ତ୍ରୀଙ୍କ ସମେତ ବହୁଚାଷୀ ଧାନ ବିକ୍ରୟ କରିଥିଲେ।

### ଯୁବ ଅହମ୍ମଦିୟା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ତିରିଆ,୩୧।୫(ଡି.ଏନ.ଏ.): ତିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମର ଯୁବ ଅହମ୍ମଦିୟା ପକ୍ଷରୁ ଶୁକ୍ରବାର ଗ୍ରାମର ରାସ୍ତାଘାଟ ସହିତ ଇଦ୍‌ଗାହ ପଡ଼ିଆ ଓ କବରସ୍ଥାନ ସଫେଇ କରାଯାଇଛି। ପବିତ୍ର ଇଦ୍-ଉଲ୍-ଫିତର ଆଗକୁ ପାଳନ ହେବାକୁ ଥିବା ବେଳେ ଏଥି ପୂର୍ବରୁ ଯୁବ ଅହମ୍ମଦିୟା ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ଅହମ୍ମଦିୟା ସଭାପତି ସାଦିକ ଅହମ୍ମଦ, ସେକ କାଲାମ, ଅବରାର୍ ଖାଁ, ୟାହିୟା ଖାଁ, ୟାମିନ୍ ଖାଁ ଓ କଲିମ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ।

# କାହାକୁ ପସନ୍ଦ କଲେନି ୬,୦୫୭ ଭୋଟର

**ଜଗତ୍‌ସିଂହପୁର ଲୋକ ସଭା ଆସନ**
- ନାକଚ୍ ରୋକିବାରେ ସଫଳ ହେଲେନି ନିର୍ବାଚନ ଅଧିକାରୀ
- ୪,୨୧୨ ପୋଷ୍ଟାଲ ବାଲଟରୁ ୬୩୭ ଭୋଟ୍ ନାକଚ
- ସୁସ୍ଥ ଗଣତନ୍ତ୍ର ପାଇଁ ଅଶୁଭ ସୂଚନା

ଜଗତ୍‌ସିଂହପୁର ଅଫିସ,୩୧।୫

୨୦୧୯ ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟରଙ୍କୁ ମତଦାନ ପାଇଁ ସୁଯୋଗ ଦେବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଶେଷକରି ନୂଆ ଭୋଟର ଓ ଭିନ୍ନକ୍ଷମଙ୍କ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୋଟାମୋଟି ଭାବେ ମତଦାନ ହାର ବୃଦ୍ଧି ପାଇଁ ସମସ୍ତ ଉଦ୍ୟମ କରାଯାଇଥିବା କୁହାଯାଉଥିଲା। ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ଇଭିଏମ ସହ ଭିଭିପିଏଟିର ପ୍ରଚଳନ କରାଯାଇଥିଲା। ଭୋଟରଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇଥିଲା। ଯେପରି କୌଣସି ଭୋଟ୍ ନାକଚ ନ ହୁଏ, ସେଥିପ୍ରତି ଧ୍ୟାନ ଦିଆଯାଇଥିଲା। ବାସ୍ତବରେ ଏସବୁ କ୍ଷେତ୍ରରେ ଆଶାଜନକ ସଫଳତା ମିଳିପାରିନାହିଁ। ଜଗତ୍‌ସିଂହପୁର ଲୋକସଭା ଆସନ ନିମନ୍ତେ ୪,୨୧୨ ପୋଷ୍ଟାଲ ବାଲଟ ଥିବାବେଳେ ସେଥିରୁ ୬୩୭ ଖଣ୍ଡ ନାକଚ ହୋଇଛି। ସେହିପରି ନୋଟାରେ ଯାଇଛି ୬,୦୫୭ ଭୋଟ। ନୋଟାରେ ଯାଇଥିବା ଏହି ଭୋଟ୍ ମଧ୍ୟରେ ୧୫ ଖଣ୍ଡ ପୋଷ୍ଟାଲ ବାଲଟ ରହିଛି। ତେଣୁ ସୁସ୍ଥ ଗଣତନ୍ତ୍ର ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କ ଆବଶ୍ୟକତା ଥିବାବେଳେ ସମ୍ପ୍ରତି ଏହାର ଅଭାବ ଅନୁଭୂତ ହେଉଛି। ବିଶେଷକରି ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଦଳୀୟ ପ୍ରାର୍ଥୀ କରାଯିବା ଓ ମୂଲ୍ୟବୋଧ ଭିତ୍ତିକ ରାଜନୀତିର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଗକୁ ଏହି ଧାରା ଲାଗି ରହିଲେ ସୁସ୍ଥ ଗଣତନ୍ତ୍ର ବଜାୟ ରଖିବା ସମ୍ଭବ ହେବନାହିଁ ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଏହି ଲୋକସଭା ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଜିଲାର ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, କଟକ ଜିଲାର ନିଆଳି, ପୁରୀ ଜିଲାର ନିମାପଡ଼ା ଓ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ଏମ୍‌ପି ସିଟ୍ ପାଇଁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ୯ ଜଣ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ଏମାନଙ୍କ ମଧ୍ୟରୁ କୌଣସି ପ୍ରାର୍ଥୀଙ୍କୁ ୬,୦୫୭ ଭୋଟର ପସନ୍ଦ କରି ନ ଥିବା ମତଦାନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି। ନିଆଳି ନିର୍ବାଚନମଣ୍ଡଳୀରୁ ୯୧୪, ପାରାଦୀପ ୬୮୧, ତିର୍ତ୍ତୋଲ ୯୦୮, ବାଲିକୁଦା-ଏରସମା ୯୧୦, ଜଗତ୍‌ସିଂହପୁର ୬୯୧, କାକଟପୁର ୯୫୩ ଓ ନିମାପଡ଼ା ନିର୍ବାଚନମଣ୍ଡଳୀରୁ ୯୮୫ ଭୋଟ୍ ଏମ୍‌ପି ସିଟ୍ ପାଇଁ ନୋଟାକୁ ଯାଇଛି। ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ନୋଟାରେ ଭୋଟ ଦେଇଛନ୍ତି ୧୫ ଜଣ। ୨୦୧୪ ତୁଳନାରେ ଅବଶ୍ୟ ନୋଟାରେ କମ ଭୋଟ ଯାଇଛି। ୨୦୧୪ରେ ଏହି ସଂଖ୍ୟା ଥିଲା ୭,୬୨୪। ସେହିପରି ବିଭିନ୍ନ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ନେତାଙ୍କୁ ୪,୯୧୮ଭୋଟର ପସନ୍ଦ କରି ନ ଥିବା ଜଣାଯାଏ। ସେମାନଙ୍କ ମଧ୍ୟରେ ପାରାଦୀପରୁ ୪୯୫, ତିର୍ତ୍ତୋଲ ୧,୧୪୩, ବାଲିକୁଦା-ଏରସମା ୫୭୮, ଜଗତ୍‌ସିଂହପୁର ୫୮୪, ନିଆଳି ୬୯୮, କାକଟପୁର ୭୩୬ ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଅଛନ୍ତି ୬୮୪ ଜଣ ଭୋଟର। ୨୦୧୪ ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କଲେ ଜଣାଯାଏ, ୨୦୧୯ରେ କେବଳ ଜଗତ୍‌ସିଂହପୁର ବିଧାନସଭା ଆସନକୁ ବାଦ୍‌ଦେଲେ ଅନ୍ୟସମସ୍ତ ବିଧାନସଭା ଆସନରେ ନୋଟାରେ ଭୋଟ କମିଛି। କାରଣ ଭୋଟରମାନେ ବିଶେଷକରି ବିଧାୟକ ପଦବୀ ଉପରେ ଗୁରୁତ୍ୱ ଦେଇଥାନ୍ତି। ତେଣୁ ଏହି ହାର କମିଥିଲେ ସୁଦ୍ଧା ଆଶାଜନକ କମିନି। ପୋଷ୍ଟାଲ ବାଲଟ୍ ମୋଟ ଉପରେ ୪,୨୧୨ ଥିବାବେଳେ ସେଥିମଧ୍ୟରୁ ୬୩୭ଟି ନାକଚ୍ ହୋଇଯାଇଛି, ଯାହାକି ଆଲୋଚ୍ୟର ବିଷୟ ହୋଇଛି। କାରଣ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ବିଶେଷକରି ସରକାରୀ କର୍ମଚାରୀ ତଥା ସଚେତନ ନାଗରିକ ଭୋଟ ଦେଇଥାନ୍ତି। ସେମାନେ ଯେବେ ମତଦାନ ସମ୍ପର୍କରେ ଅବଗତ ନ ରହିବେ ତେବେ ଅନ୍ୟ ସାଧାରଣ ନାଗରିକ ସଚେତନ ନ ହେବା ସ୍ୱାଭାବିକ। ଏଥିରୁ ସ୍ପଷ୍ଟ ଯେ ନିର୍ବାଚନ ଅଧିକାରୀମାନେ ସଚେତନତା ସୃଷ୍ଟି କରିବାରେ ଶତ ପ୍ରତିଶତ ସଫଳ ହୋଇନାହାନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା ପାଇଁ ସ୍ୱତନ୍ତ୍ର ଭାବେ ଗାଡ଼ି ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଯେଉଁମାନେ ଏହି କାମରେ ନିୟୋଜିତ ରହିଲେ ସେମାନଙ୍କ ମଧ୍ୟରୁ ଅନେକ ଆନ୍ତରିକତାର ସହ କାମ ନ କରିବାରୁ ମତଦାନ ହାର ଆଶାଜନକ ହୋଇ ନ ଥିଲା। ସେହିପରି ଅନେକ ବ୍ୟକ୍ତି ଭୋଟ ପରିଚୟ ପତ୍ର, ଆଧାର କାର୍ଡ ରଖି ମଧ୍ୟ ମତଦାନ କରିପାରିଲେ ନାହିଁ। ଭୋଟର ତାଲିକାରେ ତ୍ରୁଟି ଯୋଗୁ ସେମାନେ ନିଜ ମତଦାନ ଅଧିକାରରୁ ବଞ୍ଚିତ ହେଲେ।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ତିର୍ତ୍ତୋଲ,୩୧।୫(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ମୂଳିସିଂ ପଞ୍ଚାୟତ ହରିସିଂପୁର ଗ୍ରାମରେ ଶୁକ୍ରବାର ଅଂଶୁଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗହୋଇଛି। ସେ ହେଲେ ସୁରେନ୍ଦ୍ର ବେହେରା(୬୨)। ସୁରେନ୍ଦ୍ର ପୂର୍ବାହ୍ନରେ ନିଜ ଘର ନିକଟରେ ଥିବା ଚାଷ ଜମିରେ ଖତ ପକାଇସାରି ଘରକୁ ଫେରୁଥିବା ବେଳେ ଅଂଶୁଘାତର ଶିକାର ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁରେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ଚାଷ କରିବା ସହ ଅନ୍ୟର ମୂଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରିଆସୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ବେସାହାରା ହୋଇପଡ଼ିଛନ୍ତି। ଏହି ଗରିବ ଚାଷୀ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପାରାଦୀପରେ କଂଗ୍ରେସର ସମୀକ୍ଷା ବୈଠକ

# ପରାଜୟର କାରଣ ଖୋଜିଲେ ନେତା



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ଓ କର୍ମୀମାନେ।

ପାରାଦୀପ,୩୧।୫(ସ୍ୱ.ପ୍ର.)

ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଗତ ୨ଟି ନିର୍ବାଚନରେ ଶାସକ ବିଜେଡିକୁ କଡ଼ା ଟକ୍କର ଦେଉଥିଲେ ହେଁ ବିଜୟର ଟିକା ପିନ୍ଧିପାରୁନି। ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ମତଦାନ ପର୍ଯ୍ୟନ୍ତ ଜନମତ କଂଗ୍ରେସ ସପକ୍ଷରେ ରହୁଥିବା ମନେ ହେଉଥିଲେ ମଧ୍ୟ ଦଳ ଦ୍ୱିତୀୟ ସ୍ଥାନ ପାଉଛି। ଏହାର କାରଣ ସମ୍ପର୍କରେ ଜାଣିବା ପାଇଁ ଶୁକ୍ରବାର ପାରାଦୀପ ତାରିଣୀଗଡ଼ା ଅଫିସଠାରେ ଦଳର ସମୀକ୍ଷା ବୈଠକ ହୋଇଛି। ଏଥିରେ ପ୍ରାୟ ସମସ୍ତ ପଞ୍ଚାୟତସ୍ତରୀୟ କର୍ମୀ ଯୋଗଦେଇ ନିଜ ମତ ରଖିଥିଲେ। କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ (ବାପି)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଧିକାଂଶ କର୍ମୀ କହିଲେ ଯେ, କେତେକ ଭୋଟର ଏମ୍‌ପି ପ୍ରାର୍ଥୀ ନିମନ୍ତେ ଗୋଟିଏ ଦଳ ଓ ବିଧାୟକ ପ୍ରାର୍ଥୀ ନିମନ୍ତେ ଆଉ ଏକ ଦଳକୁ ଭୋଟ୍ ଦେଇଥିବାରୁ ଅଡୁଆ ହୋଇଛି। ସେମାନେ ପ୍ରଥମେ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ୍ ଦେବାବେଳେ ଅନ୍ୟ ଦଳକୁ ଭୋଟ୍ ଦେବାକୁ ଯାଇ କଂଗ୍ରେସକୁ ଦେଇଛନ୍ତି ଓ ପରେ କଂଗ୍ରେସର ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେବାବେଳେ ଭୁଲ୍‌ରେ ଅନ୍ୟ ଦଳକୁ ଦେଇଛନ୍ତି। କେତେକ ବୁଥ୍‌ରେ ଏଭଳି ହୋଇଥିବା ସ୍ପଷ୍ଟ ହୋଇଛି ବୋଲି କର୍ମୀମାନ କହିଥିଲେ। ଏହାବାଦ୍ ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ ବିରୋଧୀ ହାୱା ନିର୍ବାଚନମଣ୍ଡଳୀ ଉପରେ ପ୍ରଭାବ ପକାଇଛି। ଟିକେଟ୍ ଦେବାରେ ବିଳମ୍ବ, ପ୍ରଚାରକୁ କୌଣସି ବଡ଼ ନେତା ନ ଆସିବା କଥା ମଧ୍ୟ ଆଲୋଚନା ହୋଇଥିଲା। ସବୁ ପରେ ସର୍ଖେଲ କହିଲେ ଯେ ୪୮ହଜାରରୁ ଅଧିକ ଲୋକ ତାଙ୍କୁ ସମର୍ଥନ କରିଥିବାରୁ ସେ ସେମାନଙ୍କୁ କୃତଜ୍ଞତା ଜଣାଉଛନ୍ତି। ସେ ହାରିଯାଇଛନ୍ତି ସତ, କିନ୍ତୁ ପୂର୍ବଭଳି ଲୋକଙ୍କ ସେବା ଜାରି ରଖିବେ।

## ଓଲଟିଲା ଟ୍ରାକ୍ଟର: ମାମୁ ମୃତ, ଭଣଜା ଆହତ

ରଘୁନାଥପୁର, ୩୧।୫ (ଡି.ଏନ.ଏ.)

ଗୁରୁବାର ମଧ୍ୟରାତ୍ରିରେ ତରଡାପଡା ଅଞ୍ଚଳରୁ ଚାଷ କାର୍ଯ୍ୟ ସାରି ଫେରୁଥିଲା ଏକ ଟ୍ରାକ୍ଟର। ତିର୍ତ୍ତୋଲ ଥାନା ଅନ୍ତର୍ଗତ ନାଲିବର ପୋଲ ପାର ହୋଇ ପୁରୁଣାବସନ୍ତ ଆଡକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ସଫେଇ ମଧ୍ୟକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଟ୍ରାକ୍ଟ ତଳେ ଚାପି ହୋଇ ମାମୁଙ୍କର ମୃତ୍ୟୁ ଘଟିଥିବାବେଳେ ଭଣଜା ଗୁରୁତର ଆହତ ହୋଇଛନ୍ତି। ଏରସମା ଅଞ୍ଚଳର ଏକ ଟ୍ରାକ୍ଟରକୁ ତିର୍ତ୍ତୋଲ ଥାନା ଏରଡଙ୍ଗା ପଞ୍ଚାୟତ କାକୁଡିଆ ଗାଁର ଦୁଷ୍ମନ୍ତ ଜେନା ଭଡା ସୂତ୍ରରେ ଆଣି ଡ୍ରାଇଭର ଦେଇ ଚଳାଉଥିଲେ। ଟ୍ରାକ୍ଟରଟି ତରଡାପଡା ଅଞ୍ଚଳରେ ଚାଷକାର୍ଯ୍ୟ କରି ଫେରୁଥିବା ବେଳେ କୌଣସି କାରଣରୁ ଚାଳକ ରହିଯାଇଥିଲେ। ସାଙ୍ଗରେ ଯାଇଥିବା ଦୁଷ୍ମନ୍ତଙ୍କ ପୁଅ ନିରନ ଓ ତାଙ୍କୁ ସହାୟତା କରିବାକୁ ଆସିଥିବା ନେମାଳ ଥାନା ବନ୍ଧୁପୁର ଅଞ୍ଚଳର ଅରୁଣ ଜେନାଙ୍କ ପୁଅ ଚିନ୍ମୟ ଓରଫ ବୁବୁ(୧୭) ଟ୍ରାକ୍ଟର ନେଇ ଚାଲି ଆସିଥିଲେ। ତେବେ ନାଲିବର ପୋଲ ପାରହେବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ସଫେଇ ମଧ୍ୟକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ହିଁ ଟ୍ରାକ୍ଟର ତଳେ ଚାପିହୋଇ ମାମୁ ବୁବୁଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ରାତିରେ ଉକ୍ତ ଦୁଇଜଣଙ୍କ ଉଦ୍ଧାର କରି ଚିକିତ୍ସା ଲାଗି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ବୁବୁଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତିର୍ତ୍ତୋଲ ପୋଲିସ ଦୁଷ୍ମନ୍ତଙ୍କ ପୁଅ ନିରନ୍‌ଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ମାଙ୍କଡ଼ ଧରିବା ଦାବିରେ ରାସ୍ତାରୋକୋ

କୁଜଙ୍ଗ,୩୧।୫(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ପଙ୍କପାଳରେ ଆତଙ୍କ ଖେଳାଇଥିବା ଏକ ହନୁ ମାଙ୍କଡ଼କୁ ବନ ବିଭାଗ କର୍ମଚାରୀ କାବୁ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ମଧ୍ୟରେ ମାଙ୍କଡ଼ଟି ଏହି ଅଞ୍ଚଳର ୮ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ି ସାରିଲାଣି। ମାଙ୍କଡ଼ କାମୁଡ଼ାରେ ଆହତ ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ଲୋକେ ମାଙ୍କଡ଼କୁ କାବୁ କରିବା ପାଇଁ ବନ ବିଭାଗକୁ ଜଣାଇଥିଲେ ମଧ୍ୟ ସେମାନେ ମାଙ୍କଡ଼ ଧରିବାରେ ସମର୍ଥ ହୋଇନାହାନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଅପରାହ୍ନରେ ମାଙ୍କଡ଼ଟି ପଙ୍କପାଳ ଇନ୍ଦିରାକଲୋନୀ ନିବାସୀ ଗଙ୍ଗାଧର ଦାସ(୫୬)ଙ୍କୁ କାମୁଡ଼ି ଦେଇଛି। ତାଙ୍କ ପିଠି ପଟ କଙ୍କାଳ ପାଖରୁ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ଓ ସକାଳେ ଫୁଲ ସହ ଖବର କାଗଜ ବାଣ୍ଟୁଥିବା ଗଙ୍ଗାଧରଙ୍କୁ ମାଙ୍କଡ଼ କାମୁଡ଼ିଦେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଇନ୍ଦିରା କଲୋନୀବାସୀ କଟକ-ପାରାଦୀପ ରାସ୍ତାରେ ଟାୟାର ଜାଳି ଅବରୋଧ କରିବା ସହ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ବନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲା। ପ୍ରାୟ ୪୫ ମିନିଟ୍ ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ୧୯୯୭ ବ୍ୟାଚ୍‌ର ବନ୍ଧୁମିଳନ

ନାଉଗାଁ,୩୧।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଦହିପାଳସ୍ଥିତ ନନ୍ଦକେଶ୍ୱର ଉଚ୍ଚ ବିଦ୍ୟାଳୟ ୧୯୯୭ ବ୍ୟାଚର ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ବରିଷ୍ଠ ଶିକ୍ଷାବିତ ବ୍ରହ୍ମାନନ୍ଦ ଜେନା ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତାଙ୍କ ସହ ଶିକ୍ଷକ ଫକୀର ଚରଣ ସ୍ୱାଇଁ, ପଣ୍ଡିତ ବିଶ୍ୱନାଥ ନାୟକ, ଶିକ୍ଷୟିତ୍ରୀ ବାସନ୍ତୀ କୁମାରୀ ସ୍ୱାଇଁ, ବିଦ୍ୟୁତ ପ୍ରଭା ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ତ୍ରିଲୋଚନ ପାଢୀ ପ୍ରମୁଖ ବନ୍ଧୁ ମିଳନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଉପଲକ୍ଷେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶିକ୍ଷାବିତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଭୟ ବାରିକ, ଆଦର୍ଶ ସ୍ୱାଇଁ, ଆଶିଷ ପରିଡ଼ା, ତ୍ରିଲୋଚନ ପାଢୀଙ୍କ ସମେତ ୧୯୯୭ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବାତ୍ୟାରେ କ୍ଷତିଗ୍ରସ୍ତ ପରିବାଚାଷର ତଦନ୍ତ ହେଲାନି

# ସହାୟତାକୁ ଚାହିଁ ନିରାଶ ହେଲେଣି ଚାଷୀ

ନାଉଗାଁ,୩୧।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ୭୫% ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। ଧାନଚାଷ ବ୍ୟତିତ ଶୀତ ଋତୁରେ ରବିଜାତୀୟ ଫସଲ ଓ ଖରା ମାସରେ ସେମାନେ ଖରାଟିଆ ପରିବା ଚାଷ କରିଥାନ୍ତି। ଏହି ବ୍ଲକରେ ଜଳସେଚନ ସୁବିଧା ନ ଥିବାବେଳେ ପାଣିପାଗ ଉପରେ ନିର୍ଭର କରି ଚାଷୀଙ୍କୁ ଚାଷ କରିବାକୁ ପଡ଼ିଥାଏ। ବର୍ଷା ଓ ଶୀତ ଦିନିଆ ଚାଷ ଅପେକ୍ଷା ଖରାଦିନେ ପରିବା ଚାଷ ଅଧିକ ବ୍ୟୟବହୁଳ ହୋଇଥାଏ। ଚାଷୀମାନେ ଦେବୀ ନଦୀ ପଠାରେ ନିଜସ୍ୱ ଉଦ୍ୟମରେ ଜଳସେଚନ କରି ପନି ପରିବା ଚାଷ କରିଥାନ୍ତି। ସାର, ଔଷଧ ଆଦି କ୍ରୟ କରିବାରେ ବହୁ ଅର୍ଥ ବ୍ୟୟ ହେଉଥିବାବେଳେ ଯଦି ପରିବା ଉପଯୁକ୍ତ ଦରରେ ବିକ୍ରି ନ ହେଲା ତେବେ ଚାଷୀ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏଭଳି ସ୍ଥିତିରେ ନିକଟରେ ହୋଇଥିବା ଫନୀ ବାତ୍ୟାରେ ଏହି ବ୍ଲକ୍‌ର ବହୁ ପରିବା ଚାଷୀ ପ୍ରଭାବିତ ହୋଇଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ଏହାର ତଦନ୍ତ କରା ନ ଯିବାରୁ ଅନେକ ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକର କୋରୁଆ, ଡେରିକି, ଡାବର, ଓଷକଣା, ବଛାଲୋ, ଶିଖର, ଗଜରାଜପୁର, ରୋହିଆ ଓ ଗଳଦାରି ଆଦି ପଞ୍ଚାୟତର ଚାଷୀମାନେ ଦେବୀ ନଦୀ ପଠାରେ ବାଇଗଣ, ପୋଟଳ, କଲରା, କାକୁଡ଼ି, ଟମାଟୋ ଆଦି ବିଭିନ୍ନ ପରିବା ଚାଷ କରିଥିଲେ। ଫୁଲଫଳ ଧରିବା ସମୟରେ ବାତ୍ୟା ହେବାରୁ ପବନରେ ଗଛ ବାଡେଇ ହୋଇ ଫୁଲ ଝଡିଯାଇଛି। ଅନେକ ଲତା ଜାତୀୟ ଗଛ ମରିଯାଇଛି। ତେଣୁ ଧାର କରଜ କରି ଫସଲ କରିଥିବା ଚାଷୀମାନେ କିପରି ଋଣ ସୁଝିବେ ଚିନ୍ତାରେ ପଡ଼ିଥିଲେ। ତେବେ ବାତ୍ୟା କ୍ଷତିଗ୍ରସ୍ତ ଫସଲର ତଦନ୍ତ କରାଯିବ ବୋଲି ପ୍ରଚାର ହେବା ପରେ ଚାଷୀମାନେ ଆଶ୍ୱସ୍ତ ହୋଇଥିଲେ। କିନ୍ତୁ ଅଦ୍ୟାବଧି ତାହା କରାଗଲା ନାହିଁ। ବର୍ତ୍ତମାନ ଯେଉଁ ପରିବା ଫସଲ ଅଛି, ସେଥିରେ ଆଶାନୁରୂପ ଫୁଲଫଳ ଧରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରି କି ଉଦ୍ୟାନ କୃଷି ବିଭାଗର କୌଣସି କର୍ମଚାରୀଙ୍କ ଦେଖା ମିଳୁ ନ ଥିବାରୁ ଚାଷୀମାନେ ନିଜ ସମସ୍ୟା ସମାଧାନ କରି ପାରୁନାହାନ୍ତି କି ଆବଶ୍ୟକ ପରାମର୍ଶ ନେଇ ପାରୁନାହାନ୍ତି। ତେଣୁ ପ୍ରଶାସନିକସ୍ତରରେ ସଠିକ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରିବା ସହ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ନାଉଗାଁ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଆଶିଷ ମହାନ୍ତିଙ୍କୁ ପଚାରିବାରେ ପରିବା ଚାଷ କ୍ଷୟକ୍ଷତି ତଦନ୍ତ କରିବା ତହସିଲର ଦାୟିତ୍ୱ ବୋଲି କହିଛନ୍ତି। ତହସିଲଦାର ଜେ.କଳ୍ପନାଙ୍କୁ ପଚାରିବାରେ କର୍ମଚାରୀ ଅଭାବରୁ ତଦନ୍ତ ହୋଇପାରୁ ନଥିବା କହିଛନ୍ତି।



ନିଜ ପରିବା ବିଲରେ ଜଣେ ଚାଷୀ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନାଇ ଦେଉଛି ପରକୁ
ବୁଦ୍ଧି ନ ଆସେ ଘରକୁ ।**

କିଛି ବ୍ୟକ୍ତି ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ବା ବୁଦ୍ଧିବାଟ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତି ସୁକୁମାରୀ ରାଜ ଦୁହିତା
କେମନ୍ତେ କରିବେ ଯୋଗୀ ଘଇତା ।**

ଯୋଗୀ ଘରେ ସବୁବେଳେ ଅଭାବ। ଗାଁରୁ ଗାଁକୁ ବୁଲି ଭିକମାଗି ଆଣିଲେ ଖାଏ ନ ହେଲେ ନାହିଁ। ଏପରିସ୍ଥଳେ ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯିଏ କି ଦୁଃଖକଷ୍ଟ କିଛି ଜାଣି ନ ଥାଏ, ସେ ଯଦି ଅତି ଦୁଃଖ କଷ୍ଟରେ ଚଳୁଥିବା ଘରକୁ ଯାଏ ତା'ହେଲେ ସେଠି ସେ କିପରି ଚଳିବ ସେନେଇ ଚିନ୍ତା ବା ବ୍ୟସ୍ତତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୩୧।୫(ସ୍ୱ.ପ୍ର.)

ବାଙ୍କୀ କଲେଜ ସମ୍ମିଳନୀ କକ୍ଷରେ ଶୁକ୍ରବାର କଟକ ଜିଲାରେ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ବ୍ରହ୍ମାସ୍ତ୍ରୀ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ି ତୋଳିବାରେ ଏଭଳି ସମାରୋହ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ମେଡାଲ୍ ପ୍ରଦାନ କରି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ, ବିଡିଓ ପ୍ରଭାତ କୁମାର ସାହୁ, ସୋୟା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦିଲୀପ କୁମାର ମହାପାତ୍ର, ଖବରଦାତା ସୁଶାନ୍ତ ମହାପାତ୍ର, ବ୍ରହ୍ମାସ୍ତ୍ରୀର ପରିଚାଳନା ନିର୍ଦ୍ଦେଶକ ରାକେଶ ଆଇନ୍‌ଷ୍ଟାଇନ୍ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାଙ୍କୀ, ଡମପଡ଼ା, ଅଠଗଡ, ବାରଙ୍ଗ, ଟିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମରେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ

# ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ,୩୧।୫

ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଜୟ କୁମାର ବୈଠାରୁ ଯୋଗଦେଇ ଏହି ଦିବସ ପାଳନର ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଲେ ଯେ, ଲୋକଙ୍କୁ ସଚେତନ କରି ନିଶାମୁକ୍ତ ଭାରତ ଗଠନ କରିବା ପାଇଁ ପ୍ରତ୍ୟେକ ଆଗେଇ ଆସିବା ଉଚିତ। ଫୁସଫୁସ କର୍କଟ ବିଶ୍ୱରେ ଏକ ପ୍ରମୁଖ ରୋଗ ଭାବରେ ଆବିର୍ଭାବ ହୋଇଛି। ଧୂମ୍ରପାନ ଯୋଗୁ ୮୦ ଭାଗ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ତମାଖୁ ପ୍ରତି ୪ ସେକେଣ୍ଡରେ ଜଣଙ୍କ ଜୀବନ ନେଉଛି। ତେଣୁ ତମାଖୁ ସେବନରୁ ଦୂରେଇ ରହିବା ସହିତ ଅନ୍ୟମାନଙ୍କୁ ଏଥିରୁ ନିବୃତ୍ତ ରହିବାକୁ ବିଭିନ୍ନ ମହଲରେ ଉଦ୍ୟମ କରିବା ଉଚିତ। କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ତମାଖୁ ସେବନ ନ କରିବାକୁ ଶପଥ ପାଠ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ବସନ୍ତ କୁମାର ବାରିକ କହିଲେ ଯେ ବିନା ଶିକ୍ଷାରେ କୌଣସି ଅଭ୍ୟାସକୁ ବଦଳାଯାଇ ପାରିବ ନାହିଁ। ଧୂମପାନ କରୁଥିବା ଓ ତାଙ୍କ ପାଖରେ ଥିବା ବ୍ୟକ୍ତି ସମାନ ଭାବରେ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଲୋକଙ୍କ ଭିତରେ ଶିକ୍ଷା ଓ ସଚେତନତା ବୃଦ୍ଧି କରାଯାଇପାରିଲେ ଏହାକୁ ରୋକାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଅଶୋକ କୁମାର ସାହୁ, ଶ୍ରୀ ରାୟ ଓ ଡିପିଏମ୍ ଚକ୍ରଧର ଜେନା ପ୍ରମୁଖ ପିଲାମାନଙ୍କୁ ତମାଖୁ ଓ ସିଗାରେଟ୍ ଆଦି ନିଶା ସେବନରୁ ଦୂରେଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଲାଙ୍କ ମାଧ୍ୟମରେ ତମାଖୁ କିମ୍ବା ସିଗାରେଟ୍ ଆଦି ଦୋକାନରୁ କ୍ରୟ କରିବା ଆଦୌ ଉଚିତ ନୁହେଁ । କାରଣ ଏହା ସେମାନଙ୍କ ଉପରେ କୁପ୍ରଭାବ ପକାଇଥାଏ। ସେହିପରି ବିଦ୍ୟାଳୟଗୁଡିକଠାରୁ ୧୦୦ ମିଟର ଦୂରତା ଭିତରେ ତମାଖୁ ବିକ୍ରି ଉପରେ କଟକଣା ରହିଛି। କିନ୍ତୁ ତାହା କାର୍ଯ୍ୟକାରୀ ନ ହେଲେ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପକାଇବା ସ୍ୱାଭାବିକ ବୋଲି କୁହାଯାଇଥିଲା। ଜାତୀୟ ତମାଖୁ ନିୟନ୍ତ୍ରଣ ପ୍ରକଳ୍ପ ଜିଲା ସଂଯୋଜକ ଅନିତା ଦାସ ପାୱାର ପ୍ରୋଜେକ୍ଟର ମାଧ୍ୟମରେ ତମାଖୁ ବର୍ଜନର ଆବଶ୍ୟକତା ଉପରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ବୀରେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ନେଇ ହୋଇଥିବା ଜଣାଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ତମାଖୁ ବର୍ଜନ ଦିବସ ଅବସରରେ କଟକ ଆଠଗଡ଼ରେ ହୋଇଥିବା ସଚେତନତା କାର୍ଯ୍ୟକ୍ରମ।

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ

# ସୌଭାଗ୍ୟ ରଞ୍ଜନ ସାହୁ ଶ୍ରେଷ୍ଠ ସ୍ନାତକ

ସାଲେପୁର,୩୧।୫(ଡି.ଏନ.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବିଜ୍ଞାନ ବିଭାଗ ଛାତ୍ର ସୌଭାଗ୍ୟ ରଞ୍ଜନ ସାହୁ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସେହିପରି କଳାରେ ଶିକ୍ଷା ବିଭାଗର ଛାତ୍ରୀ ଦିପ୍ତୀମୟୀ ଦାସ, ବାଣିଜ୍ୟରେ ସୁଶ୍ରୀ ସ୍ୱରାଜ ଭଲ୍, ବିଜ୍ଞାନରେ ସୌଭାଗ୍ୟ ରଞ୍ଜନ ସାହୁ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ଓଡ଼ିଆରେ କବିତା ମହାନ୍ତି, ଇଂଲିଶରେ ସଙ୍ଗୀତା ସୂତାର, ଶିକ୍ଷାରେ ମଧୁସ୍ମିତା ମଲ୍ଲ, ରାଜନୀତି ବିଜ୍ଞାନରେ ସ୍ୱାଧୀନକେତନ ନାୟକ, ଇତିହାସରେ ଶୁଭଲକ୍ଷ୍ମୀ ବେହେରା, ଅର୍ଥନୀତିରେ ଦିପ୍ତୀମୟୀ ସାମଲ, ଗୃହବିଜ୍ଞାନରେ ଫରିନ୍ ନାଜ୍, ସଂସ୍କୃତରେ ଇପ୍‌ସିତା ଦାଶ, ଗଣିତରେ ଉମ୍ବରୁଧର ସାହୁ, ଉଦ୍ଭିଦ ବିଜ୍ଞାନରେ ଅଙ୍କିତା ସାହୁ, ପ୍ରଯୁକ୍ତି ବିଦ୍ୟା ବିଜ୍ଞାନରେ ଶ୍ୱେତା ମହାନ୍ତି, ବାଣିଜ୍ୟରେ ବୁଲବୁଲି ବେହେରା, ସାମାଜିକ ବିଜ୍ଞାନରେ ଗୃହଲକ୍ଷ୍ମୀ ରାଉତ, ଦର୍ଶନ ଶାସ୍ତ୍ରରେ ରବୀନ୍ଦ୍ର ଭୋଇ ପ୍ରମୁଖ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାନ୍ତି ଯୋଗଦେଇ ପରୀକ୍ଷା ଫଳ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧାପକ ଉମାକାନ୍ତ ପଣ୍ଡା, ପ୍ରାଧାପିକା ସଙ୍ଗୀତା ମିଶ୍ର, ଅଧାପକ ବିଜୟ ଜେନା, ପ୍ରାଧାପକ ଡ. ଉମେଶ ଚନ୍ଦ୍ର ପତି, ସୁଶାନ୍ତ କୁମାର ପାଢ଼ୀ ଉପସ୍ଥିତ ଥିଲେ।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



√ଡ଼ଃ ବିଜୟ କିଶୋର ରଥ
ଫ୍ରେଣ୍ଡସ୍ କଲୋନୀ, କଟକ
ଆବିର୍ଭାବ : ୨୦.୧୦.୧୯୩୨
ତିରୋଧାନ : ୨୩.୦୫.୨୦୧୯

ଚାହୁଁ ଚାହୁଁ ଦଶଦିନ ଚାଲିଗଲା । ଗୋଟାଏ ମୁହୂର୍ତ୍ତ ଯୁଗଭଳି ଲାଗୁଛି । ତୁମର ଅନାବିଳ ସ୍ନେହ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଆଶୀର୍ବାଦ ଆମର ପାଥେୟ । ସବୁ ପୂର୍ଣ୍ଣତା ଭିତରେ ତୁମର ଅବର୍ତ୍ତମାନ ଏକ ଅପୂରଣୀୟ ବିରାଟ ଶୂନ୍ୟତା । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଲୀଳାମୟ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ଧର୍ମପତ୍ନୀ- ଡଃ ମାୟା ନନ୍ଦ, ବଡପୁଅ-ସିଦ୍ଧାର୍ଥ ରଥ, ବଡବୋହୂ-ଅର୍ଚ୍ଚନା ରଥ, ଝିଅ-ସଙ୍ଘମିତ୍ରା ରଥ, ଜ୍ୱାଇଁ-ବିଜୟ କୁମାର ମିଶ୍ର, ସାନପୁଅ-ସବ୍ୟସାଚୀ ରଥ, ସାନବୋହୂ- ରଶ୍ମୀ ରଥ ଓ ବନ୍ଧୁ ଏବଂ ପରିବାର ବର୍ଗ

D-38554

**ନବମ ଶ୍ରାଦ୍ଧବାର୍ଷିକୀ**



√ ରଘୁନାଥ ପଣ୍ଡା
ଆବିର୍ଭାବ : ୨୬.୦୨.୧୯୩୪
ତିରୋଧାନ : ୦୯.୦୬.୨୦୧୦

ଚାହୁଁ ଚାହୁଁ ନଅ ବର୍ଷ ବିତିଗଲା । ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଏବଂ ଆପଣଙ୍କ କର୍ତ୍ତବ୍ୟପରାୟଣତା ଆମକୁ ଚିରକାଳ ଅନୁପ୍ରାଣିତ କରୁଥିବ । ଆଜିର ପୁଣ୍ୟତିଥିରେ ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁତ୍ର - ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ ଓ କର୍ମଚାରୀବୃନ୍ଦ

ଭାରତୀ ଚିତ୍ରାଳୟ
ବକ୍ସିବଜାର ରୋଡ଼, କଟକ-୧,
ଫୋ : ୨୪୨୨୬୬୩ / ୨୪୩୩୪୯୭

D-66474

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



√ ପ୍ରମିଳା ପଟ୍ଟନାୟକ(ପାପୁ)
(୧୧.୦୬.୧୯୩୦-୧୨.୦୬.୨୦୧୮)

ବୋଉ / ମା/ ଆଇ/ଜେଜେମା ତମର ଶୂନ୍ୟସ୍ଥାନ ଆଉ ହୁଏତ ଏ ଜିବନରେ କେହି ପୂରଣ କରିପାରିବେ ନାହିଁ।

ପରଲୋକରେ ଯେଉଁଠି ଥାଅ ପଛେ ଆମକୁ ସ୍ନେହାଶୀର୍ବାଦ ଦେଉଥିବ । ତମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ଠାରେ ବିନମ୍ର ପ୍ରାର୍ଥନା।

ଇତି
ଦେବଦତ୍ତ(ମୁନା)/ ଲିସା, ସର୍ବଶ୍ରୀ(ଲାଲି)/ସଦେଶ (ବୁନୁ), ସଞ୍ଜନା (ନନ୍ଦା) / ଅଶୋକ, ତୁଳିକା, ମଞ୍ଜୁଷା, ଗୋପାଳୀ, ଶିବାନୀ, ଦେବଶା, ବିଦିଶା ଓ ପରିବାର ବର୍ଗ

D-66477

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

FINANCE FINANCE

**FINANCE**
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

**FINANCE**
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

**LOAN**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

BUSINESS BUSINESS

**OFFICE SPACE FOR RENT**
REDUCE OFFICE RENTAL BY 50% RELOCATE TO GROWING LOCATION ON 200 FEET WIDE BHIMTANGI MAIN ROAD. JUST 2KMs FROM BHUBANESWAR AIRPORT. 3 FLOORS 6000 SQFT NEW BUILDING FOR RENT. EDUCATION INSTITUTES / OFFICES / BANKS / CORPORATE GUEST HOUSES PREFERRED. PROVISION FOR LIFT AND POWER BACKUP.
CONTACT : 9958003695
Email: mishrab1962@gmail.com

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**GOLD CASH**
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**INDUS FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲୋନ! ଲୋନ! ଲୋନ
**BFC FINANCE**
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

**BASUDHA FINANCE**
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଋଣ ଧମାକା - ଋଣ ଧମାକା
**KUMAR FINANCE Regd. Co.**
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686
7347856284
H. No. 2, Ram Nagar, Narnol, Haryana

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଇଂଣ୍ଡସ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ, ସର୍ଭେ କରାନ୍ତୁ ଏଂବ ହାତା ହାତୀ ଚେକ୍ ପାଆନ୍ତୁ
Plot No - 15/012, Devaraja Mohalla, Bangalore, Karnataka 570001
9499321886

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
**MAHALAXMI FINANCE PVT. LTD.**
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

**ହିନ୍ଦୁସ୍ତାନ ଫାଇନାନ୍ସ**
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
85 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

**ବ୍ୟବସାୟ**
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

DHARITRI Career appointment Every Wednesday and Saturday

## ସଂକ୍ଷେପରେ

### ଗରଦପୁରରେ ମୁଗ ମଣ୍ଡି ଉଦ୍‌ଘାଟିତ

**ପାଟକୁରା, ୩୧।୫ (ଡି.ଏନ୍.ଏ.):** ଗରଦପୁର ସେବା ସମବାୟ ସମିତିରେ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମାର୍କଫେଡର ଏରିଆ ମ୍ୟାନେଜର ସୁଶାନ୍ତ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହିଅବସରରେ ମୁଗ କିଗ୍ରା ପ୍ରତି ୬୯.୭୫ ଟଙ୍କା ଓ ବିରି କିଲୋ ପ୍ରତି ୫୬ ଟଙ୍କା ମୂଲ୍ୟରେ କିଣାଯିବା ପାଇଁ ଧାର୍ଯ୍ୟ କରାଯାଇଥିବା ଏରିଆ ମ୍ୟାନେଜର ଜେନା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବ କୁମାର ବ୍ରହ୍ମା, ହରମୋହନ ମହାରଣା, ଗରଦପୁର ପ୍ରାଥମିକ ସେବା ସମବାୟ ସମିତି ସଭାପତି ରିତ୍ କୁମାର ପଣ୍ଡା, ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା, ସେବା ସମବାୟ ସମିତିର କର୍ମଚାରୀ ରଞ୍ଜନ କୁମାର ପଣ୍ଡା, ଦିଲ୍ଲୀପ୍ କୁମାର ଦାସ, ଗ୍ରାମ୍ୟ କୃଷି ଅଧିକାରୀ ହିମାଂଶୁ ଶେଖର ସେନାପତି, ରଘୁନାଥ ଜେନା, ଖଗେଶ୍ୱର ସାହୁ ଓ ଅତିରିକ୍ତ ସହାୟକ କୃଷି ଅଧିକାରୀ ପ୍ରିୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ମଦ, ବାଇକ୍ ଜବତ: ବେପାରୀ ଚମ୍ପଟ

**ପାଟକୁରା, ୩୧।୫ (ଡି.ଏନ୍.ଏ.):** ପାଟକୁରା ପୋଲିସ ଗୁରୁବାର ରାତିରେ ମାହାଳ ମଦ କାଉଣ୍ଟର ନିକଟରୁ ଏକ ଚୋରା ବାଇକ୍ ଓ ଏକ ମଦ ପେଟି ଜବତ କରିଛି। ଘଟଣାସ୍ଥଳରୁ ଚୋରା ମଦ ବ୍ୟବସାୟୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁରୁବାର ରାତିରେ ମାହାଳ ମଦ କାଉଣ୍ଟର ନିକଟରୁ ଚୋରାରେ ମଦ ବିକ୍ରି ପାଇଁ ଜନୈକ ବ୍ୟବସାୟୀ ଏକ ପେଟିରେ ମଦ ନେଉଥିବା ପୋଲିସ ଖବରପାଇଥିଲା। ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧରିବାକୁ ଯାଇଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଫଳରେ ପୋଲିସ ଘଟଣାସ୍ଥଳରୁ ଉକ୍ତ ମଦପେଟି ଜବତ କରିଥିବା ବେଳେ ଏକ ଚୋରା ବାଇକ ଜବତ କରି ଥାନାକୁ ନେଇଛି।

### ବାଇକ୍ ଚୋରି, ଥାନାରେ ମାମଲା

**ପାଟକୁରା, ୩୧।୫ (ଡି.ଏନ୍.ଏ.):** ପାଟକୁରା ଥାନା ଅଧୀନ ନଡିଆବରାଇ ଗ୍ରାମରେ ଗରୁବାର ରାତିରେ ଚାଲିଥିବା ଏକ ବିବାହ ଭୋଜିରୁ ଏକ ବାଇକ୍ ଚୋରି ହୋଇଥିଲା। ଏ ନେଇ ଗାଡ଼ି ମାଲିକ ମାର୍ଶାଘାଇ ଥାନା ଅଧୀନ ଟିକରପଙ୍ଗା ଗ୍ରାମର ନୀଳମଣି ସ୍ୱାଇଁ ଶୁକ୍ରବାର ଥାନାରେ ମାମଲା କରିଛନ୍ତି। ଅଭିଯୋଗ ମୁତାବକ, ନୀଳମଣି ଉକ୍ତ ବିବାହ ଭୋଜିରେ ଯୋଗଦେବାକୁ ଅସିଥିଲେ। ଭୋଜି ଖାଇ ଫେରିବା ବେଳକୁ ସେ ରଖିଥିବା ସ୍ଥାନରେ ଗାଡ଼ି ନ ଥିବା ଦେଖିଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ଗାଡ଼ି ମିଳିନ ଥିଲା। ଫଳରେ କେହି ଦୁର୍ବୃତ୍ତ ଚାବି ଭାଙ୍ଗି ବଇକ୍ ଚୋରି କରି ନେଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।



ମହାକାଳପଡା ବ୍ଲକ ଜାଲକଣା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୬୦ ବଖରା ଜଳିଯିବା ପରେ ବିପନ୍ନ ପରିବାର ବାଉଁଶ ବୁଦାମୂଳେ ଆଶ୍ରୟ ନେଇଛନ୍ତି।




ଶୁକ୍ରବାର କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ବିପନ୍ନଙ୍କୁ ଭେଟୁଛନ୍ତି।




ଘରପୋଡି ପରେ ଏକ କୁନିପିଲା ପାହାଚରେ ପଡିଥିବା ଗହମ ଗୋଟାଉଛି ।

# ଘରପୋଡ଼ି ପରର ଦୁଃଖ

**ମହାକାଳପଡ଼ା, ୩୧।୫ (ଡି.ଏନ୍.ଏ.)**

ଅଗ୍ନିକାଣ୍ଡରେ ୬୦ ବଖରା ଜଳିଯିବା ପରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ମହାକାଳପଡ଼ା ତହସିଲ ଅଧୀନ ଜାଲକଣା ଗ୍ରାମର ୩୪ ବିପନ୍ନ ପରିବାର। ଅଗ୍ନିକାଣ୍ଡ ପରେ ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପାଲ ଯୋଗାଇ ଦିଆଯାଇଥିବା ବେଳେ ଶୁକ୍ରବାର ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିମାନେ ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବର୍ଷକର ଖାଦ୍ୟ ସାମଗ୍ରୀ ସହ ଆସବାବପତ୍ର ସବୁ ଜଳିଯିବା ପରେ ନିରାଶ୍ରୟ ହୋଇପଡ଼ିଛନ୍ତି ବିପନ୍ନ ପରିବାର।

**ଗୁହାଳ, ବାଉଁଶ ବୁଦାମୂଳ ପାଲଟିଛି ଆଶ୍ରୟସ୍ଥଳ**

କେତେକ ପରିବାର ଖୋଲା ପଡ଼ିଆରେ ପାଲ ଟାଣି ଆଶ୍ରୟ ନେଇଥିବା ବେଳେ ଅନ୍ୟ କେତେଜଣ ଗୁହାଳ ଓ ବାଉଁଶ ବୁଦା ମୂଳେ ମୁଣ୍ଡ ଗୁଞ୍ଜିଛନ୍ତି। ନା ଅଛି ଖାଦ୍ୟ ସାମଗ୍ରୀ ନା ଅଛି ରୋଷେଇ ଉପକରଣ। ଟଙ୍କା, ସୁନା ବି ଜଳି ଯାଇ ଥିବାରୁ ବଜାରରୁ କିଣି ଖାଇବା ସମ୍ଭବ ନୁହେଁ। କେତେକ ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରାଜନେତାମାନେ ଶୁଖିଲା ଖାଦ୍ୟ ଓ ରୋଷେଇ ସାମଗ୍ରୀ ପ୍ରଦାନ କରିବା ପରେ ରୋଷେଇ ଆରମ୍ଭ କରିଥିବା ଦେଖାଯାଇଛି।

**ବିପନ୍ନଙ୍କୁ ଭେଟିଲେ ରାଜନେତା**

ଶୁକ୍ରବାର ଜାଲକଣା ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଭେଟିଛନ୍ତି ବହୁ ରାଜନେତା। ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ନବ ନିର୍ବାଚିତ ଏମ୍‌ପି ଅନୁଭବ ମହାନ୍ତି ଲୋକମାନଙ୍କୁ ଭେଟି ସମବେଦନା ଜଣାଇବା ସହ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କର କେତେଜଣ ପ୍ରତିନିଧି ବିପନ୍ନଙ୍କୁ ଭେଟି ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

**ସହାୟତାର ହାତ ବଢ଼ାଇଲେ ବିଭିନ୍ନ ସଂଗଠନ**

ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଘର ପୋଡ଼ି କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯାଇଛି। କେନ୍ଦ୍ରାପଡ଼ା କ୍ରେଡିଟ୍ କୋ–ଅପରେଟିଭ୍ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବିପନ୍ନ ପରିବାରକୁ ଭେଟି ରୋଷେଇ ଉପକରଣ, ଶୁଖିଲା ଖାଦ୍ୟ, ପୋଷାକ ଆଦି ବଣ୍ଟନ କରିଛନ୍ତି। ପାରାଦୀପସ୍ଥିତ ଇଫ୍‌କୋ ସାର କାରଖାନାର ବରିଷ୍ଠ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଘର ପୋଡ଼ି କ୍ଷତିଗ୍ରସ୍ତଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ସେହିପରି ରେଡକ୍ରସ ପକ୍ଷରୁ ସେକ୍ରେଟାରୀ ମେଜର କଳ୍ପନା ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ବିପନ୍ନଙ୍କୁ ଭେଟି ଖାଦ୍ୟ ସାମଗ୍ରୀ, ରୋଷେଇ ଉପକରଣ ଓ ପଲିଥିନ୍ ଆଦି ବଣ୍ଟନ କରିଥିବା ବେଳେ ବାଙ୍ଗାଲୋରସ୍ଥିତ ପ୍ରବାସୀ ଓଡ଼ିଆ ସମାଜ, କେନ୍ଦ୍ରାପଡ଼ାସ୍ଥିତ ଗ୍ରାମୀଣ ବିକାଶ ଯୁବକ ସଂଘ, ଭୁବନେଶ୍ୱରସ୍ଥିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯାଇଛି।

**କଷ୍ଟ ବଢ଼ାଇଛି ପ୍ରଚଣ୍ଡ ଖରା**

ଘର ପୋଡିରେ ସର୍ବସ୍ୱ ପୋଡ଼ି ପାଉଁଶ ହୋଇଯିବା ପରେ ନିରାଶ୍ରୟ ହୋଇଛନ୍ତି ଜାଲକଣା ଗ୍ରାମର ୩୪ ପରିବାର। ଘର ପୋଡ଼ି ପରେ ଅଣ୍ଟା ସଳଖିବାକୁ ଲୋକଙ୍କ ପାଖରେ ବଳ ନ ଥିବା ବେଳେ ପ୍ରଚଣ୍ଡ ଖରା ଲୋକଙ୍କୁ ଅଧିକ କଷ୍ଟ ଦେଉଛି। ଖରା ସାଙ୍ଗକୁ ଝାଞ୍ଜି ପବନ ଯୋଗୁ ଶୁକ୍ରବାର ଦିନ ତମାମ ଲୋକମାନେ ଡହଳ ବିକଳ ହେଉଥିବା ଦେଖାଯାଇଛି। ବିଶେଷକରି ଛୋଟ ପିଲାମାନେ ଖରାରେ ଅସୁବିଧା ଭୋଗୁଛନ୍ତି।

## ଡେରାବିଶରେ ମୁଗ ମଣ୍ଡି ଖୋଲିଲା



**ଡେରାବିଶ, ୩୧।୫ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ କୁଶିଆପାଳ ପ୍ରାଥମିକ କୃଷିସେବା ସମବାୟ ସମିତିରେ ଶୁକ୍ରବାରଠାରୁ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଅବସରରେ ଅତିଥି ଭାବେ ମାର୍କଫେଡର ଆଞ୍ଚଳିକ ପ୍ରବନ୍ଧକ ସୁଶାନ୍ତ କୁମାର, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲା ଦାୟିତ୍ୱରେ ଥିବା ବିଭାଗୀୟ ନିରୀକ୍ଷକ ଦେବୁ ବ୍ରହ୍ମା ଯୋଗଦେଇ ମଣ୍ଡି ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମବାୟ ସମିତି ସଭାପତି ସରୋଜକାନ୍ତ ନାୟକ, ମାର୍କଫେଡର ପଟ୍ଟାମୁଣ୍ଡାଇ ବ୍ଲକର ନୋଡାଲ ଅଫିସର ହରମୋହନ ମହାରଣା, ସମିତିର ନିର୍ଦ୍ଦେଶକ ବାସୁଦେବ ଗେରୁ, ନିରଞ୍ଜନ ମହାରଣା, ସୁରେନ୍ଦ୍ରନାଥ ସାହୁ, କାଳୁଚରଣ ନାଥ ଓ ଅଭୟ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଅଞ୍ଚଳର ଅଗ୍ରଣୀ ଚାଷୀ ପ୍ରଶାନ୍ତ କୁମାର ନାୟକ ଓ ନରୋତ୍ତମ ସାହୁ ମୁଗ ଓ ବିରି ମଣ୍ଡିରେ ବିକ୍ରି କରିଥିଲେ।

## ସରପଞ୍ଚଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲା ଖାରଜ

**ଡେରାବିଶ, ୩୧।୫ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ସରପଞ୍ଚ ପ୍ରଭାତୀ ରାଉତଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ସତ୍ୟପାଠ ମାମଲା ଅଦାଲତରେ ଖାରଜ ହୋଇଯାଇଛି। ମାମଲାର ଶୁଣାଣି କରି ନ୍ୟାୟାଧିଶ ସୋନାଲ ଶର୍ମା ଏହି ମାମଲାକୁ ଖାରଜ କରିଦେଇଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନରେ ଗୋଲରାହାଟ ସରପଞ୍ଚ ଭାବେ ପ୍ରଭାତୀ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ଏହାର କିଛିମାସ ପରେ ତାଙ୍କ ବିପକ୍ଷ ପ୍ରାର୍ଥିନୀ ଶୁଭାସିନୀ ଭଦ୍ର ଅଦାଲତରେ ସରପଞ୍ଚଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲା ଦାଏର କରିଥଲେ। ସରପଞ୍ଚ ରାଉତ ନିର୍ବାଚନ ସମୟରେ ଦାଖଲ କରିଥିବା ସତ୍ୟପାଠରେ ନିଜ ନାମରେ ଥିବା ଜମି ଓ ସ୍ଥାନୀୟ ଏକ ଜାତୀୟକରଣ ବ୍ୟାଙ୍କରେ ତାଙ୍କ ନାମରେ ଲିଜରେ ଲାଗିଥିବା ଏଜ ଡିଜି (ଜେନେରେଟର) ସମ୍ପର୍କରେ ଉଲ୍ଲେଖ ନ କରି ଭୁଲ ତଥ୍ୟ ଦେଇଥିବାରୁ ତାଙ୍କୁ ସରପଞ୍ଚ ପଦବୀରୁ ବହିଷ୍କୃତ କରିବା ପାଇଁ ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲା। ତାଙ୍କ ଅଭିଯୋଗ କ୍ରମେ କେଶ ନଂ.–୩୩/୨୦୧୭ରେ ଏକ ମାମଲା ରୁଜୁ ହୋଇଥିଲା। ପର୍ଯ୍ୟାୟ କ୍ରମେ ଉଭୟ ପକ୍ଷଙ୍କ ସାକ୍ଷ ଗ୍ରହଣ କରିବା ପରେ ଏହାର ଶୁଣାଣି କରି କୋର୍ଟ ମାମଲାକୁ ଖାରଜ କରିଦେଇଛନ୍ତି।

## ପୂର୍ବତନ ଉପାଧ୍ୟକ୍ଷଙ୍କ ସ୍ମୃତିସଭା

**ଆଳି, ୩୧।୫ (ଡି.ଏନ୍.ଏ.)**

ଆଳି ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ସ୍ୱର୍ଗତ ଅର୍ଜୁନ ଚରଣ ନାୟକଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନାୟକଙ୍କ ବାସଭବନ ପତ୍ରପୁର ପଞ୍ଚାୟତର ବନ୍ଧସାହି ଗ୍ରାମରେ ଆୟୋଜିତ ଏହି ସଭାରେ ସାମାଜିକ କର୍ମୀ ବିପିନ ବିହାରୀ ପରିଡ଼ାଙ୍କ ଅଧ୍ୟକ୍ଷତା କରିଥିଲେ। ସଭାରେ ଆଳି ରାଜା ବ୍ରଜକେଶରୀ ଦେବ, ବିଧାୟକ ପ୍ରତାପ କେଶରୀ ଦେବ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ନକୁଳ ଚରଣ ପରିଡା, ନ୍ୟାୟମୂର୍ତ୍ତୀ ସଞ୍ଜୟ ସାହୁ, ଆଡଭୋକେଟ ସୂର୍ଯ୍ୟରଞ୍ଜନ ରାଉଳ, ଶିକ୍ଷାବିତ୍ ପ୍ରମୋଦ ମଲିକ, ସୁବ୍ରତ ବେହୁରା, ଅଭିରାମ ବିଶ୍ୱାଳ, ପ୍ରଦ୍ୟୁମ୍ନ ଦାଶ, ଜଗତାନନ୍ଦ ବଳ, ସବ୍ୟସାଚୀ ବିଶ୍ୱାଳ, ଡା.କ୍ଷେତ୍ରବାସୀ ଥାଟୋଇ, ସନାତନ ମିଶ୍ର, ଅଦ୍ୱୈତ ପ୍ରଧାନ ଓ ନଳିନୀ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ।

## ଚୂନଡିହ–ଡିହାପଡ଼ା ରାସ୍ତା କାର୍ଯ୍ୟ ନିମ୍ନମାନର



ରାସ୍ତା କାମରେ ପଙ୍କ ଓ ଲୁଣା ମାଟି ବ୍ୟବହାର କରାଯାଉଛି।

**ପଟ୍ଟାମୁଣ୍ଡାଇ,୩୧।୫(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କଟକ–ଚାନ୍ଦବାଲି ରାସ୍ତାର ଚୂନଡିହ ଠାରୁ ଡିହାପଡା ପର୍ଯ୍ୟନ୍ତ ୮ କି.ମି. ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ଏହି ରାସ୍ତାର ଗଣ୍ଡକୂଳ ପର୍ଯ୍ୟନ୍ତ ପ୍ରାୟ ୪ କିମି ପୂର୍ବରୁ ପିଚୁ ହୋଇଥିଲା । ଏବେ ତେଲେଙ୍ଗାବସନ୍ତ ଠାରୁ ଡିହାପଡା ଅବଶିଷ୍ଟ ୪କି.ମି. ରାସ୍ତାର ମୂଳଦୁଆ ନିର୍ମାଣ ଚାଲିଛି । ଏହି ରାସ୍ତାରେ ଟାଣ ମାଟି ପକାଯାଇ ଚୁକ୍ତି ଅନୁସାରେ ରୋଲିଂ କରାଯିବା କଥା । ମାତ୍ର ଠିକାଦାର .ରାସ୍ତାରେ ଲୁଣା ଓ ପଙ୍କ ମାଟି ପକାଇ ଯେନତେନ ପ୍ରକାର କାମ କରୁଛନ୍ତି। ଫଳରେ ବିଲ ଭିତରେ ନିର୍ମାଣାଧୀନ ଏହି ରାସ୍ତା ଅସରାଏ ବର୍ଷା ହେଲେ ଧୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ନିର୍ମାଣଧୀନ ରାସ୍ତାକୁ ୧୨ଫୁଟ ଚଉଡା କରାଯିବା ପାଇଁ ରାସ୍ତା ପାର୍ଶ୍ୱରେ ମାଟି ପକାଯାଇ ପ୍ରଶସ୍ତିକରଣ କରାଯାଉଛି । ମାତ୍ର ଟାଣ ମାଟି ପରିବର୍ତ୍ତେ ଲୁଣି ମାଟି ପକାଯାଉଛି । ଅଟକଳ ଅନୁଯାୟୀ ଏହି ରାସ୍ତାରେ ଟାଣ ମାଟି ୩୦ ହଜାର ଘନମିଟର ଅର୍ଥାତ୍ ୫ ହଜାର ୮୩୦ ଟ୍ରିପ ମାଟି ପକାଯିବା କଥା । ସେହିପରି ୫୦୪ ଟ୍ରକ୍ କ୍ରସର ଗୁଣ୍ଡ, ୧୩୯ ଟ୍ରକ୍ ମେଟାଲ୍ ସହ ୪୬ଟ୍ରକ କ୍ରସର ଗୁଣ୍ଡ ପକାଯାଇ ରାସ୍ତାକୁ ମଜଭୁତ କରାଯିବାକୁ ଅଟକଳ ରହିଛି । ଏହାଛଡା ପିଚୁ କାର୍ଯ୍ୟ କରାଯିବ । ରାସ୍ତା ପାଇଁ ୩ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ରାସ୍ତା କାର୍ଯ୍ୟ ୨୦୧୮ ମେ ମାସରେ ଆରମ୍ଭ ହୋଇ ୨୦୧୯ ମେ ମାସ ମଧ୍ୟରେ ଶେଷ ହେବାକୁ ଚୁକ୍ତି ହୋଇଥିଲା । କିନ୍ତୁ ଗତ ଏପ୍ରିଲ ମାସରେ ଏହି ରାସ୍ତାର ମାଟି କାମ ଆରମ୍ଭ କରାଯାଇଛି । ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ଠାରୁ ୫ବର୍ଷ ପର୍ଯ୍ୟନ୍ତ ଆବଶ୍ୟକ ମରାମତି ପାଇଁ ପ୍ରାୟ ୨୪ ଲକ୍ଷ ୬୮ ହଜାର ଟଙ୍କା ରଖାଯାଇଛି । ହେଲେ ମୂଳଦୁଆ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାରୁ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାସ୍ତା କାମରେ ଆବଶ୍ୟକ ମାଟି, କ୍ରସର ଗୁଣ୍ଡ, ମେଟାଲ ପକାଇ କାମ କରିବାକୁ ବିଭାଗୀୟ ଯନ୍ତ୍ରୀମାନେ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହା କରା ନ ଗଲେ ବଡମୁଳବସନ୍ତ ଓ ଡିହାପଡା ପଞ୍ଚାୟତବାସୀ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ଚେତାଇ ଦେଇଛନ୍ତି ।

## ୭ ଦିନରେ ଠିକା ସଂସ୍ଥାକୁ ନୋଟିସ୍

# ବନ୍ଦ ହେବ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ

**କେନ୍ଦ୍ରାପଡ଼ା ଅଫିସ୍, ୩୧।୫**

ଗ୍ରାମ୍ୟ ଜଙ୍ଗଲ ଉପରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାର ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ଏ ନେଇ ହୋଇଥିବା ଅଭିଯୋଗର ଗତ ଏପ୍ରିଲ ୨୩ରେ ଏନ୍‌ଜିଟିରେ ଶୁଣାଣି ପରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଦ୍ୱିତୀୟ ଥର ତଦନ୍ତ ହୋଇଛି। ପ୍ରକଳ୍ପର ଠିକାସଂସ୍ଥା ଏଲ୍‌ଏଣ୍ଡ୍‌ଟି କାର୍ଯ୍ୟ ବନ୍ଦ ପାଇଁ ନୋଟିସ୍ ପାଇ ନ ଥିବାରୁ ଏହି ନିର୍ମାଣ କାର୍ଯ୍ୟ ଚାଲିଛି। ଆସନ୍ତା ୭ ଦିନ ମଧ୍ୟରେ ଏ ନେଇ ଠିକାସଂସ୍ଥାକୁ ନୋଟିସ୍ କରାଯିବ ବୋଲି ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ତଦନ୍ତ ସମୟରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ, ଉପଜିଲାପାଳ ମିଶ୍ର, କଟକ ବନ ବିଭାଗ ଅଧିକାରୀଙ୍କ ସମେତ ମାର୍ଶାଘାଇ ବ୍ଲକର ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।

ମଣିକୁଣ୍ଡାଠାରେ ଥିବା ୧୫.୪୩ ଏକର ଗ୍ରାମ ଜଙ୍ଗଲ ଜମି ଉପରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳର ଆଳୟ ସାମନ୍ତରାୟ ଓ ସମ୍ପଦ ସ୍ୱାଇଁ ଏନ୍‌ଜିଟିରେ



ମଣିକୁଣ୍ଡାଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି ।

ଅଭିଯୋଗ କରିଥିଲେ। ଏହାର ଶୁଣାଣି କରି ଗତ ଫେବୃୟାରୀ ୧୮ ତାରିଖରେ ତଦନ୍ତ ରିପୋର୍ଟ ପଠାଇବା ପାଇଁ ଜିଲା ପ୍ରଶାସନକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାର୍ଚ୍ଚ ୭ ତାରିଖରେ ଏହି କାର୍ଯ୍ୟ ବନ୍ଦ ହୋଇଥିବା ଦର୍ଶାଇ ଜିଲା ପ୍ରଶାସନ ପକ୍ଷରୁ ଏକ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଏହା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏ ନେଇ ପୁଣି ଅଭିଯୋଗ ହେବା ପରେ ଗତ ଏପ୍ରିଲରେ ପୁନର୍ବାର ଏହାର ଶୁଣାଣି ହୋଇଛି। ତଦନ୍ତ କରି ଠିକାସଂସ୍ଥା ଉପରେ ଆର୍ଥିକ ଜରିମାନା କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଲ୍‌ଏଣ୍ଡ୍‌ଟି କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ କୌଣସି ନୋଟିସ ପାଇ ନ ଥିବା ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ମହାକାଳପଡ଼ା ବ୍ଲକର ଲୁଣାଞ୍ଚଳରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବସୁଧା ଯୋଜନାରେ ଉକ୍ତ ମେଗା ପାନୀୟ ଜଳ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ଏହି ପ୍ରକଳ୍ପର କେତେକ ଅଂଶ ଗ୍ରାମ୍ୟ ଜଙ୍ଗଲ ଜମିକୁ ନଷ୍ଟ କରୁଥିବା ଅଭିଯୋଗ ହୋଇଥିଲା।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ, ୩୧।୫**

ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ସଭାରେ ସିଡିଏମଓ ଡା. ଉର୍ମିଳା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଡିଏମଓ ଡା. ମିର୍ଜା ବାବର ବେଗ, ସ୍ୱାଧିନତା ସଂଗ୍ରାମୀ ଇଶ୍ୱର ଚନ୍ଦ୍ର ସାହୁ, ଜିଲା ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଡ୍ରଗ ଇନସପେକ୍ଟର ମନସ୍ୱନୀ ବିଶ୍ୱାଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ତମାଖୁ ବ୍ୟବହାରରେ ସାମାଜିକ କ୍ଷତି ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିସହିତ ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ରେଗୁଲେସନ ଆକ୍ଟ ୨୦୧୧ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଅତିଥିମାନେ କହିଥିଲେ, ଦେଶରେ ତମାଖୁ ଜନିତ ରୋଗ ବେଶ କ୍ଷିପ୍ରଗତିରେ ପ୍ରସାରିତ ହେଉଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୯ଟି ରାଜ୍ୟରେ କରାଯାଇଥିବା ସର୍ଭେ ଅନୁଯାୟୀ, ଓଡ଼ିଶାରେ ସର୍ବାଧିକ ୩୮ ପ୍ରତିଶତ ଲୋକ ତମାଖୁ ସେବନ କରନ୍ତି। ୧୯୮୮ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଥିବା ବେଳେ ତମାଖୁର ଭୟାବହତାକୁ ଲକ୍ଷ୍ୟ କରି ୨୦୦୮ରେ ତମାଖୁ ବିଜ୍ଞାପନ ଓ ଏହାର ପ୍ରସାର ରୋକିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କ୍ରମରେ ଗତ ଆର୍ଥିକ ବର୍ଷରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ତମାଖୁ ବିକ୍ରୟ କରୁଥିବା ୧୬୮ଟି ମାମଲା ହୋଇ ପ୍ରାୟ ୨୨ ହଜାର ଟଙ୍କା ଆଦାୟ ହୋଇଛି ବୋଲି ଅତିଥିମାନେ କହିଥିଲେ। ଏଥିସହିତ ଜିଲାର ଶିରିପୁର ଓ ରାମଚନ୍ଦ୍ରପୁର ଠାରେ ଦୁଇଟି ନିଶା ନିବାରଣ କେନ୍ଦ୍ର ଖୋଲାଯାଇ ନିଶା ବର୍ଜନ ପାଇଁ ତାଲିମ ଦିଆଯାଉଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଲୋକ ମହାନ୍ତି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆଜି ଢେଙ୍କାନାଳ ଆସିବ କଳ୍ପନାଙ୍କ ପାର୍ଥିବ ଶରୀର



**ଢେଙ୍କାନାଳ ଅଫିସ, ୩୧।୫:** ଏଭରେଷ୍ଟ ଆରୋହୀ କଳ୍ପନା ଦାଶଙ୍କ ପାର୍ଥିବ ଶରୀର ଶନିବାର ରାତିରେ ଢେଙ୍କାନାଳରେ ପହଞ୍ଚିବ ବୋଲି ତାଙ୍କ ପୁତୁରା ଗୌରୀଶଙ୍କର ଦାଶ ସୂଚନା ଦେଇଛନ୍ତି। ବାଲ୍‌କୋନୀ ଏରିଆରୁ ମୃତଦେହ କାଠମାଣ୍ଡୁ ଅଣାଯିବା ପରେ ସେଠାରେ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟାନ୍ୟ କାଗଜପତ୍ର କାମ ଶେଷ ହେବାପରେ ଶନିବାର ଅପରାହ୍ନ ୩ଟା ୩୫ରେ ମରଶରୀର କାଠମାଣ୍ଡୁରୁ ବିମାନ ଯୋଗେ ନୂଆଦିଲ୍ଲୀ ଅଣାଯିବ। ସନ୍ଧ୍ୟା ୮ଟା ୫୫ ସୁଦ୍ଧା ଭୁବନେଶ୍ୱର ବିମାନ ବନ୍ଦରରେ ମୃତଦେହ ପହଞ୍ଚିବ। ସେଠାରୁ ମରଶରୀର ଢେଙ୍କାନାଳ ଅଣାଯିବ। କଳ୍ପନାଙ୍କ ଭାଇ ପ୍ରଦୀପ ଦାଶଙ୍କ ସମେତ ଅନ୍ୟ ୨ଜଣ ସହଯୋଗୀ ମୃତଦେହ ସହ ଆସୁଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କଲେ ମନ୍ତ୍ରୀ

# ପ୍ରଗତିଶୀଳ ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତ କରାଯିବ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪.୭୮% ବଢି ୧୪୬.୧୮% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଡେପୁଟି ଗଭର୍ଣ୍ଣର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୫% ବୃଦ୍ଧି ଘଟି ୬୭% ହୋଇଛି। ଅଗଷ୍ଟ ପହିଲାରୁ ଏହା ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ୍ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୨.୫% ବୃଦ୍ଧି ଘଟି ୬୦.୩% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଜୁନ ୩ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ଆକ୍ୟୁମାସ୍ ଆୟୁର୍ବେଦିକର ସିନେମା ପ୍ରମୋଶନାଲ ଚୁକ୍ତି

ଭୁବନେଶ୍ୱର,୩୧–୫

ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁଲସ ସିନେମା ପ୍ରମୋଶନାଲ ଚୁକ୍ତିରେ ସାମିଲ ହୋଇଛି। ଆକିଭ ଅଲ୍ଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ‘ଦେ ଦେ ପ୍ୟାର ଦେ’ ସିନେମାକୁ କମ୍ପାନୀ ପ୍ରମୋଶନ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଏଥିରେ ଅଜୟ ଦେବଗନ, ତବୁ, ରାକୁଲ ପ୍ରୀତ ସିଂ ପ୍ରମୁଖ ଭୂମିକାରେ ରହିଛନ୍ତି। ଦିବିସା ହର୍ବାଲ କେୟାର ଏହି ସିନେମାର ପ୍ରମୋଶନ କାର୍ଯ୍ୟ ଲାଗୁ ଆକ୍ୟୁମାସ ପ୍ରଡକ୍ଟକୁ ଚୟନ କରିଥିବା କହିଛି। ଶରୀରର ଦୁର୍ବଳପଣ ଦୂରକରିବା ସହ ଓଜନ ବଢାଇବା ଆମ୍ବିଶ୍ୱାସ ଫେରାଇ ଆଣିବାରେ ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁଲସ କାର୍ଯ୍ୟ କରିଥାଏ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପ୍ରଡକ୍ଟରେ ୧୮ ଆୟୁର୍ବେଦିକ ଜଡିବୁଟି ରହିଛି ଯାହା ସାରା ପରିବାର ପାଇଁ ଉପାଦେୟ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନିକଟରେ ନୂଆଦିଲ୍ଲୀରେ ଏକ ପ୍ରମୋଶନାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏସ୍‌ବିଏସ୍ ବାୟୋଟେକ୍ ପକ୍ଷରୁ ଏହାର ୟୁନିଟ ୨ ଉପସ୍ଥିତ ରହି ସିନେମାର ସଫଳତା ଲାଗି ଶୁଭେଚ୍ଛା ପ୍ରଦାନ କରିଥିଲେ।

ଗୁରୁବାରଠାରୁ ଇଂଲଣ୍ଡରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇଛି। ପଞ୍ଚମଥର ପାଇଁ ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜିତ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ପାଖାପାଖି ଦୁଇ ଦଶନ୍ଧି ପରେ ଇଂଲଣ୍ଡରେ ଏହି ମେଗା ଇଭେଣ୍ଟ ଆୟୋଜନ ହୋଇଛି। ଫଳରେ ବିଶ୍ୱକପ୍‌ର କ୍ରେଜ୍ ଆଶାତୀତ ଭାବେ ବୃଦ୍ଧି ପାଇଛି। ଚଳିତ ବିଶ୍ୱକପ୍‌ର କେତେକ ରୋଚକ ତଥ୍ୟ ନିମ୍ନରେ ଦିଆଗଲା।



ବିଶ୍ୱକପ୍‌ରେ ଡେ/ନାଇଟ୍ ମ୍ୟାଚ୍

# ୨୦୧୯ ଆଇସିସି ବିଶ୍ୱକପର ଶ୍ରେଷ୍ଠ ୫ ରୋଚକ ତଥ୍ୟ

## ପ୍ରଥମଥର ପାଇଁ ଅଂଶଗ୍ରହଣ କରିଛି ୧୦ ଦଳ

ପୂର୍ବରୁ କ୍ରିକେଟ ବିଶ୍ୱକପ୍‌ରେ ଆମେ ୧୦ରୁ କମ୍ କିମ୍ବା ଉର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରିଥିବାର ଜାଣିଥିଲୁ। ଏଥର କିନ୍ତୁ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୭୫ରୁ ୧୯୮୭ ମଧ୍ୟରେ ଅନୁଷ୍ଠିତ ୪ଟି ସଂସ୍କରଣ ଯଥା ୧୯୭୫, ୧୯୭୯, ୧୯୮୩ ଓ ୧୯୮୭ ବିଶ୍ୱକପ୍‌ରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ୧୯୯୨ ବିଶ୍ୱକପ୍‌ରେ ୯ଟି ଦଳ ଭାଗନେଇଥିଲେ। ଏହାପରେ ୧୯୯୬ ଓ ୧୯୯୯ ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ୨୦୦୩ ବିଶ୍ୱକପ୍‌ରେ ୧୪ଟି ଦଳକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ଅନ୍ୟପଟେ ୨୦୦୭ ବିଶ୍ୱକପ୍‌ରେ ଦଳ ସଂଖ୍ୟାରେ ବୃଦ୍ଧି ଘଟିଥିଲା ଓ ଏହା ୧୬ରେ ପହଞ୍ଚିଥିଲା। ଏହାପରେ ୨୦୧୧ ଓ ୨୦୧୫ରେ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏବେ ଚଳିତ ୨୦୧୯ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି।

## ପ୍ରଥମଥର ପାଇଁ କୌଣସି ଆସୋସିଏଟ ସଦସ୍ୟ ବିଶ୍ୱକପ୍ ଖେଳୁନାହାନ୍ତି

ପ୍ରଥମଥର ପାଇଁ ଚଳିତ ବିଶ୍ୱକପ୍ ଇତିହାସରେ କୌଣସି ଆସୋସିଏଟ ସଦସ୍ୟ କିମ୍ବା ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇ ନ ଥିବା ଦେଶ ଅଂଶଗ୍ରହଣ କରିନାହାନ୍ତି। ୧୯୭୫ରେ ଖେଳାଯାଇଥିବା ପ୍ରଥମ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଓ ପୂର୍ବ ଆଫ୍ରିକା ନନ୍ ଫୁଲ ମେମ୍ବର ଭାବେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ସେହିପରି ୧୯୭୯ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଓ କାନାଡ଼ା ଆସୋସିଏଟ ମେମ୍ବର ଭାବେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ୧୯୯୬ ବିଶ୍ୱକପରେ କେନିଆ, ନେଦରଲାଣ୍ଡ୍ସ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆସୋସିଏଟ ମେମ୍ବର ଭାବେ ଅଂଶଗ୍ରହଣ କରିଥିଲେ। ୧୯୯୯ ବିଶ୍ୱକପ୍‌ରେ ଆସୋସିଏଟ ମେମ୍ବର ଭାବେ ବାଂଲାଦେଶ, କେନିଆ ଓ ସ୍କଟ୍‌ଲାଣ୍ଡ ଭାଗ ନେଇଥିଲେ। ୨୦୦୩ ବିଶ୍ୱକପ୍‌ରେ ୪ଟି ଆସୋସିଏଟ ମେମ୍ବର ଯଥା କେନିଆ, କାନାଡ଼ା, ନାମ୍ବିଆ ଓ ନେଦରଲାଣ୍ଡ୍ସ ଭାଗ ନେଇଥିଲେ। ଏହାପରେ ୨୦୧୧ ଓ ୨୦୧୫ ବିଶ୍ୱକପ୍‌ରେ ୪ଟି ଆସୋସିଏଟ୍ ମେମ୍ବର ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ୨୦୧୧ ସଂସ୍କରଣରେ କାନାଡ଼ା, ଆୟର୍ଲାଣ୍ଡ, କେନିଆ ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିଥିଲେ। ସେହିପରି ୨୦୧୫ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ, ଆଫଗାନିସ୍ତାନ, ସ୍କଟଲାଣ୍ଡ ଓ ୟୁଏଇ ଆସୋସିଏଟ ସଦସ୍ୟ ଭାବେ ଭାଗନେଇଥିଲେ।

## ପ୍ରଥମଥର ଅତିକମ୍‌ରେ ଗୋଟିଏ ଫୁଲ୍ ମେମ୍ବର ଦେଶ ବିଶ୍ୱକପ୍ ଯୋଗ୍ୟତା ହାସଲ୍‌ରେ ବିଫଳ ହୋଇଛି

ଏଥର ବିଶ୍ୱକପ୍‌ରେ ଦୁଇଟି ଫୁଲ୍ ମେମ୍ବର ଦେଶ ଜିମ୍ବାୱେ ଓ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ତେଣୁ ପ୍ରଥମଥର ପାଇଁ ଅତିକମ୍‌ରେ ଗୋଟିଏ ଫୁଲ୍ ମେମ୍ବର ଦେଶ ବିଶ୍ୱକପ୍ ଖେଳିବାରେ ବିଫଳ ହୋଇଛି।

## ପ୍ରଥମଥର ପାଇଁ ଇଂଲଣ୍ଡ ବିଶ୍ୱକପ୍‌ରେ ଡେ/ ନାଇଟ୍ ମ୍ୟାଚ୍ ଆୟୋଜନ କରିବ

ଇଂଲଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଡେ/ନାଇଟ ମ୍ୟାଚ୍ ଆୟୋଜନ କରିବ। ୧୯୭୯ରେ ପ୍ରଥମଥର ପାଇଁ ଡେ/ନାଇଟ ଦିନିକିଆ ମ୍ୟାଚ୍ ଆୟୋଜନ ହୋଇଥିଲା। ତେବେ ୧୯୯୨ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ଦିବାରାତ୍ରିଭିତ୍ତିକ ହୋଇଥିଲା। ୧୯୯୨ ଫେବୃୟାରୀ ୨୨ରେ ପର୍ଥରେ ଭାରତ ଓ ଇଂଲଣ୍ଡ ଏହି ଡେ/ନାଇଟ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଏହା ପୂର୍ବରୁ ଇଂଲଣ୍ଡ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ରେ ବିଶ୍ୱକପ୍ ଆୟୋଜନ କରିଥିଲା। ତେବେ ଇଂଲଣ୍ଡ ବିଶ୍ୱକପ୍‌ରେ କୌଣସି ଡେ/ନାଇଟ ମ୍ୟାଚ୍ ଆୟୋଜନ କରି ନ ଥିଲା। ଚଳିତ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଏପର୍ଯ୍ୟନ୍ତ ୯୪ଟି ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିଛି ଓ ଏହି ସବୁ ମ୍ୟାଚ୍ ଦିନରେ ହିଁ ଆୟୋଜିତ ହୋଇଥିଲା। ତେବେ ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ମୋଟ ଉପରେ ୭ଟି ଡେ/ନାଇଟ୍ ମ୍ୟାଚ୍ ଆୟୋଜନ କରିବ।

## ଏକବିଂଶ ଶତାବ୍ଦୀରେ ଏକମାତ୍ର ଦଳ ଭାବେ ଅଷ୍ଟ୍ରେଲିଆ ଚେଜିଂ ଚାମ୍ପିୟନ ଭାବେ ଉଭା ହୋଇଛି

ଚଳିତ ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆ ଚେଜିଂ ଚାମ୍ପିୟନ ଭାବେ ଉଭା ହୋଇଛି। ଅର୍ଥାତ ଚେଜ୍ କରି ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ବିଫଳ ହୋଇନାହିଁ। ଅର୍ଥାତ ୧୯୯୯ ବିଶ୍ୱକପ୍ ପରେ ଅଷ୍ଟ୍ରେଲିଆ ପଛରେ ବ୍ୟାଟିଂ ରନ୍ ଚେଜ୍ କରି ବିଜୟୀ ହୋଇଛି ଓ କେବେ ପରାସ୍ତ ହୋଇନାହିଁ। ଶେଷଥର ପାଇଁ ଚେଜ୍ କରି ଅଷ୍ଟ୍ରେଲିଆ ୧୯୯୯ ବିଶ୍ୱକପ୍‌ରେ ବିଫଳ ହେବା ସହ ପରାସ୍ତ ହୋଇଥିଲା। ମେ ୨୩ରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ହାରିଥିଲା। ଏହି ମ୍ୟାଚ୍‌ରେ ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୭୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇଞ୍ଜାମାମ ସର୍ବାଧିକ ୮୧, ଅବଦୁଲ ରଜାକ ୬୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ଚେଜ୍ କରିବାରେ ବିଫଳ ହୋଇଥିଲା। ଅଷ୍ଟ୍ରେଲିଆ ୪୯.୫ ଓଭରରେ ୨୬୫ ରନ କରି ଅଲଆଉଟ ହୋଇଥିଲା। ମାଇକେଲ ବେଭାନ ସର୍ବାଧିକ ୬୧, ଅଧିନାୟକ ଷ୍ଟିଭ ୱ ୪୯, ରିକି ପଣ୍ଟିଂ ୪୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନର ୱାସିମ ଆକ୍ରମ ସର୍ବାଧିକ ୪, ସାକଲିନ୍ ମୁସ୍ତାକ ୩ ଉଇକେଟ ନେଇଥିଲେ। ଇଞ୍ଜାମାମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



### ବିଶ୍ୱକପ୍‌ରେ ବିଜୟ/ ପରାଜୟ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ/ନୋ ରେଜଲ୍ଟ |
|---|---|---|---|---|
| ଆଫଗାନିସ୍ତାନ | ୬ | ୧ | ୫ | ୦/୦ |
| ଅଷ୍ଟ୍ରେଲିଆ | ୮୪ | ୬୨ | ୨୦ | ୧/୧ |
| ବାଂଲାଦେଶ | ୩୨ | ୧୧ | ୨୦ | ୦/୧ |
| ଇଂଲଣ୍ଡ | ୭୨ | ୪୧ | ୨୯ | ୧/୧ |
| ଭାରତ | ୭୫ | ୪୬ | ୨୭ | ୧/୧ |
| ନ୍ୟୁଜିଲାଣ୍ଡ | ୭୯ | ୪୮ | ୩୦ | ୦/୧ |
| ପାକିସ୍ତାନ | ୭୧ | ୪୦ | ୨୯ | ୦/୧ |
| ଦକ୍ଷିଣ ଆଫ୍ରିକା | ୫୫ | ୩୫ | ୧୮ | ୨/୦ |
| ଶ୍ରୀଲଙ୍କା | ୭୩ | ୩୫ | ୩୫ | ୧/୨ |
| ୱେଷ୍ଟଇଣ୍ଡିଜ | ୭୧ | ୪୧ | ୨୯ | ୦/୧ |

### ବିଶ୍ୱକପ୍‌ରେ ଦଳଗୁଡ଼ିକର ସର୍ବାଧିକ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|
| ଆଫଗାନିସ୍ତାନ | ୨୩୨ | ଶ୍ରୀଲଙ୍କା | ଡୁନେଡିନ | ୨୦୧୫ |
| ଅଷ୍ଟ୍ରେଲିଆ | ୪୧୭/୬ | ଆଫଗାନିସ୍ତାନ | ପର୍ଥ | ୨୦୧୫ |
| ବାଂଲାଦେଶ | ୩୨୨/୪ | ସ୍କଟଲାଣ୍ଡ | ନେଲସନ | ୨୦୧୫ |
| ଇଂଲଣ୍ଡ | ୩୩୮/୮ | ଭାରତ | ବାଙ୍ଗାଲୋର | ୨୦୧୧ |
| ଭାରତ | ୪୧୩/୫ | ବର୍ମୁଡା | ପୋର୍ଟ ଅଫ୍ ସ୍ପେନ୍ | ୨୦୦୭ |
| ନ୍ୟୁଜିଲାଣ୍ଡ | ୩୯୩/୬ | ୱେଷ୍ଟଇଣ୍ଡିଜ୍ | ୱେଲିଂଟନ | ୨୦୧୫ |
| ପାକିସ୍ତାନ | ୩୪୯ | ଜିମ୍ବାୱେ | କିଙ୍ଗଷ୍ଟନ | ୨୦୦୭ |
| ଦକ୍ଷିଣ ଆଫ୍ରିକା | ୪୧୧/୪ | ଆୟର୍ଲାଣ୍ଡ | କାନବେରା | ୨୦୧୫ |
| ଶ୍ରୀଲଙ୍କା | ୩୯୮/୫ | କେନିଆ | କାଣ୍ଡି | ୧୯୯୬ |
| ୱେଷ୍ଟଇଣ୍ଡିଜ୍ | ୩୭୨/୨ | ଜିମ୍ବାୱେ | କାନବେରା | ୨୦୧୫ |

### ବିଶ୍ୱକପ୍‌ରେ ଦଳଗୁଡ଼ିକର ସର୍ବନିମ୍ନ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|
| ଆଫଗାନିସ୍ତାନ | ୧୪୨ | ଅଷ୍ଟ୍ରେଲିଆ | ପର୍ଥ | ୨୦୧୫ |
| ଅଷ୍ଟ୍ରେଲିଆ | ୧୨୯ | ଭାରତ | ଚେଲ୍ମସଫର୍ଡ | ୧୯୮୩ |
| ବାଂଲାଦେଶ | ୫୮ | ୱେଷ୍ଟଇଣ୍ଡିଜ | ଢାକା | ୨୦୧୧ |
| ଇଂଲଣ୍ଡ | ୯୩ | ଅଷ୍ଟ୍ରେଲିଆ | ଲିଡ୍ସ | ୧୯୭୫ |
| ଭାରତ | ୧୨୫ | ଅଷ୍ଟ୍ରେଲିଆ | ସେଞ୍ଚୁରିଅନ | ୨୦୦୩ |
| ନ୍ୟୁଜିଲାଣ୍ଡ | ୧୧୨ | ଅଷ୍ଟ୍ରେଲିଆ | ପୋର୍ଟଏଲିଜାବେଥ୍ | ୨୦୦୩ |
| ପାକିସ୍ତାନ | ୭୪ | ଇଂଲଣ୍ଡ | ଆଡିଲେଡ | ୧୯୯୨ |
| ଦକ୍ଷିଣ ଆଫ୍ରିକା | ୧୪୯ | ଅଷ୍ଟ୍ରେଲିଆ | ଗ୍ରୋସ ଆଇଲେଟ | ୨୦୦୭ |
| ଶ୍ରୀଲଙ୍କା | ୮୬ | ୱେଷ୍ଟଇଣ୍ଡିଜ୍ | ମାଞ୍ଚେଷ୍ଟର | ୧୯୭୫ |
| ୱେଷ୍ଟଇଣ୍ଡିଜ୍ | ୯୩ | କେନିଆ | ପୁଣେ | ୧୯୯୬ |




ଟ୍ରେଣ୍ଟବ୍ରିଜ୍ ଡ୍ରେସିଂ ରୁମ୍‌ରେ ସାଇ ହୋପ୍‌ଙ୍କ ଜର୍ସି।

# ଆଫଗାନିସ୍ତାନ ବିପକ୍ଷରୁ ଅଷ୍ଟ୍ରେଲିଆର ଅଭିଯାନ

**ଲଣ୍ଡନ,୩୧।୫(ଏଏଫ୍‌ପି)**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଶନିବାର ବ୍ରିଷ୍ଟଲସ୍ଥିତ କାଉଣ୍ଟି ଗ୍ରାଉଣ୍ଡରେ ଆଫଗାନିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ପୁଣି ଥରେ ଏହି ବିଶ୍ୱକପ୍‌ରେ ଦିନିକିଆ କ୍ୟାରିୟର ସଜାଡିବାର ଅପୂର୍ବ ସୁଯୋଗ ହାସଲ କରିବେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଏହି ଦୁଇ ଖେଳାଳି ବର୍ଷେ ବାସନ୍ଦ ହୋଇଥିଲେ। ଏବେ ଏହି ଦୁଇ ତାରକା ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ରେ ସ୍ମିଥ୍ ଓ ୱାର୍ନର ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଆଇପିଏଲ୍‌ରେ ୱାର୍ନର ସର୍ବାଧିକ ରନ ସଂଗ୍ରହ କରିଥିଲେ। ସ୍ମିଥ୍ ମଧ୍ୟ ଶତକ ହାସଲ କରି ଇଂଲଣ୍ଡ ବିପକ୍ଷ ୱାର୍ମଅପ୍ ଗେମ୍‌ରେ ଅଷ୍ଟ୍ରେଲିଆକୁ ଜିତାଇଥିଲେ। ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ମଧ୍ୟ ଠିକ୍ ସମୟରେ ଲୟକୁ ଫେରିଛି ଓ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ୍ ଦଳ ଭାବେ ବିବେଚିତ ହେଉଛି। ଗତ ମାର୍ଚ୍ଚରେ ଭାରତକୁ ୩–୨ରେ ଦିନିକିଆ ସିରିଜରେ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ସ୍ମିଥ୍ ଓ ୱାର୍ନରଙ୍କୁ ଦଳରେ ସ୍ୱାଗତ କରିଥିଲା। ଏହି ଦୁଇଜଣ ଭଲ ପ୍ରଦର୍ଶନ କରିବେ ବୋଲି ପୂର୍ବତନ ଦ୍ରୁତ ବୋଲର ବ୍ରେଟ ଲୀ କହିଛନ୍ତି। ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜାସନ ବେହରେନଡୋର୍ଫ, ନାଥନ କୁଲ୍ଟର ନିଲ୍ ଓ କେନ ରିଚାର୍ଡସନଙ୍କୁ ନେଇ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବେଶ ଦୃଢ଼ ମନେହେଉଛି। ସେହିପରି ଆଡାମ ଜାମ୍ପା ଓ ନାଥନ ଲିୟନଙ୍କୁ ନେଇ ସ୍ପିନ୍ ବିଭାଗ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ୫ଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଆଫଗାନିସ୍ତାନ ବିପକ୍ଷରେ ଫେଭରାଇଟ ମନେହେଉଛି। ଆସୋସିଏଟ ଦେଶରୁ ଆଫଗାନିସ୍ତାନ କ୍ରିକେଟର ଏଲିଟ ଗ୍ରୁପ୍‌ରେ ସ୍ଥାନ ପାଇ ଯଥେଷ୍ଟ ଉନ୍ନତି କରିଛି। ସେତେ ଜଣାଶୁଣା ନ ଥିବା ଗୁଲବଦିନ ନାଇବଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଅସଘର ଆଫଗାନଙ୍କ ବଦଳରେ ତାଙ୍କୁ ଅଧିନାୟକ ନିଯୁକ୍ତ କାରଯାଇଥିଲା। ଅବଶ୍ୟ ଦଳରେ କେତେକ ବରିଷ୍ଠ ସଦସ୍ୟ ଏହାକୁ ନାପସନ୍ଦ କରିଥିଲେ। ବିଶ୍ୱକପ୍‌ରେ ଆଫଗାନିସ୍ତାନ ଏଥର କିଛି କରିଦେଖାଇବା ଲକ୍ଷ୍ୟରେ ରହିଛି। ଅସଘରଙ୍କ ଅଭିଜ୍ଞତାରୁ ଫାଇଦା ଉଠାଇବୁ ବୋଲି ଗୁଲବଦିନ କହିଛନ୍ତି। ଷ୍ଟାର ସ୍ପିନର ରସିଦ ଖାଁ ଉପରେ ସମସ୍ତଙ୍କ ନଜର ରହିଛି। ବିଶ୍ୱ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷରେ ରହିଛନ୍ତି। ସେହିପରି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ସେ ତୃତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫଗାନିସ୍ତାନ ଏଥର ସେମିଫାଇନାଲ ଖେଳିବାର ଲକ୍ଷ୍ୟରେ ରହିଛି। ରସିଦ ଓ ମୁଜିବ ଉର ରହମାନଙ୍କ ଭଳି ଖେଳାଳି ଦଳରେ ରହିଛନ୍ତି। ଏଥର ବିଶ୍ୱକପ୍‌ରେ କେତୋଟି ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି ବୋଲି ଆଫଗାନିସ୍ତାନ ମୁଖ୍ୟ ଚୟନକର୍ତ୍ତା ଦଲସ ଖାଁ ଅହମଦଜାଇ କହିଛନ୍ତି। ତେଣୁ ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନ ଅଷ୍ଟ୍ରେଲିଆକୁ ସହଜରେ ବାଟ ଛାଡ଼ିବ ନାହିଁ।



ଅଭ୍ୟାସ ଅବସରରେ ଡେଭିଡ ୱାର୍ନର

## ଆଜିର ମ୍ୟାଚ୍

ନ୍ୟୁଜିଲାଣ୍ଡ
ବନାମ
ଶ୍ରୀଲଙ୍କା
ସ୍ଥାନ: କାର୍ଡିଫ୍
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ
ସ୍ଥାନ: ବ୍ରିଷ୍ଟଲ, ସମୟ: ସନ୍ଧ୍ୟା ୬ଟା

"ଜାତୀୟ ଫୁଟବଲ ଦଳରେ ମୁଁ ଏପର୍ଯ୍ୟନ୍ତ ଯେତେଜଣ ଗୋଲକିପିଂ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ନେଇଛି ତୋମିସ୍ଲାମ ରୋଗି ସର୍ବଶ୍ରେଷ୍ଠ ।
–ଗୁରପ୍ରୀତ ସିଂ ସାନ୍ଧୁ, ଭାରତୀୟ ଗୋଲକିପର



"ବିଜେନ୍ଦର ସିଂ ମୋତେ ଭୟ କରୁଛନ୍ତି ତା' ନ ହେଲେ ସେ ମୋ ସହିତ ଲଢେଇ କରିବା ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି କାହିଁକି ।
–ଅମିର ଖାଁ, ବ୍ରିଟିଶ ବକ୍ସର



# ୱେଷ୍ଟଇଣ୍ଡିଜର ସହଜ ବିଜୟ

## ପାକିସ୍ତାନର ସର୍ବବୃହତ୍ ପରାଜୟ

ନଟିଂହାମ,୩୧।୫(ପି.ଟି.)

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ୍ ୨୧୮ଟି ବଲ ବାକିଥାଇ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ପୂରା ଢଙ୍ଗରେ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ପୂର୍ବରୁ ୨ଥର ଚାମ୍ପିୟନ ହୋଇଥିବା ୱେଷ୍ଟଇଣ୍ଡିଜ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୨୧.୪ ଓଭରରେ ମାତ୍ର ୧୦୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ କ୍ରିସ୍ ଗେଲ୍‌ଙ୍କ ୫୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୧୩.୪ ଓଭରରେ ୩ ଉଇକେଟ ହରାଇ ୧୦୮ ରନ କରି ବିଜୟ ହାସଲ କରିଛି। ବିଶ୍ୱକପ୍ ଇତିହାସରେ ପାକିସ୍ତାନ ପାଇଁ ଏହା ସର୍ବବୃହତ ପରାଜୟ ସାବ୍ୟସ୍ତ ହୋଇଛି। ୱେଷ୍ଟଇଣ୍ଡିଜ୍ ୨୨ ବର୍ଷୀୟ ଯୁବ ଦ୍ରୁତ ବୋଲର ଓଶେନ ଥୋମାସ ୫.୪ ଓଭର ବୋଲିଂ କରି ମାତ୍ର ୨୭ ରନ ବ୍ୟୟ କରିବା ସହ ମୂଲ୍ୟବାନ ୪ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ୱେଷ୍ଟଇଣ୍ଡିଜ ୨ ପଏଣ୍ଟ ହାସଲ କରିଛି।

୧୦୬ ରନ ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିସ୍ଫୋରକ ଅଭିଜ୍ଞ ଓପନର କ୍ରିସ୍ ଗେଲ୍ ୬ ଚୌକା ଓ ୩ ଛକା ସହ ୫୦ ରନକରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୧୧ ଓ ଡ୍ୱେନ ବ୍ରାଭୋ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୩ଟି ଯାକ ଉଇକେଟ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆମୀର ଅକ୍ତିଆର କରିଥିଲେ। ନିକୋଲାସ ପୁରାନ ୧୯ ବଲରୁ ୪ ଚୌକା ଓ ୨ ଛକା ସହ ୩୪ ରନ ଓ ଶିମରନ ହେଟମେୟର ୭ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ୱାହାବ ରିୟାଜଙ୍କ ବଲ୍‌କୁ ସ୍କୋୟାର ଲେଗ୍ ବାଉଣ୍ଡାରୀ ଉପରେ ଏକ ବଡ଼ ଛକା ମାରି ପୁରାନ ଦଳକୁ ଜିତାଇଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନର ୱେଷ୍ଟଇଣ୍ଡିଜ ବୋଲରଙ୍କ ସାମନା କରିପାରି ନ ଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫକାର ଜମାନ ୨୨, ବାବର ଆଜମ ୨୨, ମହମ୍ମଦ ହାଫିଜ୍ ୧୬ ଓ ୱାହାବ ରିୟାଜ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମାମ ଉଲ ହକ ୨, ହାରିସ ସୋହେଲ ୮, ଅଧିନାୟକ ସର୍ଫରାଜ ଅହମ୍ମଦ ୮, ଇମାଦ ୱାସିମ ୧, ହାସନ ଅଲି ୧ ରନ କରି ଆଉଟ ହୋଇଥିବା ବେଳେ ଶଦାବ ଖାଁ ଖାତା ଖୋଲି ପାରି ନ ଥିଲେ। ଆମୀର ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ଓଶେନ ଥୋମାସ ସର୍ବାଧିକ ୪, ହୋଲ୍ଡର ୩, ଆନ୍ଦ୍ରେ ରସେଲ ୨ ଓ ଶେଲଡନ କୋଟ୍ରେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆମ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ଆମୀରଙ୍କୁ ବାଦ ଦେଲେ ପାକିସ୍ତାନର ଅନ୍ୟ ସମସ୍ତ ଖେଳାଳିମାନେ ବିଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପାକିସ୍ତାନର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ପୂର୍ବରୁ ପାକିସ୍ତାନର ସର୍ବନିମ୍ନ ବିଶ୍ୱକପ୍ ସ୍କୋର ୭୪ ରହିଥିଲା। ୧୯୯୨ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଏହି ସ୍କୋରରେ ଅଲଆଉଟ ହୋଇଥିଲା। ଦଳର ବ୍ୟାଟିଂ ନୈରାଶ୍ୟଜନକ ଥିଲା ଓ ୱେଷ୍ଟଇଣ୍ଡିଜ ଅପେକ୍ଷାକୃତ ଯଥେଷ୍ଟ ଭଲ ପ୍ରଦର୍ଶନ କରିଥିଲା ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି।



ପାକିସ୍ତାନର ହାରିସ୍ ସୋହେଲଙ୍କ ଉଇକେଟ ନେବା ପରେ ଡାରେନ ବ୍ରାଭୋଙ୍କ ସହିତ ଖୁସିରେ ନୃତ୍ୟ କରୁଛନ୍ତି ୱେଷ୍ଟଇଣ୍ଡିଜ ବୋଲର ଆନ୍ଦ୍ରେ ରସେଲ। ବାମ ପାର୍ଶ୍ୱରେ ଅଛନ୍ତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍‌ଡର।

### ସଂକ୍ଷିପ୍ତ ସ୍କୋର

- ପାକିସ୍ତାନ ୨୧.୪ ଓଭରରେ ୧୦୫ ଅଲଆଉଟ (ଜମାନ- ୨୨, ବାବର- ୨୨, ହାଫିଜ- ୧୬, ରିଆଜ- ୧୮, ଥୋମାସ- ୪/୨୭, ହୋଲ୍ଡର- ୩/୪୨, ରସେଲ- ୨/୪, କୋଟ୍ରେଲ- ୧/୧୮)।
- ୱେଷ୍ଟଇଣ୍ଡିଜ ୧୩.୪ ଓଭରରେ ୧୦୮/୩ (ଗେଲ- ୫୦, ପୁରାନ- ୩୪*, ଆମୀର- ୩/୨୬ )।

### ଛକାରେ ଗେଲ୍‌ଙ୍କ ରେକର୍ଡ

ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ ଆଉ ଏକ ରେକର୍ଡ ହାସଲ କରିଛନ୍ତି। ବିଶ୍ୱକପ୍ ଇତିହାସରେ ସେ ସର୍ବାଧିକ ଛକା ମାରିବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱକପ୍‌ରେ ସେ ମୋଟ ୨୭ଟି ମ୍ୟାଚ୍ ଖେଳି ୪୦ଟି ଛକା ମାରିଛନ୍ତି। ଶୁକ୍ରବାର ପାକିସ୍ତାନ ବିପକ୍ଷରେ ସେ ଦ୍ରୁତ ୩୪ ରନ କରିଥିଲେ। ଏଥିରେ ୬ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲର୍ସଙ୍କୁ ପଛରେ ପକାଇଛନ୍ତି। ଡିଭିଲର୍ସ ୨୩ଟି ମ୍ୟାଚ୍ ଖେଳି ୩୭ଟି ଛକା ମାରିଥିଲେ। ସେହିପରି ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ୪୬ଟି ମ୍ୟାଚ୍ ଖେଳି ୩୧ଟି ଛକା ମାରିବା ସହ ତୃତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ୨୫ଟି ମ୍ୟାଚରୁ ୨୮ଟି ଛକା ମାରି ଚତୁର୍ଥ ସ୍ଥାନରେ ରହିଛନ୍ତି। ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଶ୍ରୀଲଙ୍କା ପୂର୍ବତନ ବ୍ୟାଟ୍ସମ୍ୟାନ ସନଥ ଜୟସୁରିୟା ଯଥାକ୍ରମେ ୪୫ ଓ ୩୮ଟି ମ୍ୟାଚ୍‌ରୁ ସମାନ ୨୭ଟି ଲେଖାଏ ଛକା ମାରି ଯୁଗ୍ମ ପଞ୍ଚମସ୍ଥାନରେ ରହିଛନ୍ତି।

## ଜୁଲାଇ ୪ରୁ ଅଲ୍ ଓଡ଼ିଶା ଓପନ କ୍ୟାରମ୍

କଟକ ଅଫିସ,୩୧।୫- ବାରବାଟୀ ଷ୍ଟାଡିୟମ ପରିସରରେ ଆସନ୍ତା ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ଓପନ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବାରବାଟୀ କ୍ୟାରମ ଏକାଡେମୀ ହେଉଛି ଏହି ଟୁର୍ନାମେଣ୍ଟର ଆୟୋଜକ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ପ୍ରତିଯୋଗିତା ହେବ। ସିଙ୍ଗଲ୍ସ ବିଭାଗ ନିମନ୍ତେ ୧୦୦ଟଙ୍କା ଓ ଡବଲ୍ସ ବିଭାଗ ନିମନ୍ତେ ୨୦୦ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ପ୍ରତିଯୋଗୀ ଆସନ୍ତା ଜୁନ ୨୯ ତାରିଖ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ। ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ନିମନ୍ତେ ସଙ୍ଗଠନ ସମ୍ପାଦକ ଗଣେଶ ପ୍ରସାଦ ଭଗତଙ୍କ ସମେତ ପ୍ରଦୀପ ପୃଷ୍ଟି, ଶକ୍ତି ପ୍ରସାଦ ଜେନାଙ୍କ ସହ ଯୋଗାଯୋଗ କରିବାକୁ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି ।

## କମେଣ୍ଟ୍ରି ବକ୍ସରେ ଭାରତୀୟ କ୍ରିକେଟର ତ୍ରିମୂର୍ତ୍ତି

ଲଣ୍ଡନ,୩୧।୫- ଏଠାରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଆଇସିସି ବିଶ୍ୱକପ୍ ପ୍ରଥମ ମ୍ୟାଚ୍‌ରେ ପ୍ରଶଂସକମାନେ ଏକ ଭିନ୍ନ ମଜା ପାଇଛନ୍ତି। ଭାରତୀୟ କ୍ରିକେଟର ତ୍ରିମୂର୍ତ୍ତି କୁହାଯାଉଥିବା ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ବୀରେନ୍ଦ୍ର ସେହ୍ୱାଗ କମେଣ୍ଟ୍ରି ବକ୍ସରେ ଏକାଠି ଭାଷ୍ୟକାରିତା ଥିଲେ। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୦୪ ରନ୍‌ରେ ପରାସ୍ତ କରି ଆୟୋଜକ ଇଂଲଣ୍ଡ ପତିଆରା ଜାହିର କରିଥିଲା। ହେଲେ ଏକାଠି ୨୦୦୩ ବିଶ୍ୱକପ୍ ଖେଳିଥିବା ସଚିନ, ଗାଙ୍ଗୁଲି ଓ ସେହ୍ୱାଗ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପୂର୍ବତନ ଭାରତୀୟ ଅଧିନାୟକମାନେ ଏଠାରେ ବିଶ୍ୱକପ୍ ମ୍ୟାଚ୍‌ରେ ଭାଷ୍ୟକାର ଭାବେ ପଦାର୍ପଣ କରିଛନ୍ତି। ଏହି ଅବସରରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ଦୁଇଟି ଫଟୋ ଟୁଇଟ୍ କରିଥିଲେ, ଯାହାର ଗୋଟିଏ ପାଖରେ ସେମାନଙ୍କ ଖେଳିବାବେଳର ଫଟୋ ଥିବାବେଳେ ଅନ୍ୟ ଫଟୋରେ ତିନି ଜଣ କମେଣ୍ଟ୍ରି ବକ୍ସରେ କଥା ହେଉଥିବାର ଦୃଶ୍ୟ ରହିଛି। ଏହାର କ୍ୟାପଶନରେ 'ପୁଣି ଥରେ ଏକାଠି' ସଚିନ ଲେଖିଛନ୍ତି।

## ଦୁର୍ଘଟଣାରେ ଜର୍ମାନୀ କୋଚ୍ ଆହତ

ବର୍ଲିନ,୩୧।୫(ଏଏଫ୍‌ପି)- ଜର୍ମାନୀ କୋଚ୍ ଜୋଆଚିମ ଲିଉ ବ୍ୟାୟାମ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଣୁ ଆଗାମୀ ବେଲାରୁସ ଓ ଇଷ୍ଟୋନିଆ ବିପକ୍ଷ ମ୍ୟାଚ୍‌ରେ ଦଳୀୟ କ୍ୟାମ୍ପରେ ସେ ଯୋଗ ଦେଇପାରିବେ ନାହିଁ ବୋଲି ଜର୍ମାନ ଫୁଟ୍‌ବଲ ଆସୋସିଏଶନ (ଡିଏଫ୍‌ବି) ପକ୍ଷରୁ ଶୁକ୍ରବାର କୁହାଯାଇଛି। ବିଲ୍ଡ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଲିଉ ବ୍ୟାୟାମ କରୁଥିବାବେଳେ ତାଙ୍କ ଉପରେ ଡମ୍ବଲ୍ସ ପଡ଼ିଯାଇଥିଲା। ଏଥିନେଇ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମୁଁ ଏବେ ସୁସ୍ଥ ଅଛି। କିନ୍ତୁ ମୋତେ ଶରୀର ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କୋଚିଂ ଦଳ ସହ ମୁଁ ଅନବରତ ଭାବେ ଯୋଗାଯୋଗରେ ରହିଛି। ଆଗାମୀ ଦୁଇଟି ମ୍ୟାଚ୍‌ରେ ମୁଁ ଖେଳାଳିଙ୍କ ସହ ଫୋନ ଯୋଗେ କଥା ହେବି ବୋଲି ଲିଉ କହିଛନ୍ତି। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ ମାର୍କସ ସର୍ଗ ମ୍ୟାନେଜର ଦାୟିତ୍ୱ ତୁଲାଇବେ।

## କୋଚ୍ ପଦ ଛାଡ଼ିବେ ରାମପ୍ରକାଶ

ଲଣ୍ଡନ,୩୧।୫- ଇଂଲଣ୍ଡ ଜାତୀୟ ଦଳର ବ୍ୟାଟିଂ କୋଚ ମାର୍କ ରାମପ୍ରକାଶ ଜୁନରେ ପଦ ଛାଡ଼ିବା ନେଇ ସୂଚନା ଦେଇଛନ୍ତି। ୫୨ ଟେଷ୍ଟ ଖେଳିଥିବା ପୂର୍ବତନ ଇଂଲିଶ କ୍ରିକେଟର ଗତ ୬ ବର୍ଷ ହେଲା ଇଂଲଣ୍ଡ କୋଚିଂ ଦଳର ସଦସ୍ୟ ହୋଇ ରହିଛନ୍ତି। ସେ ଆଶେସ ସିରିଜ୍‌ରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଗତ ମାର୍ଚ୍ଚରେ ଇସିବି ପକ୍ଷରୁ ଘୋଷଣା କରାଯାଇଥିଲା। ତାଙ୍କ ଦାୟିତ୍ୱ ଗ୍ରାହମ ଥର୍ପେ ଗ୍ରହଣ କରିବେ। ପଦତ୍ୟାଗ କରିବା ପାଇଁ ଏହା ଉଚିତ ସମୟ। ଗତ ୬ ବର୍ଷ ହେଲା ଇଂଲଣ୍ଡ ଦଳ ସହ ଭଲ ସମୟ ବିତାଇଛି ବୋଲି ରାମପ୍ରକାଶ କହିଛନ୍ତି। ଏ ସମ୍ପର୍କରେ ଇସିବିର ମ୍ୟାନେଜିଂ ଡିରେକ୍ଟର ତଥା ପୂର୍ବତନ ସ୍ପିନର ଆଶଲେ ଜାଇଲ୍ସ କହିଛନ୍ତି।

# ଫେଡରର ଖେଳିଲେ ୪୦୦ତମ ଗ୍ରାଣ୍ଡସ୍ଲାମ ମ୍ୟାଚ୍

ପ୍ୟାରିସ୍, ୩୧।୫ (ଏଏଫ୍‌ପି)

ପୂର୍ବତନ ଚାମ୍ପିୟନ ରୋଜର ଫେଡରର ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ନରୱେର କାସ୍ପର ରୁଡ୍‌ଙ୍କୁ ୬-୩, ୬-୧, ୭-୬ (୧୦-୮) ସେଟ୍‌ରେ ହରାଇ ଦେଇଛନ୍ତି। ଏହା ଦ୍ୱାରା ସେ ଇତିହାସରେ ପ୍ରଥମ ଖେଳାଳି ଭାବେ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ୩୭ ବର୍ଷୀୟ ଫେଡରର ୧୯୯୧ ପରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇ ପାରିଛନ୍ତି। ପୂର୍ବରୁ ୧୯୯୧ରେ ଜିମି କନର୍ସ ୩୯ ବର୍ଷ ବୟସରେ ୟୁଏସ ଓପନ୍‌ରେ ଏହି ପର୍ଯ୍ୟାୟରେ ପ୍ରବେଶ କରିପାରିଥିଲେ। ଏହାଛଡ଼ା ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଫେଡରର ପ୍ରଥମ ଖେଳାଳି ହିସାବରେ ଫ୍ରେଞ୍ଚ ଓପନରେ ୧୪ଥର ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇ ପାରିଛନ୍ତି।

**ମାର୍ଟିଙ୍କ ବିଜୟୀ**

ଦ୍ୱିତୀୟ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ପ୍ଲିସ୍‌କୋଭା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ୩୧ତମ ସିଡ୍ କ୍ରୋଏସିଆର ପେଟ୍ରା ମାର୍ଟିକ ତାଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ମାର୍ଟିକ୍ ସିଜନରେ ଏହାକୁ ମିଶାଇ ୧୪ କ୍ଲେକୋର୍ଟ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଡବ୍ଲ୍ୟୁଟିଏ ଟୁର୍‌ରେ ଅନ୍ୟ ଖେଳାଳିଙ୍କ ତୁଳନାରେ ଯାହାକି ସର୍ବାଧିକ। ଅନ୍ୟପକ୍ଷରେ ପ୍ଲିସ୍‌କୋଭାଙ୍କ ପରାଜୟ ଦ୍ୱାରା ରୋଲାଣ୍ଡ ଗ୍ୟାରୋସ ଟୁର୍ନାମେଣ୍ଟ ପରେ ମଧ୍ୟ ନାଓମି ଓସାକା ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ମାନ୍ୟତା ବଜାୟ ରଖିବେ। ମାର୍ଟିକ ଚତୁର୍ଥ ରାଉଣ୍ଡରେ ରୁଷିଆର ଭେରୋନିକା କୁଦରମେଟୋଭା କିମ୍ବା ଇସ୍ତୋନିଆର କାଇଆ କାନେପିଙ୍କୁ ଭେଟିବେ।

**ଶରନଙ୍କ ବିଦାୟ**

ଭାରତର ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସେଲୋ ଡେମୋଲିନର ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଶୁକ୍ରବାର ୮ମ ସିଡ୍ ହେନ୍‌ରୀ କୋଣ୍ଟିନେନ୍ ଏବଂ ଜନ୍ ପିଅର୍ସ ଅଣସିଡ୍ ଇଣ୍ଡୋ-ବ୍ରାଜିଲିଆନ ଯୋଡ଼ି ୬-୩, ୬-୪ ସେଟ୍‌ରେ ଇଣ୍ଡୋ-ବ୍ରାଜିଲିଆନ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ଡିଭିଜ ଓ ଡିମୋଲିନର ଦୁଇଥର ସର୍ଭିସ ଡ୍ରପ୍ କରିଥିବାବେଳେ ସେମାନଙ୍କୁ ମିଳିଥିବା ଦୁଇଟି ବ୍ରେକ୍‌ର ସୁଯୋଗର ଉପଯୋଗ କରିପାରି ନ ଥିଲେ। ଡିଭିଜ-ଡିମୋଲିନର ଯୋଡ଼ିଙ୍କ ଏହାଥିଲା ଚତୁର୍ଥ ଟୁର୍ନାମେଣ୍ଟ।

## କୋଣ୍ଟେ ଇଣ୍ଟର ମିଲାନ ନୂଆ ମ୍ୟାନେଜର

ମାଡ୍ରିଡ୍,୩୧।୫

ପୂର୍ବତନ ଜୁଭେଣ୍ଟସ ଓ ଚେଲସି ମ୍ୟାନେଜର ଆଣ୍ଟିନୋ କୋଣ୍ଟେଙ୍କୁ ଇଣ୍ଟର ମିଲାନ ଦଳର ନୂଆ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ଏ ନେଇ କ୍ଲବ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଲୁସିଆନୋ ସ୍ପାଲେଟିଙ୍କ ସ୍ଥାନ ନେଇଛନ୍ତି କୋଣ୍ଟେ। ପୂର୍ବତନ ଇଟାଲିଆନ ଖେଳାଳି ଲୁସିଆନୋଙ୍କ ନେତୃତ୍ୱରେ ମିଲାନ ଦଳ ଦୁଇଟି ସିଜନ ଖେଳିବା ପରେ ତାଙ୍କୁ ପଦରୁ ବିଦା କରିଛି।

### ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ମ୍ୟାଚ୍

# ଖେଳାଳିଙ୍କୁ ଦିଆଯିବ କଡ଼ା ସୁରକ୍ଷା

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ପୁରୁଷ ବିଶ୍ୱ ହକି ୱାର୍ଲ୍ଡକପ୍ ଓଡ଼ିଶାରେ ସଫଳ ହେବା ପରେ ଆସନ୍ତା ୬ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ବିଭିନ୍ନ ଦେଶର ଖେଳାଳିମାନେ ଆସି ରାଜଧାନୀରେ ପହଞ୍ଚି ସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଖେଳାଳିମାନଙ୍କୁ କଡ଼ା ସୁରକ୍ଷା ଯୋଗାଇ ଦିଆଯିବା ଉପରେ କମିଶନରେଟ ପୋଲିସ ଗୁରୁତ୍ୱାରୋପ କରିଛି। ଷ୍ଟାଡିୟମ ଏବଂ ଖେଳାଳିଙ୍କ ସୁରକ୍ଷା ପାଇଁ ରାଜଧାନୀରେ ପ୍ରାୟ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ୬୦ଜଣ ଅଫିସର ମୁତୟନ ହେବେ। ବର୍ତ୍ତମାନ ପ୍ରବଳ ଗରମ ଯୋଗୁ ଦର୍ଶକଙ୍କ ସଂଖ୍ୟା ସେତେ ବେଶୀ ହେବ ନାହିଁ ବୋଲି ପୋଲିସ ଅନୁମାନ କରୁଛି। ଯଦି ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ହୁଏ ତେବେ ପୋଲିସ ଫୋର୍ସ ବଢାଇ ଦିଆଯିବ। ହକି ୱାର୍ଲ୍ଡକପ୍ ସମୟରେ ଖେଳାଳିଙ୍କ ସୁରକ୍ଷା ପାଇଁ ଅନ୍ୟ ଜିଲାରୁ ଯେଉଁ ବରିଷ୍ଠ ପୋଲିସ ଅଧିକାରୀ ଆସିଥିଲେ, ଅଭିଜ୍ଞତା ଦୃଷ୍ଟିରୁ ପୁଣି ଥରେ ସେମାନଙ୍କୁ ଡକାଯାଇଛି। ସେମାନେ ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ। ଷ୍ଟାଡିୟମର ବିଭିନ୍ନ ଗେଟ୍‌ରେ ପୋଲିସର କଡ଼ା ନଜର ରହିବ। କୌଣସି ବ୍ୟକ୍ତିଙ୍କୁ ପାସ୍ କିମ୍ବା ଆଇ କାର୍ଡ ବିନା ଛଡ଼ାଯିବ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ପୂର୍ବଥର ଭଳି ଅନ୍ୟ ଦେଶରୁ ଆସିଥିବା ଖେଳାଳିଙ୍କୁ ବିମାନ ବନ୍ଦରରୁ ସେମାନେ ରହୁଥିବା ତାରକା ହୋଟେଲ ପର୍ଯ୍ୟନ୍ତ ପୋଲିସ ସ୍ୱତନ୍ତ୍ର ଏସ୍କର୍ଟ ଦେଉଛି। ଏଥିସହ ହୋଟେଲ ଚାରିପଟେ ପୋଲିସ କଡ଼ା ନଜର ରଖିଛି। ସୁରକ୍ଷାକର୍ମୀଙ୍କ ବିନା ଅନୁମତିରେ କୌଣସି ଖେଳାଳି ବାହାରକୁ ଯାଇପାରିବେ ନାହିଁ। ସେମାନେ ବାହାରକୁ ଯିବାକୁ ଚାହିଁଲେ ପୋଲିସ ଅଧିକାରୀଙ୍କୁ ଜଣାଇବାକୁ ପଡ଼ିବ। ଯଦି କୌଣସି ହକି ଟିମ୍‌ର ଖେଳାଳିମାନେ ମାର୍କେଟ କିମ୍ବା ଅନ୍ୟ ସ୍ଥାନ ବୁଲିବାକୁ ଚାହିଁବେ ସେମାନେ ମଧ୍ୟ ଟିମ୍ ମ୍ୟାନେଜରଙ୍କୁ ଜଣାଇବା ସହ ପୋଲିସର ଅନୁମତି ନେବେ। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ସେମାନଙ୍କ ସହ ଯିବ। ପୁରୁଷ ହକି ୱାର୍ଲ୍ଡକପ୍ ପରି ଦର୍ଶକମାନେ ଷ୍ଟାଡିୟମ ଭିତରକୁ ପାଣିବୋତଲ, ମୁଦ୍ରା (କଏନ), କଲମ କିମ୍ବା ଉଟପେନ୍ ଭଳି କେତେକ ସାମଗ୍ରୀ ନେଇପାରିବେ ନାହିଁ। ଯଦି କେହି ଏହାକୁ ନେଇ ଭିତରକୁ ଯିବାକୁ ଉଦ୍ୟମ କରନ୍ତି ତାହେଲେ ପୋଲିସ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ମ୍ୟାଚ ଚାଲିଥିବାବେଳେ କଳିଙ୍ଗ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ତେଣୁ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ୩ଜଣ ଏସିପି ର୍‍ୟାଙ୍କ୍‌ର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ବିଶେଷକରି ଷ୍ଟାଡିୟମ ବାହାରେ ରାସ୍ତାରେ ଏକାଧିକ ଟ୍ରାଫିକ ପୋଲିସ ମୁତୟନ ହେବେ। ଦର୍ଶକଙ୍କ ପାଇଁ ଗାଡି ପାର୍କିଂ କରିବାକୁ ମଧ୍ୟ ପଡ଼ିଆ ଚିହ୍ନଟ ହୋଇଛି। ଏ ନେଇ ଶନିବାର ପୋଲିସ କମିଶନରେଟ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସବିଶେଷ ସୂଚନା ଦିଆଯିବ ବୋଲି କୁହାଯାଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ପୁରୁଷ ହକି ୱାର୍ଲ୍ଡ କପ୍ ଭଳି ଏହି ମ୍ୟାଚକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଖେଳାଳିଙ୍କ ସୁରକ୍ଷା ପ୍ରତି ଆମେ ଅଧିକ ଗୁରୁତ୍ୱ ଦେଉଛୁ। ସେମାନେ ଆସିବାରୁ ଯିବା ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ସହ ରହିବ। ପୋଲିସର ବିନା ଅନୁମତିରେ ସେମାନେ ବାହାରକୁ ଯାଇପାରିବେ ନାହିଁ। ଅଭ୍ୟାସ ପାଇଁ ଯିବା ଆସିବା ସମୟରେ ମଧ୍ୟ ସେମାନଙ୍କୁ ପୋଲିସ ସ୍ୱତନ୍ତ୍ର ଏସ୍କର୍ଟ ଦେବ ବୋଲି ସେ ପ୍ରକାଶ କରିଛନ୍ତି।

## ଜାତୀୟ ବାସ୍କେଟବଲ ଶିବିରରେ ଫୟାଜ୍

କଟକ ଅଫିସ, ୩୧।୫



୧୬ବର୍ଷରୁ କମ୍ ଜାତୀୟ ବାସ୍କେଟବଲ ଶିବିରରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି ସେଖ୍ ଫୟାଜ। ବେଙ୍ଗାଲୁରୁ ବିଦ୍ୟାନଗରସ୍ଥିତ ଜୟପ୍ରକାଶ ନାରାୟଣ ଜାତୀୟ ଯୁବ କେନ୍ଦ୍ର ବାସ୍କେଟବଲ ଏକାଡେମୀ ଠାରେ ଜୁନ ୩ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ। ଜୁଲାଇ ୩ରୁ ବାଂଲାଦେଶର ଢାକାଠାରେ ହେବାକୁ ଥିବା ସାବା ଚାମ୍ପିୟନଶିପ୍ ନିମନ୍ତେ ଏହି ଶିବିରରୁ ଖେଳାଳି ବଛାଯିବେ। ତେବେ ତାମିଲନାଡୁରେ ଶେଷ ହୋଇଥିବା ଜାତୀୟ ୟୁଥ୍ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି କଟକ ଗମ୍ଭାଡିଆ ନ୍ୟୁ କଲୋନୀରେ ରହୁଥିବା ଫୟାଜ। ପିତା ସେଖ ଅବଦୁଲ ରଫିକ୍ ଓ ମା' ନାହିଦା ବେଗମ୍‌ଙ୍କ ଏକମାତ୍ର ପୁଅ ଫୟାଜ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୯ମ ଶ୍ରେଣୀର ଛାତ୍ର ଅଟନ୍ତି। ଫୟାଜ ଜୁନିୟର ବର୍ଗରେ ମଧ୍ୟ। ୨୦୧୫ ମସିହା ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୨୦୧୬ ଓ ୨୦୧୭ ମସିହାରେ ମଧ୍ୟ ଫୟାଜଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ୨୦୧୮ ମସିହାରୁ ସେ ବାସ୍କେଟବଲ ଖେଳ ପ୍ରତି ମନ ବଳାଇବା ସହ କୋଚ୍ ଶଶିକାନ୍ତ ନାୟକଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଶିବିରରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରହିଛି ବୋଲି ଫୟାଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ।





କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ଟୁର୍ନାମେଣ୍ଟ ଖେଳିବା ଲାଗି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ପୋଲାଣ୍ଡ ଓ ରୁଷିଆ ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୧୯ | Bhubaneswar, Saturday, June 1 / 2019




# ଆଜିଠାରୁ ବନ୍ଦ ଫେରୋକ୍ରୋମ କାରଖାନା

**ଯାଜପୁରରୋଡ,୩୧।୫(ନି.ପ୍ର.)**

■ଆଉ ଏକ ସରକାରୀ ଶିଳ୍ପ ଉପରେ ବିପଦ

■ପୂର୍ବରୁ ବନ୍ଦ ରହିଛି ଇଡକଲର ଟୈଲଙ୍ଗୀ କ୍ରୋମାଇଟ ଖଣି

ଯାଜପୁର ଜିଲାର ଅନ୍ୟ ଏକ ସରକାରୀ ଶିଳ୍ପ କାରଖାନା ଯାଜପୁରରୋଡସ୍ଥିତ ଇଡକଲ ଫେରୋକ୍ରୋମ ଆଣ୍ଡ ଆଲଏଜ ଜୁନ୍ ୧ ତଥା ଶନିବାରଠାରୁ ବନ୍ଦ ହେବ। ୨୯ ତାରିଖରେ ଭୁବନେଶ୍ୱରର ଇଡକଲ ମୁଖ୍ୟାଳୟରେ ବସିଥିବା 'ବୋର୍ଡ ଅଫ ଡିରେକ୍ଟର୍ସ' ମିଟିଂରେ ଏ ନେଇ ନିଷ୍ପତ୍ତି ହୋଇଥିଲା। କାରଖାନା ଚଳାଇବାକୁ କୌଣସି ରାସ୍ତା ବାହାର ନ କରିପାରିବାରୁ ଶେଷରେ ଉକ୍ତ କର୍ତ୍ତୃପକ୍ଷ ଏପରି କଠୋର ନୀତି ଆପଣେଇଛନ୍ତି। ଏହା ସେମାନଙ୍କ (ପୂର୍ବତନ ସିଏମଡି ଓ ଶହଶହ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ) ଦୁର୍ନୀତିକୁ ଘଣ୍ଟ ଘୋଡାଇବାର ଏକମାତ୍ର ସୁବିଧାଜନକ ଓ ସୁଚିନ୍ତିତ ଯୋଜନା ବୋଲି କାରଖାନାର ପୂର୍ବତନ ଶ୍ରମିକ ନେତା ତଥା ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତ ଅଭିଯୋଗ କରିଛନ୍ତି। କାରଣ କ୍ରମାଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଗଣମାଧ୍ୟମରେ ଯେଉଁ ଦୁର୍ନୀତିର ପର୍ଦ୍ଦାଫାର୍ସ ହେବାରେ ଲାଗିଛି, ତା' ଉପରେ ଠିକ ଓ ସମୟୋଚିତ କାର୍ଯ୍ୟାନୁଷ୍ଠାନ ନେଇଥିଲେ ଅଧିକାଂଶ ଅଧିକାରୀଙ୍କ ଦୁର୍ନୀତର ଗୁମର ଫିଟିଥାନ୍ତା ବୋଲି ରାଉତ କହିଛନ୍ତି। ଅପରପକ୍ଷରେ ଇଡକଲର ଉକ୍ତ କର୍ତ୍ତୃପକ୍ଷ ଏବେ ନିଶ୍ଚିତ ହୋଇଯାଇଛନ୍ତି ଯେ, ହାଇକାର୍ବନ ଫେରୋକ୍ରୋମର ଉତ୍ପାଦନ ଖର୍ଚ୍ଚ କୌଣସି ମତେ କମାଇ ହେବନି ଓ ଉତ୍ପାଦିତ ହାଇକାର୍ବନ ଫେରୋକ୍ରୋମର ବିକ୍ରି ମୂଲ୍ୟ ଦେଶ ଓ ଅନ୍ତର୍ଜାତୀୟସ୍ତରରେ ସେପରି ବୃଦ୍ଧି ପାଇବ ନାହିଁ। ତାଛଡା କାରଖାନାରେ ଶ୍ରମିକ ଅଶାନ୍ତି ଗତ ୨୦୧୮ ଅକ୍ଟୋବରରୁ ଲାଗି ରହିଛି। କାରଖାନାର ଏକମାତ୍ର ସୁକିନ୍ଦା କାଳିଆପାଣି ଅଞ୍ଚଳର କ୍ୟାପ୍‌ଟିଭ ମାଇନ୍ସ ଟୈଲଙ୍ଗୀକୁ ବର୍ତ୍ତମାନର ସିଏମ୍‌ଡି ଏକ ଶ୍ରମିକ ସଂଗଠନର ଅଭିଯୋଗ କ୍ରମେ ୩ ମାସିଆ ନୋଟିସ ଦେଇ ଗତ ନଭେମ୍ବର ୧୧ରୁ ବନ୍ଦ କରିଦେଇଛନ୍ତି। ଏହା ଉଭୟ ଟଲଙ୍ଗୀ ଓ ଫେରୋକ୍ରୋମ କାରଖାନା ବନ୍ଦର ଟର୍ନିଂ ପଏଣ୍ଟ ବୋଲି ପୂର୍ବତନ ଶ୍ରମିକ ନେତା ରାଉତ ଅଭିଯୋଗ କରିଛନ୍ତି। ଫର୍ନେସ ୨ଟିକୁ ଶନିବାରଠାରୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ଶୁକ୍ରବାର ଅଚାନକ ଏ-ସିଫ୍ଟର ଟ୍ୟାପିଂ ପରେ ଅର୍ଥାତ୍ ଦିନ ୨ଟା ପରେ ଫର୍ନେସ ୨ଟିକୁ ବନ୍ଦ କରିଦିଆଯାଇଛି। କାରଖାନା ବନ୍ଦ ହେବା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିବା ସହ ଶ୍ରମିକ ଓ କର୍ମଚାରୀ ମହଲରେ ନୈରାଶ୍ୟଭାବ ଦେଖାଦେଇଛି। ଫଳରେ ପ୍ରାୟ ୫୦୦ ଶ୍ରମିକଙ୍କ ସମେତ ୨୭୫ ଜଣ ଅଧିକାରୀ, କର୍ମଚାରୀ ଓ ଯୋଗାଣ ଶ୍ରମିକଙ୍କ ଜୀବିକା ସଂକଟରେ ପଡିବା ନିଶ୍ଚିତ ହୋଇଛି।

ସୂଚନାଯୋଗ୍ୟ ଯେ, ୧୯୬୮ ମସିହାରେ ଶ୍ରମିକଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ଯାଜପୁରରୋଡରେ ଫେରୋକ୍ରୋମ କାରଖାନା ପ୍ରତିଷ୍ଠା ହୋଇଥିଲା। ଇଡକଲର ଶେଷ ସନ୍ତକ ଭାବେ ଏହା କାର୍ଯ୍ୟକ୍ଷମ ଥିଲା। ଏହା ବନ୍ଦ ହେବା ପଛରେ ଟୈଲଙ୍ଗି ଖଣି ଦାୟୀ ବୋଲି ମତପ୍ରକାଶ ପାଉଛି। କାରଖାନାର ୨ଟି ଫର୍ନେସରେ ମାସିକ ୧୬୦୦ ଟନ ପାଖାପାଖି ହାଇ କାର୍ବନ ଫେରୋକ୍ରୋମ ଉତ୍ପାଦନ ହେଉଥିଲା। ଏବେ ହାଇକାର୍ବନ ଫେରୋକ୍ରୋମର ବିକ୍ରି ମୂଲ୍ୟ ଟନ ପିଛା ପ୍ରାୟ ୭୦ ହଜାର ଟଙ୍କା ରହିଛି। ମାତ୍ର ୧ ଟନ ହାଇକାର୍ବନ ଫେରୋକ୍ରୋମର ଉତ୍ପାଦନ ଖର୍ଚ୍ଚ ୭୪ ହଜାର ଟଙ୍କା ହେଉଛି। ଫଳତଃ ୧ ଟନ ହାଇ କାର୍ବନ ଫେରୋକ୍ରୋମ ଉତ୍ପାଦନରେ କାରଖାନା ପ୍ରାୟ ୪ ହଜାର ଟଙ୍କା ପାଖାପାଖି କ୍ଷତି ସହୁଛି। ମାସିକ ୧୬୦୦ ଟନ ଉତ୍ପାଦନ ହିସାବରେ ୧ କୋଟି ୨୮ ଲକ୍ଷ ପାଖାପାଖି କ୍ଷତି କରୁଛି। ଫେରୋକ୍ରୋମରେ ଥିବା ୨ଟି ଫର୍ନେସର କ୍ଷମତା ୬.୫ ଏମଭିଏ ଏବଂ ୯ ଏମଭିଏ ହୋଇଥିବାରୁ ଫେରୋକ୍ରୋମ କାରଖାନାରେ ଉତ୍ପାଦନ ଖର୍ଚ୍ଚ ଢେର ଅଧିକ ହେଉଛି। ସେତେବେଳେ ୧୦୦ କୋଟି ଖର୍ଚ୍ଚ କରି ଏଠାରେ ଅତି କମରେ ଏକ ୧୬.୫ ଏମଭିଏ କ୍ଷମତାସମ୍ପନ୍ନ ଫର୍ନେସ ବସାଯାଇଥିଲେ, ଉତ୍ପାଦନ ଖର୍ଚ୍ଚ କମ୍ ପଡିବା ସହିତ ଏହା ତିଷ୍ଠି ପାରିଥାନ୍ତା। ୟୁନିୟନ ରାଜନୀତିକୁ କ୍ରମାଗତ ୨ୟ ଥର ପାଇଁ ଶାସକ ଦଳ ନିଜ ଅକ୍ତିଆରରେ ରଖିଛି। ସେମାନେ ଗଠନମୂଳକ ପରାମର୍ଶ ନ ଦେଇ ଅଧିକାଂଶ କ୍ଷେତ୍ରରେ ଦୁର୍ନୀତିରେ ବୁଡି ରହିବା, ଶ୍ରମିକ ନେତା ବୋଲାଇ ହିସାବ ବାହାରେ ଓଭର ଡ୍ୟୁଟି ନେବା, ଜାଲ ସାର୍ଟିଫିକେଟ ଦେଇ ଚାକିରି ନିୟମିତ କରିବା, ଲାଭଜନକ ପଦ ଦୀର୍ଘଦିନ ମାଡିବସି ସେଠାରେ ଦୁର୍ନୀତି ଚଳାଇବା, ନିଜ ପୁଅ/ସମ୍ପର୍କୀୟଙ୍କୁ କାରଖାନାରେ ପୂରାଇବା, କାରଖାନାରେ ମେଶିନ ଲଗାଇବା ଯୋଗୁ ସେମାନେ ସ୍ଥାନୀୟ ଜନସାଧାରଣଙ୍କଠାରେ ଉତ୍ତରଦାୟୀ ରହିବେ ବୋଲି ରାଉତ କହିଛନ୍ତି। ଜିଲାର ଶାସକ ଦଳର ୭ ଜଣ ବିଧାୟକ ଓ ଏମ୍‌ପି ଏଥିରେ ହସ୍ତକ୍ଷେପ କରି କାରଖାନା ଚାଲୁ କରିବା ପାଇଁ ପ୍ରୟାସ କରିବା ଜରୁରୀ ବୋଲି କୁହାଯାଉଛି।

୧ ଟନ ଫେରୋକ୍ରୋମ ଉତ୍ପାଦନ ପାଇଁ ଅଧ ଟନ କୋକ୍ ଆବଶ୍ୟକ। ବର୍ତ୍ତମାନ ଲାମ୍ କୋକ୍‌ର କିଣା ମୂଲ୍ୟ ଟନ ପିଛା ୨୭ ହଜାର ପାଖାପାଖି ଥିବାରୁ ଅଧ ଟନ କୋକ୍ ବ୍ୟବହାରରେ ୨ ହଜାର ୫୦୦ ଅଧିକ ହେଉଛି। ଏପରି ଭାବେ କାରଖାନା ମାସିକ ୪୦-୫୦ ଲକ୍ଷ ଟଙ୍କା କୋକ୍ କିଣାରେ କ୍ଷତି କରୁଛି। ଗତ ୨ମାସରେ କାରଖାନା ୬ କୋଟି କ୍ଷତି ସହିଛି । ୬ମାସ ମଧ୍ୟରେ କାରଖାନା ୩ କୋଟି ଟଙ୍କା ପାଖାପାଖି କ୍ଷତି ସହିଲାଣି। ଏ ସମ୍ପର୍କରେ ଫେରୋକ୍ରୋମ କାରଖାନାର ପରିଚାଳନା ନିର୍ଦ୍ଦେଶକ ବୀରକିଶୋର ସାହୁଙ୍କୁ ପଚାରିବାରୁ, ସାମୟିକ ଭାବେ କାରଖାନାର ମରାମତି ପାଇଁ କାରଖାନା ବନ୍ଦ କରାଯାଇଛି। ଅନ୍ୟ ପକ୍ଷରେ ଫେରୋକ୍ରୋମର ମୂଲ୍ୟ ହ୍ରାସ ପାଇଛି। ତେଣୁ ସାମୟିକଭାବେ ଏହା ବନ୍ଦ କରାଯିବ। ଆଇଏନଟିୟୁସିର ଜିଲା ସଭାପତି ବିଦ୍ୟାଧର ମହାନ୍ତି କୁହନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ପାଇଁ ଶପଥ ନେବାପରେ ଫେରୋକ୍ରୋମ କାରଖାନା ବନ୍ଦ ହେବା ଦୁଃଖଦାୟକ। ରାଜ୍ୟ ସରକାର ଜାଣିଶୁଣି କାରଖାନାକୁ ବନ୍ଦ କରିବାପାଇଁ ଚକ୍ରାନ୍ତ କରିଛନ୍ତି। କାରଖାନା ବନ୍ଦ ହେଲେ ଆଇଏନଟିୟୁସି ପକ୍ଷରୁ ଶ୍ରମିକଙ୍କୁ ନେଇ ଦୁର୍ବାର ଆନ୍ଦୋଳନ ହେବ।

## ସଡ଼କ ଦୁର୍ଘଟଣାରେ ମା', ପୁଅ ମୃତ

**ଛତିଆ,୩୧।୫(ଡି.ଏନ୍.ଏ.):** ୧୬ ନଂ ଜାତୀୟ ରାଜପଥର ଇଷ୍ଟର୍ଣ୍ଣ ରାଇସ୍ ମିଲ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମା' ଓ ପୁଅ ଉଭୟଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ ଛତିଆସ୍ଥିତ ଇଚ୍ଛାନଗର ପାଟଣା ଗ୍ରାମର ସ୍ୱର୍ଗତ ପ୍ରସନ୍ନ ନାୟକଙ୍କ ସ୍ତ୍ରୀ ଭାରତୀ(୫୫) ଓ ପୁଅ ଲିପୁ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ଗୁରୁତର ଅବସ୍ଥାରେ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପ୍ରଥମେ ପୁଅ ଓ ପରେ ମା'ର ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ଭାରତୀ ପୁଅ ଲିପୁଙ୍କ ସହ ବାଇକ୍ ଯୋଗେ ଝିଅ ଘର କଟକରୁ ଛତିଆ ଅଭିମୁଖେ ଆସୁଥିଲେ। ୧୬ନଂ ଜାତୀୟ ରାଜପଥର ଇଷ୍ଟର୍ଣ୍ଣ ଫୁଡ୍‌ସ୍ ପ୍ରାଇଭେଟ୍ ଲିମିଟେଡ୍ ସାମନାରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ମା' ପୁଅ ରାସ୍ତାକଡକୁ ଛିଟିକି ପଡି ଗୁରୁତର ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।




Cheil-1428/19



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଯାଜପୁର ଅଫିସ,୩୧।୫:** ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ କୃଷ୍ଣଚନ୍ଦ୍ର ବେହେରା ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି। ଏ ନେଇ ଏକ ବୈଠକ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଜିଲାପାଳ ବେହେରାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିବା ସହ ସେ ଜଣେ ନିଷ୍ଠାପର କର୍ମଚାରୀ ଭାବେ ବେଶ ଲୋକପ୍ରିୟ ଥିଲେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ କୁଳମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମିନତୀ ଦାଶ, ନିତ୍ୟାନନ୍ଦ ନାୟକ, ପ୍ରଭାତ କୁମାର ପଣ୍ଡା, ସରୋଜ କୁମାର ଶତପଥୀ, ପ୍ରତାପ କେଶରୀ ସେନ, ସୁରେନ୍ଦ୍ର ନାଥ ସାହୁ, ସତ୍ୟଜିତ୍ ନାୟକ, ରତିକାନ୍ତ ମହାନ୍ତି, ରବୀନ୍ଦ୍ର କୁମାର ଦାସ, ପ୍ରସନ୍ନ କୁମାର ରାୟ, ବାରୁଣୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ସୟଦପୁରରେ ଇଫ୍‌ତାର ପାର୍ଟି

**ବିଞ୍ଝାରପୁର,୩୧।୫ (ଡି.ଏନ.ଏ):** ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କ ପବିତ୍ର ରମଜାନ ମାସ ଅବସରରେ ବିଞ୍ଝାରପୁର-ସୟଦପୁରସ୍ଥିତ ଜାମା ମସଜିଦ୍‌ଠାରେ ଶୁକ୍ରବାର ଏକ ଇଫ୍‌ତାର ପାର୍ଟି ଆୟୋଜିତ ହୋଇଯାଇଛି। ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ବିଞ୍ଝାରପୁର ମାଟି ଭାଇ ଚାରାର ମାଟି। ଏହି ମାଟି ଜାତି ଧର୍ମକୁ ପ୍ରାଧାନ୍ୟ ନ ଦେଇ ମାନବିକତାର ଧର୍ମକୁ ଗୁରୁତ୍ୱ ଦେଇଥାଏ ବୋଲି କହିଥିଲେ। ସଂନ୍‌ମୌଲାନା ଆବ୍ଦୁଲ ହକଙ୍କ ଦ୍ୱାରା ନମାଜ ପାଠ କରାଯାଇଥିଲା। ପରେ ମୁସଲମାନଭାଇମାନେ ରୋଜା ଭାଙ୍ଗି ଇଫତାର ପାର୍ଟିରେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, କାମଦେବ ଧଳ, ରବୀନ୍ଦ୍ର ପରିଡା, ମାନଗୋବିନ୍ଦ ଧଳ, ମନୋ ରଞ୍ଜନ ଧଳ, ପ୍ରୀୟତମା ବେଉରିଆ, ସ୍ୱର୍ଣ୍ଣଲତା ସାମଲ, ଅହଲ୍ୟା ସ୍ୱାଇଁ, ହେମେନ୍ଦ୍ର ସାମଲ, ଦର୍ପ ନାରାୟଣ ଦାସ, ଖଗେଶ୍ୱର ମହାନ୍ତି ପ୍ରମୁଖ ଇଫତାର ପାର୍ଟିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ସାହୁ, ଟିଶା ସରପଞ୍ଚ ରଞ୍ଜିତା ଦାସ, ସଂଖ୍ୟାଲଘୁ ସେଲର ଯୁବ ନେତା ମୋଜାହିଦ୍ ଖାନ, ଲାଏକ ଅଲ୍ଲିଖାଁ, ଅବୁଲ ବସର, ଫରିନ ଖାନ, ସେକ ସମ୍ମାଦ, ସେକ୍ ଗରିବଉଲ୍ଲା , ଗୋପବନ୍ଧୁ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଅବଧି ପୂରିଲା, ହାସଲ ହେଲାନି ଧାର୍ଯ୍ୟ ଲକ୍ଷ୍ୟ

**ରସୁଲପୁର,୩୧।୫(ଡି.ଏନ୍.ଏ.)**

ବାହାରେ ମଳମୂତ୍ର ତ୍ୟାଗ କରିବା ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ପ୍ରତ୍ୟେକ ପରିବାରକୁ ପାଇଖାନା ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଅର୍ଥ ଯୋଗାଇ ଦିଆଗଲା। ଉଦ୍ଦେଶ୍ୟ ଥିଲା, ପ୍ରତ୍ୟେକ ପରିବାର ନିଜ ଘରେ ପାଇଖାନା ତିଆରି କରିବେ। ଖୋଲା ପଡ଼ିଆ, ରାସ୍ତା ପାର୍ଶ୍ୱରେ ମଳମୂତ୍ର ତ୍ୟାଗ କରିବେ ନାହିଁ। ଏହାଦ୍ୱାରା ଲଜ୍ଜା ନିବାରଣ ହୋଇପାରିବା ସହ ସଂକ୍ରମଣଜନିତ ରୋଗରୁ ମୁକ୍ତି ମିଳିପାରିବ। ଜଳ ଉତ୍ସ, ପାଣି, ପବନ, ମୃତ୍ତିକା ଆଦି ଦୂଷିତ ହେବାକୁ ରୋକାଯାଇ ପାରିବ। ପ୍ରତ୍ୟେକ ଘରେ ପାଇଖାନା ତିଆରି ପାଇଁ ସରକାରଙ୍କ ପକ୍ଷରୁ ୫ବର୍ଷ ସମୟ ଦିଆଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହି ୫ ବର୍ଷିଆ ଅବଧି ଶେଷ ହୋଇଛି। ହେଲେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ। ଚଳିତ ବର୍ଷ ସାଧାରଣ ନିର୍ବାଚନ ଯୋଗୁ ବହୁ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ହେବା ଆଳରେ ପାଇଖାନା କାର୍ଯ୍ୟ ବନ୍ଦ କରିଦିଆଗଲା। ନୂଆ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ପ୍ରଦାନ କରାଗଲା ନାହିଁ। ଫଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବାଧା ଉପୁଜିଲା। ବଳକା କାର୍ଯ୍ୟ ସାରିବା ପାଇଁ ସରକାର ଅବଧିକୁ ଆଉ ୧ବର୍ଷ ବଢାଇ ଦେଇଛନ୍ତି। ଏହାସତ୍ତ୍ୱେ ସବୁ ପରିବାରକୁ ପାଇଖାନା ମିଳିବ କି ନାହିଁ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୭-୧୮ ଆର୍ଥିକ ବର୍ଷରେ ଏକ କେନ୍ଦ୍ରୀୟ ଦଳ ଓଡ଼ିଶାରେ ସ୍ୱଚ୍ଛ ଭାରତ ମିଶନ ଯୋଜନାର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ। ପାଇଖାନା ନିର୍ମାଣର ଅଗ୍ରଗତି ନୈରାଶ୍ୟଜନକ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଓଡ଼ିଶାରେ ପାଇଖାନା ତୁଳନାରେ ଅଧିକ ଲୋକ ମୋବାଇଲ ବ୍ୟବହାର କରନ୍ତି ବୋଲି ସର୍ଭେ ସମୟରେ ଜଣାପଡିଥିଲା। ଏସବୁ ସତ୍ତ୍ୱେ ପାଇଖାନା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମାତ୍ର ତାହା ହୋଇପାରିଲା ନାହିଁ। ଅନେକ ଗାଁ ଏବେ ବି ବାହ୍ୟ ମଳମୂତ୍ର ମୁକ୍ତ ପଞ୍ଚାୟତ ଘୋଷଣା ହୋଇପାରି ନାହିଁ। ଏ ଦିଗରେ ଯାଜପୁର ଜିଲା ରସୁଲପୁର ବ୍ଲକ ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଜଣାପଡିଛି। ୨୦୧୧ ଜନଗଣନା ତାଲିକା ଅନୁଯାୟୀ ଏହି ବ୍ଲକରେ ୩୬,୮୯୩ଟି ପରିବାର ରହିଛି। ସେଥିରୁ ୩୩,୬୧୫ଟି ପରିବାରଙ୍କର ନିଜସ୍ୱ ପାଇଖାନା ନ ଥିଲାବୋଲି ତଳସ୍ତରରେ କରାଯାଇଥିବା ସର୍ଭେ ରିପୋର୍ଟରୁ ଜଣାପଡିଥିଲା। ୨୦୧୪-୧୯ ମଧ୍ୟରେ ସମସ୍ତ ଚିହ୍ନଟ ପରିବାରକୁ ପାଇଖାନା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ୫ବର୍ଷ ବିତିଗଲା ମାତ୍ର ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ। ଏପର୍ଯ୍ୟନ୍ତ ୨୮,୩୮୭ ପରିବାରକୁ



**ସ୍ୱଚ୍ଛ ଭାରତ ମିଶନ**

- ୧ ବର୍ଷ କାର୍ଯ୍ୟକାଳ ବଢ଼ିଲା
- ସବୁ ପରିବାରକୁ ପାଇଖାନା ମିଳିବା ଉପରେ ପ୍ରଶ୍ନବାଚୀ

ପାଇଖାନା ଯୋଗାଇ ଦିଆଯାଇଛି ବୋଲି କୁହାଯାଉଛି। ଏ ବାବଦରେ ପରିବାର ପିଛା ୧୨ହଜାର ଟଙ୍କା ପ୍ରଦାନ କରାଯାଇଛି। ଏବେ ବି ବ୍ଲକରେ ୫,୨୨୮ପରିବାରକୁ ପାଇଖାନା ମିଳିନାହିଁ। ଏହା ମଧ୍ୟରେ ସରକାର ବର୍ଷେ ଅବଧି ବଢାଇଛନ୍ତି। ତାହାରି ଭିତରେ ଲକ୍ଷ୍ୟ ହାସଲ କରିବାକୁ ପଡିବ। ନଚେତ୍ ଏ ଦିଗରେ ରାଜ୍ୟ କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହୋଇପାରେ। ଏଥିସହ ବ୍ଲକର ଅର୍ଥଗାଁ, ଅତଲାପୁର ଓ ବ୍ରହ୍ମବରଦା ଭଳି ପଞ୍ଚାୟତରେ ପାଇଖାନା ନିର୍ମାଣ କାର୍ଯ୍ୟ ୧୦୦ ପ୍ରତିଶତ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବାକି ୨୫ଟି ପଞ୍ଚାୟତରେ ପାଇଖାନା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ସେଥିରୁ ବାରବାଟୀ, ଭୋଟକା, ନରସିଂହପୁର, ଓଡିଶୋ, ରାହାମ୍ବା ଆଦି ପଞ୍ଚାୟତରେ ୯୦ ଶତକଡାରୁ ଊର୍ଦ୍ଧ୍ୱ ପରିବାରକୁ ପାଇଖାନା ପ୍ରଦାନ କରାଯାଇଛି। ଅନ୍ୟ ୨୦ଟି ପଞ୍ଚାୟତରେ ପାଇଖାନା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି ବୋଲି କୁହାଯାଉଛି। ଏ ସବୁ ପଞ୍ଚାୟତରେ ପାଇଖାନା ନିର୍ମାଣ କାର୍ଯ୍ୟ ସରିଥିଲେ ବି ଶତାଧିକ ପରିବାରକୁ ବିଲ୍ ପୈଠ କରାଯାଇ ନାହିଁ। ଏତଦ୍ ବ୍ୟତୀତ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା କୁହାଯାଉଛି। ଗୋଟିଏ ପରିବାରକୁ ଏକାଧିକ ପାଇଖାନା ମିଳିଥିବାବେଳେ ଆଦୌ ପାଇଖାନା ପାଇ ନ ଥିବା ପରିବାରର ନାଁ ତାଲିକାରେ ନାହିଁ । କେତେକ ପଞ୍ଚାୟତରେ ଅସମ୍ପୂର୍ଣ୍ଣ ପାଇଖାନାଗୁଡିକୁ ବିଲ୍ ପୈଠ କରି ଦିଆଯାଇଛି । ଫଳରେ ସେଗୁଡିକ ବ୍ୟବହାର ହେଉନାହିଁ । ଏ ସବୁ କାରଣ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ସଫଳ ହେବାରେ ବାଧକ ସାଜିଛି। ଏହି ବ୍ଲକରେ ପାଇଖାନା ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ୨ଜଣ ଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରତ୍ୟେକଙ୍କୁ ୧୪ଟି ଲେଖାଏଁ ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି । ସେମାନଙ୍କ ତଦାରଖ ସତ୍ତ୍ୱେ ସଫଳତା ଶତପ୍ରତିଶତ ହୋଇପାରୁ ନାହିଁ। ଏନେଇ ଗ୍ରାମ୍ୟ ଜଳ ଯୋଗଣ ବିଭାଗ ଯନ୍ତ୍ରୀ-୧ ପଦ୍ମନାଭ ଖଣ୍ଡେଇଙ୍କୁ ପଚାରିବାରୁ, ୨୦୨୦ ମାର୍ଚ୍ଚ ସୁଦ୍ଧା ଲକ୍ଷ୍ୟ ହାସଲ କରାଯିବ। ସେ ନେଇ ତତ୍ପରତା ପ୍ରକାଶ ପାଇଛି। ପଞ୍ଚାୟତରେ ଥିବା ପ୍ରୋତ୍ସାହକ ଜରିଆରେ ଏ ସବୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱାରୋପ କରାଯାଉଛି। ଯନ୍ତ୍ରୀ-୨ ବିଶ୍ୱନାଥ ରଥଙ୍କ ମତରେ ଅଧିକାଂଶ ପଞ୍ଚାୟତକୁ ବାହ୍ୟମଳମୂତ୍ର ପଞ୍ଚାୟତ ଭାବରେ ଘୋଷଣା କରାଯିବାକୁ ବାକି ରହିଛି । ଯେଉଁ ପଞ୍ଚାୟତରେ ସଫଳତା ହାର କମ୍ ରହିଛି ସେ ସବୁ ପଞ୍ଚାୟତରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମତ ରଖିଛନ୍ତି।

### ଜାତୀୟ ରାଜପଥରେ ଲୁଟ୍ ଉଦ୍ୟମ
## ୨ ଗିରଫ: ମାରଣାସ୍ତ୍ର ସହ ମୋବାଇଲ, ଲାପଟପ୍ ଜବତ



**ଧର୍ମଶାଳା,୩୧।୫(ଡି.ଏନ୍.ଏ.)**

ଧର୍ମଶାଳା ଥାନା ୫(କ) ଜାତୀୟ ରାଜପଥ ଗାନ୍ଧିଛକ ନିକଟସ୍ଥ କଣ୍ଟିଗଡ଼ିଆଠାରେ ଗୁରୁବାର ବିଳମ୍ବିତ ରାତିରେ ୪ ଜଣ ଦୁର୍ବୃତ୍ତ ଏକ୍ ଟ୍ରକ୍‌କୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ସେମାନଙ୍କ ପିଛା କରି ୨ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ ୨ ଅଭିଯୁକ୍ତ ବଡ଼ଚଣା ଥାନା ସୁଙ୍ଗୁଡା ଗ୍ରାମର ସିପୁଆ ଓ ଧର୍ମଶାଳା ଥାନା କଣ୍ଟିଗଡ଼ିଆ ଗ୍ରାମର ଟିଲୁଆ ଦଳେଇ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିଚନ୍ଦ୍ରପୁର ଅଞ୍ଚଳର ଚନ୍ଦନ ବେହେରା(୨୬) ଓ ଅଣକା ଗ୍ରାମର ଅନିରୁଦ୍ଧ ନାୟକ। ଗିରଫବେଳେ ପୋଲିସ ସେମାନଙ୍କଠାରୁ ଗୋଟିଏ ଛୁରି, ଲୁହାରଡ, ଚୋରା ଲାପଟପ, ୧୧ଟି ଏଟିଏମ୍ କାର୍ଡ, ୨୦ ଚୋରା ମୋବାଇଲ ସହିତ ୨ଟି ବାଇକ ଜବତ କରିଛି। ଏମାନେ ସ୍ଥାନୀୟ ଅଞ୍ଚଳରୁ ମୋବାଇଲ ଫୋନ ଚୋରି ଘଟଣାରେ ସମ୍ପୃକ୍ତଥିବା ସ୍ୱୀକାର କରିଥିବା ପୋଲିସ କହିଛି। ପୋଲିସ ଏକ ମାମଲା (୨୫୪/୧୯) ରୁଜୁ କରି ଶୁକ୍ରବାର ଚନ୍ଦନ ଓ ଅନିରୁଦ୍ଧଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ପ୍ରଧାନମନ୍ତ୍ରୀ ଶସ୍ୟ ବୀମା ପାଇବାରୁ ବଞ୍ଚିତ ଚାଷୀ
# କୋର୍ଟର ଦ୍ୱାରସ୍ଥ ହେବାକୁ ଚେତାବନୀ

**ଯାଜପୁର ଟାଉନ,୩୧।୫(ଡିଏନଏ)**

**୧୦ଦିନରେ ସମସ୍ୟା ସମାଧାନ ଦାବି**

ଶସ୍ୟ ବୀମା ପାଇବାରୁ ବଞ୍ଚିତ ହୋଇଥିବା ଜଣେ ଚାଷୀ ବାରମ୍ବାର ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ୧୦ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ସେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଯାଜପୁର ଜିଲା କୋରେଇ ବ୍ଲକ ଅମୃତିଆ ପଞ୍ଚାୟତ ଜଳନ୍ଦା ଗ୍ରାମର ଚାଷୀ ବିରଞ୍ଚି ନାରାୟଣ ପତ୍ରୀ ଷଠିପୁରରେ ଥିବା ଆନ୍ଧ୍ରା ବ୍ୟାଙ୍କରୁ କିଷାନ କ୍ରେଡିଟ୍ କାର୍ଡ ଋଣ ନେଇ ଚାଷ କରିଥାନ୍ତି। ଏହାକୁ ପତ୍ରୀ ନିର୍ଦ୍ଧାରିତ ସମୟରେ ପରିଶୋଧ ମଧ୍ୟ କରିଥାନ୍ତି। ଗତ ୨୦୧୭-୧୮ ମସିହାରେ ପତ୍ରୀ ଆନ୍ଧ୍ରା ବ୍ୟାଙ୍କରୁ କିଷାନ କ୍ରେଡିଟ୍ କାର୍ଡରେ ଋଣ ନେଇ ଚାଷ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଦେବା ସମୟରେ ପ୍ରଧାନମନ୍ତ୍ରୀ ଶସ୍ୟ ବୀମା କରାଇଥାନ୍ତି। ପତ୍ରୀଙ୍କୁ ମଧ୍ୟ ଋଣ ଦେବା ସମୟରେ ଏହି ବୀମା କରାଇଥିଲେ। ୨୦୧୭-୧୮ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ଅମୃତିଆ ପଞ୍ଚାୟତକୁ ମରୁଡ଼ି ଘୋଷଣା କରାଯାଇଥିଲା। ସେହି ଅନୁସାରେ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଶସ୍ୟ ବୀମା ପ୍ରଦାନ କରାଯାଇଥିଲା। ମାତ୍ର ଚାଷୀ ବିରଞ୍ଚିଙ୍କୁ ଏହି ଶସ୍ୟ ବୀମା ପ୍ରଦାନ କରା ନ ଯିବାରୁ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ନେଇ କର୍ଣ୍ଣପାତ କରି ନ ଥିଲେ। ପତ୍ରୀ ବ୍ୟାଙ୍କର ଅମ୍ବୁଡ୍ସମ୍ୟାନ୍‌ଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରି ମାର୍ଚ୍ଚ ୧୩ ତାରିଖ ଅଭିଯୋଗ କରିବା ପରେ ଅମ୍ବୁଡ୍ସମ୍ୟାନ୍ ଇ-ମେଲ୍ ମାଧ୍ୟମରେ ପତ୍ରୀଙ୍କୁ ବ୍ୟାଙ୍କରେ ପହଞ୍ଚି ତାଙ୍କ ଫସଲ ବୀମା ସମସ୍ୟା ଅଧିକାରୀଙ୍କ ସହ ଯୋଗାଯୋଗ କରି ସାମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୌଣସି କାରଣ ନ ଜଣାଇ କିମ୍ବା ତାଙ୍କୁ ଅଭିଯୋଗ ଶୁଣାଣି ସମୟରେ ନ ଡକାଇ ତାଙ୍କ ଅଭିଯୋଗକୁ ଖାରଜ କରିଦେଇଥିବା ପୁନର୍ବାର ମେ ୩୦ରେ ବ୍ୟାଙ୍କର ଅମ୍ବୁଡ୍ସମ୍ୟାନ୍‌ଙ୍କୁ ଲିଖିତ ଆକାରରେ ଅଭିଯୋଗ ପ୍ରଦାନ କରିଛନ୍ତି। ଏହି ଅଭିଯୋଗରେ ପତ୍ରୀ ୧୦ଦିନ ଭିତରେ ସମସ୍ୟାର ସମାଧାନ ନ କରାଗଲେ କୋର୍ଟର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ଷଠିପୁର ଆନ୍ଧ୍ରା ବ୍ୟାଙ୍କର ମ୍ୟାନେଜର ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ତହସିଲ ବିଭାଗର ଚଢାଉ : ଗାଡି, କମ୍ପ୍ରେସର୍ ଜବତ

**ଧର୍ମଶାଳା,୩୧।୫(ଡି.ଏନ୍.ଏ.)**

ଧର୍ମଶାଳା ତହସିଲଦାର ଓ ଜେନାପୁର ପୋଲିସ ଶୁକ୍ରବାର ବେଆଇନଭାବେ ପରିବହନ ହେଉଥିବା ୪ଟି ଗାଡି ସହ ଏକ କମ୍ପ୍ରେସର ଜବତ କରିଛି। ଜବତ ଗାଡିଗୁଡିକ ଜାରକା ବିଟ୍ ହାଉସରେ ଅଟକ ରଖାଯାଇଥିବାବେଳେ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ତହସିଲଦାର ଧର୍ମଶାଳା ପୋଲିସ ସହାୟତାରେ ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରେ ଚଢାଉ କରିଥିଲେ। ଏହି ସମୟରେ ବେଆଇନଭାବେ କଳାପଥର ପରିବହନ କରୁଥିବା ୨ଟି ଟିପର୍ ଓ ୨ଟି ଟ୍ରକ୍ ଜବତ କରିଥିଲେ। ସେହିପରି ଡଙ୍କାରୀ କଳାପଥର ଖାଦାନରେ ଥାନା ଅଧିକାରୀ ସୁଶାନ୍ତ ଦାସ ଚଢାଉକରି କମ୍ପ୍ରେସର ଜବତ କରିଥିଲେ। ଜବତ କମ୍ପ୍ରେସରକୁ ଚଢେଇଧରା ଫାଣ୍ଡିରେ ଅଟକରଖି ତହସିଲଦାରଙ୍କୁ ସୂଚନା ଦେଇଛନ୍ତି।

## ବଧୂହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

**ରସୁଲପୁର,୩୧।୫(ଡିଏନଏ)**



ଅଭିଯୁକ୍ତ ସ୍ୱାମୀ ସଞ୍ଜୟ ନାୟକ।

ରସୁଲପୁର ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାରଲାଙ୍ଗି ଗ୍ରାମର ବୋହୂ ମମତା ଓରଫ ପ୍ରିୟଦର୍ଶିନୀ ନାୟକଙ୍କୁ ଗତ ୧୦ତାରିଖରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସ୍ୱାମୀ ସଞ୍ଜୟ ନାୟକଙ୍କୁ କୁଆଖିଆ ପୋଲିସ ଗୁରୁବାର ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।ପ୍ରକାଶ ଯେ, ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ହାଟ ସିଂହାପୁର ଗ୍ରାମର ମମତାଙ୍କ ସହ ବାଲଙ୍ଗି ଗ୍ରାମର ସଞ୍ଜୟଙ୍କ ସହ ୨ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ବାବଦକୁ ଅଧିକ ୨ଲକ୍ଷ ଟଙ୍କା ଦାବି କରିଆସୁଥିଲେ। ଏ ନେଇ ଝିଅ ପରିବାର ଲୋକଙ୍କୁ ଜଣାଇଥିଲେ। ମାତ୍ର ଯୌତୁକ ବାବଦକୁ ଏତେ ଟଙ୍କା ଦେବାକୁ ପରିବାର ଲୋକେ ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ସଂଜୟ ଓ ତାଙ୍କ ମା'ବାପା, ଭିଣୋଇ, ଭଉଣୀ ମିଶି ମମତାଙ୍କୁ ଜୀବନ୍ତ ମାରି ଦେଇଥିଲେ ବୋଲି ତାଙ୍କ ମା' ବାସନ୍ତୀ ରାଉତ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାକୁ ସକ୍ଷମ ହୋଇଛି। ପୂର୍ବରୁ ମୃତା ମହିଳାଙ୍କ ନଣନ୍ଦେଇଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାକୁ ନେଇ ଥାନାରେ ଏକ ମାମଲା (ନଂ-୧୩୫/୧୯) ରୁଜୁ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିବା ଦିଗରେ ପ୍ରୟାସ ଜାରି ରଖିଛି।

## ସେନା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ଅଭିଯୁକ୍ତ ସାଙ୍ଗ ଗିରଫ

**ରସୁଲପୁର/ ଧର୍ମଶାଳା,୩୧।୫(ଡିଏନଏ)**

ରସୁଲପୁର ବ୍ଲକର ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ନାଳକୂଳ ଗ୍ରାମର ସୌମ୍ୟରଞ୍ଜନ ପରିଡ଼ା ନାମକ ଜଣେ ସିଆରପିଏଫ୍ ଯବାନଙ୍କର ଗତ ଜାନୁୟାରୀ ୨୮ରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏହା ଏକ ସୁପର କଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ହେଲେ ସ୍ୱରାଜ ସାମଲ(୨୪)। ପ୍ରକାଶ ଯେ, ଚଳିତ ବର୍ଷ ୨୮ ଜାନୁୟାରୀରେ ସୌମ୍ୟରଞ୍ଜନ ସାଙ୍ଗଙ୍କ ସହ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ସୌମ୍ୟ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ରାତିରେ ତାଙ୍କ ସାଙ୍ଗ ସ୍ୱରାଜ ସନ୍ଦେହଜନକ ଭାବେ ସୌମ୍ୟଙ୍କୁ ଘରଠାରୁ କିଛି ଦୂରରେ ଛାଡି ଚାଲିଯାଇଥିଲେ। ଏ ସବୁ ଘଟଣାକୁ ଅନୁଧ୍ୟାନ କରି ପରିବାର ଲୋକେ ସୌମ୍ୟଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ସନ୍ଦେହ କରି ଅଭିଯୋଗ କରିଥିଲେ। ପୋଲିସ ଧର୍ମଶାଳା ଥାନାରେ ମାମଲା (ନଂ-୩୭/୧୯) ରୁଜୁ କରି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ମୃତ ଯବାନଙ୍କ ପରିବାର ପକ୍ଷରୁ ପୋଲିସ ନିକଟରେ ବାରମ୍ବାର ଦାବି କରାଯାଇ ଆସୁଥିଲା। ଫାଣ୍ଡି ତଦନ୍ତ ଅଧିକାରୀ ସୁରେନ୍ଦ୍ର କୁମାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ କରୁଛନ୍ତି।

## ଓଡ଼ିଶାରୁ ୨ କେନ୍ଦ୍ରମନ୍ତ୍ରୀଙ୍କ ପାଇଁ ଖୁସିରଲହରି

**ରସୁଲପୁର,୩୧।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତସ୍ଥିତ ୩୫ନଂ ଜୋନ୍ ଚନ୍ଦେନେଶ୍ୱର ମଣ୍ଡଳ ପକ୍ଷରୁ ୨ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ନେଇ ଖୁସି ପ୍ରକଟ କରାଯାଇଛି। ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୂଳାପାଳ ଛକଠାରେ ମଣ୍ଡଳର କର୍ମକର୍ତ୍ତାମାନେ ଏକଜୁଟ ହୋଇଥିଲେ। ମଣ୍ଡଳ ପକ୍ଷରୁ ସଭାପତି ଦେବକାନ୍ତ ନାୟକ, ଉପସଭାପତି ଲକ୍ଷ୍ମୀଧର ପତି, ଅକ୍ଷୟ ମିଶ୍ର, ଅଜୟ ସାହୁ, ରବୀନ୍ଦ୍ର ରଥ, ଚକ୍ରଧର କର, ଭରତ ସେନାପତି, ସୁରେନ୍ଦ୍ର ସର, ଅଶୋକ ସାହୁ, ବାଙ୍କବିହାରୀ ସାମଲ, ଜଟାଧାରୀ ପଲେଇ ପ୍ରମୁଖ ବାଣ ଫୁଟାଇ ଖୁସି ମନାଇବା ସହ ପରସ୍ପର ମଧ୍ୟରେ ମିଷ୍ଟାନ ବାଣ୍ଟିଥିଲେ। ପ୍ରତାପ ଷଡଙ୍ଗୀଙ୍କୁ ମନ୍ତ୍ରୀପଦ ଅର୍ପଣ କରିବା ଓ ଧର୍ମେନ୍ଦ୍ର ପ୍ରଧାନ ପୂର୍ବଥର ଭଳି ଚଳିତ ଥର ମନ୍ତ୍ରୀ ମଣ୍ଡଳରେ ସାମିଲ କରିଥିବାରୁ କର୍ମକର୍ତ୍ତାଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବହୁଳ ପରିମାଣରେ ବିକ୍ରି ହେଉଛି ଅପମିଶ୍ରିତ ଛେନା

**ଯାଜପୁର ଟାଉନ,୩୧।୫(ଡିଏନଏ)**

**ଯାଜପୁର ସହର**
- ଜିଲା ସ୍ୱାସ୍ଥ୍ୟ ବିଭାଗର ନିଘା ନାହିଁ

ସାଧାରଣତଃ ଛେନା ଓ ଛେନା ଜାତୀୟ ମିଷ୍ଟାନକୁ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଥାଏ। ମାତ୍ର ଯାଜପୁରରେ ଅପମିଶ୍ରିତ ଛେନା ବହୁଳ ପରିମାଣରେ ବିକ୍ରି ହେଉଥିବା ଜଣାଯାଇଛି। ତାହାକୁ ଖାଇ ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହେଉଥିବା ପରିଲକ୍ଷିତ ହୋଇଛି। ଯାଜପୁର ସହରରେ ପ୍ରାୟ ସମସ୍ତ ମିଷ୍ଟାନ ଦୋକାନରେ ଅପମିଶ୍ରିତ ଛେନା ମାଧ୍ୟମରେ ମିଷ୍ଟାନ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଛେନା ନିର୍ଦ୍ଦିଷ୍ଟ ଏକ କମ୍ପାନୀର ପାଉଡର ଦ୍ୱାରା ଉତ୍ପନ୍ନ ହେଉଥିବାବେଳେ ବ୍ୟବସାୟୀମାନେ ଏହାକୁ ବିକ୍ରି କରି ବେଶ୍ ଲାଭବାନ ହେଉଛନ୍ତି। ସାଧାରଣତଃ ଗାଈ ଓ ମଇଁଷି କ୍ଷୀରରେ ଉତ୍ପନ୍ନ ହେଉଥିବା ଛେନାର ବଜାର ଦର କିଲୋପ୍ରତି ୨ଶହ ୫୦ ଟଙ୍କା ରହିଥିବାବେଳେ ଏହି ପାଉଡର ଦ୍ୱାରା ପ୍ରସ୍ତୁତ ଛେନା ୧୫୦ଟଙ୍କାରେ ମିଳୁଛି। ବ୍ୟବସାୟୀମାନେ ଏହାକୁ କ୍ରୟକରି ବେଶ୍ ଦୁଇ ପଇସା ମୁନାଫା ଉଠାଉଥିବା ଦେଖାଯାଉଛି। ଅପରପକ୍ଷରେ ଏହି ଛେନା ଦ୍ୱାରା ପ୍ରସ୍ତୁତ ହେଉଥିବା ପନିର, ଖୁଆ ଓ ମିଷ୍ଟାନ ଖାଇ ଲୋକେ ବିଭିନ୍ନ ରୋଗରେ ପୀଡିତ ହେଉଥିବା ଦେଖାଗଲାଣି। ଯାଜପୁର ସହରରେ ପ୍ରତ୍ୟେକ ଦିନ ଏହି ଅପମିଶ୍ରିତ ଛେନା ୫/୭ କୁଇଣ୍ଟାଲ କାରବାର ହେଉଥିବାବେଳେ ଗାଈ ଓ ମଇଁଷି ଛେନା ଆଦୌ ଦେଖିବାକୁ ମିଳୁନାହିଁ। ଏହି ଅପମିଶ୍ରିତ ଛେନା ସାଧାରଣତଃ ସହର ଉପକଣ୍ଠ ସଇପୁର, ଜଳହରା, ସିମିଳିଆ ଅଞ୍ଚଳରୁ ଆସୁଥିବାବେଳେ ଭଣ୍ଡାରୀପୋଖରୀ ବ୍ଲକ୍‌ର ମଣିନାଥପୁର, ଷୋଳମପୁର, ଜଳହରି, ନପଙ୍ଗ, ସୋଲାପାରି ଆଦି ଅଞ୍ଚଳରୁ ଶତାଧିକ ଅପମିଶ୍ରିତ ପ୍ରସ୍ତୁତକାରୀ ସହରର ବିଭିନ୍ନ ମିଷ୍ଟାନ ଦୋକାନରେ ଯୋଗାଣ କରୁଛନ୍ତି। ସମ୍ପ୍ରତି ଯାଜପୁର ପୌରାଞ୍ଚଳରେ ଏହି ଅପମିଶ୍ରିତ ଛେନା ଦୈନିକ ପ୍ରାୟ ୫ରୁ ୭ କୁଇଣ୍ଟାଲ କାରବାର ହେଉଥିବାବେଳେ ପୌରପରିଷଦ ପକ୍ଷରୁ ଏହାକୁ ଯାଞ୍ଚ କରାଯାଉ ନାହିଁ। ଫଳରେ ଦିନକୁ ଦିନ ଏହି ଅପମିଶ୍ରିତ ଛେନା ଖାଇ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଗଲାଣି। ଅପରପକ୍ଷେ ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ତଥା ଖାଦ୍ୟ ଯାଞ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ, ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ଏପର୍ଯ୍ୟନ୍ତ ତାଙ୍କ ନିକଟରେ ପହଞ୍ଚି ନାହିଁ। ଅଭିଯୋଗ ହେଲେ ଏହା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

### ବେପରୁଆ ଭାବେ ଚାଲିଛି ୧୬ନଂ ଜାତୀୟ ରାଜପଥ ନିର୍ମାଣ
# ସତର୍କ ସୂଚନା ନାହିଁ, ପୋଲ ତଳକୁ ଖସିଲା ୨ ଟ୍ରକ

**ରସୁଲପୁର,୩୧।୫(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଅତି ବେପରୁଆ ଭାବେ ଚାଲିଛି। ଚଣ୍ଡିଖୋଲଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଦିଲୀପ ବିଲଡକନ୍ କମ୍ପାନୀ ନାମକ ଏକ ଠିକା ସଂସ୍ଥା ତଦାରଖ ଦାୟିତ୍ୱରେ ରହିଛି। ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଦୈନିକ ଦୁର୍ଘଟଣା ଘଟୁଛି। ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗୁରୁବାର ବିଳମ୍ବିତ ରାତି ଓ ଶୁକ୍ରବାର ସ୍ୱଷ୍ଟ ଦିବାଲୋକରେ ୨ଟି ମାଲବୋଝେଇ ଟ୍ରକ ପୋଲ ତଳକୁ ଖସି ପଡି ଦୁର୍ଘଟଣାର ସମ୍ମୁଖିନ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ରାଜପଥର ଏହି ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀ ପୋଲ ନିକଟରୁ ଖଣ୍ଡିତରସ୍ଥିତ ଖରସ୍ରୋତା ପୋଲ ମଧ୍ୟରେ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ଏହି ଅଞ୍ଚଳରେ ରାସ୍ତା ନିର୍ମାଣ ସମୟରେ ଅନେକ ଡାଇଭର୍ସନ ତିଆରି ହୋଇଛି। କେତେକ ସ୍ଥାନରେ ରାଜପଥର ଆପ୍ରୋଚ ରାସ୍ତାକୁ ତାଡି ଦିଆଯାଇ ରାସ୍ତାକୁ ସଂକୁଚିତ କରିଦିଆଯାଇଛି। ମାତ୍ର ଏ ସବୁ ସ୍ଥାନରେ ସତର୍କତାମୂଳକ ପଦକ୍ଷେପ ନିଆଯାଇ ନାହିଁ। ଡାଇଭରର୍ସନ ସ୍ଥଳରେ ରେଡିୟମଯୁକ୍ତ ବାଡ ବ୍ୟବହାର କରାଯାଇ ନ ଥିବାବେଳେ ୫୦୦ ମିଟର ପୂର୍ବରୁ ଡାଇଭର୍ସନକୁ ନେଇ ସୂଚନା ଫଳକ ଲଗାଯାଇ ନାହିଁ। ସଂକୁଚିତ ରାସ୍ତା କଡରେ ସୁରକ୍ଷା ପାଇଁ ସ୍ଥାନେ ସ୍ଥାନେ ସିମେଣ୍ଟ ସ୍ଲାବ ଥୁଆ ହୋଇଛି। ମାତ୍ର ଏଥିରେ ରେଡିୟମ ଲାଗିନାହିଁ। ରାସ୍ତା ଖୋଳା ଯାଇଥିବା ସ୍ଥାନରେ ସୁରକ୍ଷା ବାଡ଼ ଲଗାଯାଇ ନାହିଁ। ଗୁରୁବାର ରାତିରେ କ୍ରୋମାଇଟ୍ ବୋଝେଇ ଟ୍ରକ ବାରବାଟୀସ୍ଥିତ ଓଭର ବ୍ରିଜ୍ ତଳକୁ ଖସି ପଡିଥିଲାବେଳେ ଶୁକ୍ରବାର ପୂର୍ବାହ୍ନରେ ଦୁର୍ଘଟଣା ସ୍ଥଳରୁ ମାତ୍ର ଅଳ୍ପ କିଛି ଦୂରରେ ଲୁହାପଥର ବୋଝଇ ଟ୍ରକ ଖସି ପଡିଥିଲା। ସୌଭାଗ୍ୟବଶତଃ ଟ୍ରକ ଚାଳକ ଓ ହେଲପରଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଅବସ୍ଥାରେ ପଦାକୁ ବାହାର କରିଥିଲେ। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିଲେ ବି ଆଗାମୀ ଦିନରେ ଏଠାରେ ବଡ ଧରଣର ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଠିକା ସଂସ୍ଥା ଓ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ପୋଲ ତଳକୁ ଖସି ପଡ଼ିଥିବା ଟ୍ରକ।





# ଆସିଲେନି ଡାକ୍ତର, ଫେରିଲେ ଶତାଧିକ ରୋଗୀ

ବରୀ/ରତ୍ନଗିରି, ୩୧।୫(ସ୍ୱ.ପ୍ର./ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ଅଲ୍ଲୀପୁର ଗ୍ରାମରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ଡାକ୍ତରଙ୍କ ଆବଶ୍ୟକତା ଥିଲାବେଳେ ୨ ଜଣ ନିଯୁକ୍ତି ପାଇଥିବା ଜଣାପଡ଼ିଛି। ହେଲେ ଶୁକ୍ରବାର ୨ ଜଣ ଡାକ୍ତର ଅନୁପସ୍ଥିତ ଥିବାରୁ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଫେରି ଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରଜନୀକାନ୍ତ ମହାନ୍ତି, ସୌମ୍ୟରଞ୍ଜନ ଜେନା, ରାମହରି ବାରିକ, ଶାରଦା ବାରିକ, ସାଉବତ୍ ଖାଁ, ରବି ମଲ୍ଲିକ୍ ପ୍ରମୁଖ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସି ଫେରି ଯାଇଥିବା ଅଭିଯୋଗ କରିଛନ୍ତି। ଅଧିକାଂଶ ସମୟରେ ଡାକ୍ତର ଅନୁପସ୍ଥିତ ଥିବାରୁ ରୋଗୀଙ୍କୁ ହୀନସ୍ତା ହେବାକୁ ପଡୁଛି। ରୋଗୀଙ୍କ ପାଇଁ ଆସୁଥିବା ମାଗଣା ଖାଦ୍ୟ ବାଟମାରଣା ହେଉଥିବା ଅଭିଯୋଗ ହେଉଛି।




ମ୍ୟାଲେରିଆ, ଡେଙ୍ଗୁ ସଚେତନତା ପାଇଁ କର୍ମଶାଳା ହେଉ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଉପସ୍ଥିତ ଥିବା କର୍ମଚାରୀ ପ୍ରଫୁଲ୍ଲ କୁମାର ନାୟକଙ୍କୁ ପଚାରିବାରୁ, କିଛି ଉତ୍ତର ଦେଇ ନ ଥିଲେ।

ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବାଲିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ରତ୍ନଗିରି ପ୍ରାଥମିକ ଚିକିତ୍ସା କେନ୍ଦ୍ର, କୃଷ୍ଣନଗର ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ କଳାମାଟିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିଛି। ଏହି ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡିକରେ ସ୍ଥାୟୀ ଡାକ୍ତର ନ ଥିବା ଜଣାପଡ଼ିଛି। ଫଳରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଦୀର୍ଘଦିନ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇଥିବା ଏହି ଚିକିତ୍ସା କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇନାହାନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଆଶ୍ୱାସନା, ରାଧା ଗୋବିନ୍ଦ ସେବା ସଦନ, ବରୀ ଜାଗରଣ ମଞ୍ଚ ଭଳି ବିଭିନ୍ନ ସମାଜସେବୀ ସଂଗଠନ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଯାଜପୁର ଜିଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ବି ଅଦ୍ୟାବଧି

**ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ୬ ବିଶେଷଜ୍ଞଙ୍କ ପରିବର୍ତ୍ତେ ଅଛନ୍ତି ୨ ଡାକ୍ତର
- ଅଧିକାଂଶ ସମୟରେ ଡାକ୍ତର ଅନୁପସ୍ଥିତ ଥିବା ଅଭିଯୋଗ
- ସେବା ନ ପାଇ ଫେରିଲେ ରୋଗୀ

ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇପାରିନାହିଁ। କୌଣସି ସ୍ଥାୟୀ ଡାକ୍ତର ଦାୟିତ୍ୱରେ ନ ଥିବାରୁ ଡାକ୍ତରଖାନା ପରିବେଶ ଅତ୍ୟନ୍ତ ଦୂଷିତ ହୋଇଥିବା ଦେଖିବାକୁ ମିଳିଛି। ଦୀର୍ଘ ଅଢେଇ ବର୍ଷଧରି ରାଜନୈତିକ ତିକ୍ତତା ଯୋଗୁ ରୋଗୀ କଲ୍ୟାଣ ସମିତି ବୈଠକ ବସିବା ସମ୍ଭବପର ହୋଇପାରିନାହିଁ। ଯାହାଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ଅନ୍ତଃବିଭାଗ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପ୍ରସୂତି ବିଭାଗର ଝରକାଗୁଡିକ ଭାଙ୍ଗିରୁଜି ଯାଇଥିବାରୁ ବର୍ଷା ସମୟରେ ପାଣି ପଶି ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜେନେରେଟର ଅଚଳ ହୋଇ ପଡ଼ିଥିବାରୁ ରୋଗୀ ସେବା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଦୀର୍ଘଦିନ ଧରି ଆମ୍ବୁଲାନ୍ସ ଅଚଳ ଥିବାରୁ ରୋଗୀମାନେ ଜରୁରିକାଳୀନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପାନୀୟଜଳ ମଧ୍ୟ ଅନ୍ୟ ଏକ ମୁଖ୍ୟ ସମସ୍ୟା। ରୋଗୀଙ୍କ ସହ ଆସିଥିବା ସହଯୋଗୀମାନେ ପାନୀୟ ଜଳ ପାଇଁ ୧ କି.ମି ଦୂର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟକୁ ଯାଇଥାନ୍ତି। ଏ ସଂକ୍ରାନ୍ତରେ ଜିଲା ଚିକିତ୍ସାଧିକାରୀ ରଶ୍ମି ପ୍ରକାଶ ଶତପଥୀଙ୍କୁ ପଚାରିବାରେ, ଡାକ୍ତର ପଦବୀ ପୂରଣ ପାଇଁ ବାରମ୍ବାର ଲିଖିତଭାବେ ଜଣାଇଥିଲେ ବି ତାହା ସମ୍ଭବ ହୋଇପାରୁନାହିଁ। ଅପରପକ୍ଷରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ରଶ୍ମି ପଶାୟତଙ୍କୁ ପଚାରିବାରୁ, ସେ ୩ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ

ବିଞ୍ଝାରପୁର,୩୧।୫(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା, ବାଛୋଳ, ଫତେପୁର ପଞ୍ଚାୟତ ମା' ବରୁଣେଇ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଟକୃଷ୍ଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶତାଧିକ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ଗର୍ବ ପର୍ବତ ଆରୋହୀ ସ୍ୱର୍ଗତ କଳ୍ପନା ଦାସଙ୍କ ସ୍ମୃତି ଚାରଣ କରାଯିବା ସହ ନବ ଗଠିତ ସରକାରଙ୍କୁ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବୈଠକରେ ମଞ୍ଚ ପକ୍ଷରୁ ବର୍ଷ ତମାମ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିଷଦ ବିବରଣୀ ପାଠ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, କୁସଂସ୍କାର ଆଦିକୁ ଦୂର କରିବା ଦିଗରେ ମଞ୍ଚ ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥା ଧାର୍ଯ୍ୟ କରାଯାଇଛି। ଧ୍ରୁବଚରଣ ଓଝା, ସୁବାସ ଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଚ୍ଚିଦାନନ୍ଦ ଗୁରୁ, ଶରତ ଚନ୍ଦ୍ର ମଲ୍ଲିକ, ଚନ୍ଦ୍ରମଣି ମଲ୍ଲିକ, ବଳରାମ ପଣ୍ଡା, ରାଜେନ୍ଦ୍ର ସାମଲ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ବନ ବିଭାଗ ଓ ସ୍ପେଶାଲ ସ୍କ୍ୱାର୍ଡର ମିଳିତ ଚଢ଼ାଉ ୩ କଳାପଥର ବୋଝେଇ ଟ୍ରକ୍ ଜବତ



ଚଣ୍ଡିଖୋଲ,୩୧।୫(ଡି.ଏନ୍.ଏ.)- କଟକ ବନବିଭାଗ ସ୍ପେଶାଲ ଭିଜିଲାନ୍ସ ସ୍କ୍ୱାର୍ଡ ଓ ଚଣ୍ଡିଖୋଲ ବନ ବିଭାଗର ମିଳିତ ଚଢ଼ାଉରେ ଶୁକ୍ରବାର ୩ କଳାପଥର ବୋଝେଇ ଟ୍ରକ୍ ଜବତ ହୋଇଛି। ସ୍ପେଶାଲ ସ୍କ୍ୱାର୍ଡ ଭିଜିଲାନ୍ସ ଇନ୍ସପେକ୍ଟର ରଜନୀକାନ୍ତ ମହାନ୍ତି ଓ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ କୁନ୍ଦଲ ଛକ ଏବଂ ଅଚ୍ୟୁତବସନ୍ତଠାରେ କଳାପଥର ବୋଝେଇ କରି ଯାଉଥିବା ୨ଟି ଟ୍ରକ୍ ଓ ଏକ ହାଇୱାକୁ ଅଟକାଇ ତନଖି କରିଥିଲେ। ଗାଡ଼ିରେ ପରିବହନ ହେଉଥିବା କଳାପଥରର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଅଧିକାରୀମାନେ ଗାଡ଼ି ଜବତ କରିଥିଲେ। ଜବତ ଟ୍ରକଗୁଡ଼ିକର ନଂ. ହେଲା (ଓଆର-୦୪ଇ-୩୫୧୫), (ଓଆର-୦୫ସି-୦୧୦୭), ହାଇୱା ନଂ. (ଓଡି୦୪-ଏମ୍-୩୭୫୮)କୁ ଚଣ୍ଡିଖୋଲ ଡାଳିଯୋଡ଼ା ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ସେମାନଙ୍କ ନିକଟରୁ ଜରିମାନା ଆଦାୟ କରାଯାଇ ଛଡ଼ାଯିବ ବୋଲି ଫରେଷ୍ଟର ଶଶିକାନ୍ତ ବେହେରା ସୂଚନା ଦେଇଛନ୍ତି।

### ଅମରେଶ୍ୱରରେ ଶିବଙ୍କ ନିର୍ବନ୍ଧ କାର୍ଯ୍ୟ ସମାପନ

ଛତିଆ,୩୧।୫(ଡି.ଏନ୍.ଏ.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆସ୍ଥିତ ଅମରେଶ୍ୱର ଶିବ ମନ୍ଦିରଠାରେ ଆସନ୍ତା ୭ ତାରିଖରେ ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ବିବାହ ଉତ୍ସବ ପାଇଁ ଶୁକ୍ରବାର ମନ୍ଦିର ପରିସରରେ ନିର୍ବନ୍ଧ କାର୍ଯ୍ୟ ସମାପନ ହୋଇଯାଇଛି। ଏଥିରେ କନ୍ୟାପିତା ଭାବେ ପର୍ଶୁରାମ ନାୟକ ଓ ବରପିତା ଭାବେ ଜିତେନ୍ଦ୍ର କୁମାର ଷେଣ୍ଡ ଯୋଗଦେଇ ନିର୍ବନ୍ଧ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ମନ୍ଦିର ପୂଜକ ଗଗନ ବିହାରୀ ପଣ୍ଡା ଉକ୍ତ ନିର୍ବନ୍ଧ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଅମରେଶ୍ୱର ଟ୍ରଷ୍ଟର କର୍ମକର୍ତ୍ତା ସର୍ବଶ୍ରୀ ହରିହର ସାହୁ, ଚିନ୍ମୟ କୁମାର ନନ୍ଦ, କିଶୋର ମୋହନ ଷେଣ୍ଡ, ମହେଶ୍ୱର ଓଝା ଓ ଗୁଣନିଧି ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଥିଲା।

### ମଦ ଜବତ, ବ୍ୟବସାୟୀ କୋର୍ଟଚାଲାଣ

କୋରେଇ,୩୧।୫(ସ୍ୱ.ପ୍ର.)- ପାଣିକୋଇଲି ପୋଲିସ ଶୁକ୍ରବାର ୧୦ ଲିଟର ଦେଶୀ ମଦ ଜବତ କରିବା ସହ ବ୍ୟବସାୟୀଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ପଥରପଦା (କାଜିପାଟଣା) ଗ୍ରାମର ହରେକୃଷ୍ଣ ଦାସ ଓରଫ ହରିଆ (୪୨)। ଏ ନେଇ ପୋଲିସ ଏକ ମାମଲା (ନଂ. ୯୮/୧୯) ରୁଜୁ କରିଛି। ପ୍ରକାଶ ଯେ, ହରେକୃଷ୍ଣ ବାଇକ୍ (ଓଡି-୦୪ଏଲ-୩୧୮୮) ଯୋଗେ ଦେଶୀ ମଦ ନେଇ ଯାଉଥିବାବେଳେ ପାଣିକୋଇଲି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡ଼ରେ ପଡିଥିଲେ। ପୋଲିସ ତାଙ୍କୁ ଯାଞ୍ଚ କରିବାରୁ ଦେଶୀ ମଦ ଥିବା ଦେଖି ଗିରଫ କରିଥିଲେ।

### ଶତାୟୁ ମହିଳାଙ୍କ ବିୟୋଗରେ ଶୋକସଭା

ବରୀ,୩୧।୫(ସ୍ୱ.ପ୍ର.)- ବରୀ ବ୍ଲକ ଅଧୀନ ଅଟିରା ଗ୍ରାମର ଶତାୟୁ ମହିଳା ଚନ୍ଦ୍ରମଣି ନାୟକଙ୍କ ବିୟୋଗରେ ଶୁକ୍ରବାର ପୂର୍ବାହ୍ନରେ ବରୀ ମାଉଣ୍ଡସ୍ଥିତ ପ୍ରେସ୍ କ୍ଲବ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାସ ଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ଅନିରୁଦ୍ଧ ବେହୁରିଆ, ବରିଷ୍ଠ ଖବରଦାତା ବାଞ୍ଛାନିଧି ସାହୁ, ବରଦା ପ୍ରସନ୍ନ ସାହୁ, କବି ଅଜୟ କୁମାର ବଳ, ଘନଶ୍ୟାମ ବିଶ୍ୱାଳ, ଜିତୁ ନନ୍ଦ, ନୀଳମଣି ବଳ, ମନୋଜ ରାୟ, ହରିହର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତା ମହିଳାଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତା ଚନ୍ଦ୍ରମଣି ଜଣେ ଧର୍ମପରାୟଣା ଭାବେ ବରୀ ଅଞ୍ଚଳରେ ବେଶ୍ ଜଣାଶୁଣା ବୋଲି ଶୋକସଭାରେ ମତ ପ୍ରକାଶ ପାଇଥିଲା।

# ସରିଲା ଦର୍ପଣ ତହସିଲର ବାତ୍ୟା ତଦନ୍ତ

**୧୬ ଟି ସମ୍ପୂର୍ଣ୍ଣ ଓ ୧୫୦୦ ଆଂଶିକ ଘର ଭାଙ୍ଗିଛି**

ଚଣ୍ଡିଖୋଲ,୩୧।୫(ଡି.ଏନ.ଏ.)

ବାତ୍ୟାକୁ ୨୭ ଦିନ ବିତିଯାଇଥିବାବେଳେ ଶୁକ୍ରବାର ଦର୍ପଣ ତହସିଲ ତରଫରୁ ଘର ଭଙ୍ଗା ଆକଳନ ଶେଷ ହୋଇଛି। ବାତ୍ୟା ପରେ ବିଭିନ୍ନ ବିଭାଗରୁ ନିୟୋଜିତ ହୋଇଥିବା ୮ ଜଣିଆ ଟିମ୍ ଦର୍ପଣ ତହସିଲ ଅନ୍ତର୍ଗତ ବାତ୍ୟା କ୍ଷତିଗ୍ରସ୍ତ ବିଭିନ୍ନ ଗ୍ରାମକୁ ଯାଇ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ତହସିଲ ଅଞ୍ଚଳରେ ୧୬ଟି ଘର ସମ୍ପୂର୍ଣ୍ଣ ଓ ୧୫୦୦ ଘର ଆଂଶିକ ଭାଙ୍ଗିଥିବା ନେଇ ସର୍ଭେ ଟିମ୍ ରିପୋର୍ଟ ପ୍ରଦାନ କରିଛନ୍ତି ବୋଲି ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନାନପୁର ଗ୍ରାମର ରମେଶ ଚନ୍ଦ୍ର ଜେନା ଓ ଉକ୍ତ ଗ୍ରାମର ସୁରେଶ ଚନ୍ଦ୍ର ଜେନା, ଶାନ୍ତିପୁର ପଞ୍ଚାୟତ ବେଣାପୁର ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁ, ଛତିଆ ପଞ୍ଚାୟତ ଛତିଆ ଗ୍ରାମର ଶତ୍ରୁଘ୍ନ ପ୍ରଧାନ, ବନ୍ତଳା ପଞ୍ଚାୟତ ଉପୁଳା ଗ୍ରାମର ହରିଶ ଚନ୍ଦ୍ର ଓଝା, ବୈରୀ ପଞ୍ଚାୟତ ବୈରୀ ଗ୍ରାମର ହାଉଡି ଦେହୁରୀ, ଶାଳପଡା ପଞ୍ଚାୟତ ଶାଳପଡା ଗ୍ରାମର ସୁନାକର ଦେହୁରୀ, ବାଉଁଶମୂଳୀ ଗ୍ରାମର ବିରବର ମଲ୍ଲିକ୍ ଓ କମନ୍ ସାମଲ୍, ଝାଟିଆପଡା ଗ୍ରାମର ଭିବ ଖଟୁଆ, ପ୍ରମୋଦ ଦେହୁରୀ, କୈଳାସ ଦେହୁରୀ, ହରିଣ ଟିକିରି ଗ୍ରାମର ଦୁଖୀଶ୍ୟାମ ସାହୁ, ରାଧାଦେଇପୁର ପଞ୍ଚାୟତ ବାଙ୍ଗୁରୁଗୁଣ୍ଡା ଗ୍ରାମର ଧୁଳେଶ୍ୱର ମଲ୍ଲିକ୍, ଅରଖପୁର ପଞ୍ଚାୟତ ସୁର୍ଖାଦେଇପୁର ଗ୍ରାମର ଚନ୍ଦ୍ରମଣି ଜେନା ଓ ଅରଖପୁର ଗ୍ରାମର ବଟକୃଷ୍ଣ ଜେନାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ବିପର୍ଯ୍ୟୟ ପ୍ରସମନ ନିୟମ ଅନୁଯାୟୀ ପ୍ରଥମେ ସରକାରଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯିବା ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ତହସିଲଦାରଙ୍କ ତରଫରୁ ଏହି ସୂଚନା ଦିଆଯାଇଥିଲାବେଳେ ବହୁ ବିପନ୍ନଙ୍କ ଘର ଭାଙ୍ଗିଥିଲେ ମଧ୍ୟ କୌଣସି ତଦନ୍ତକାରୀ ଅଧିକାରୀ ସେଠାକୁ ଯାଇ ତଦନ୍ତ କରି ନ ଥିବା ଅଭିଯୋଗ କରିଛନ୍ତି। ଏପରିକି କେତେକ ଗ୍ରାମକୁ ଆଦୌ ରାଜସ୍ୱ ନିରୀକ୍ଷକମାନେ ଯାଇ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ଅଶୋକ କୁମାର ଦାସଙ୍କୁ ପଚାରିବାରୁ, ପ୍ରତ୍ୟେକ ଗ୍ରାମକୁ ଯାଇ ସର୍ଭେ କରାଯାଇଥିଲାବେଳେ ହଜାରରୁ ଊର୍ଦ୍ଧ୍ୱ ବିପନ୍ନଙ୍କୁ ପଲିଥିନ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

# ଜିଲା ହସ୍ତଶିଳ୍ପ କାରିଗର ସଂଘର ଜରୁରୀ ବୈଠକ

ଛତିଆ,୩୧।୫(ଡି.ଏନ୍.ଏ.)

ଯାଜପୁର ଜିଲାର ଆଞ୍ଚଳିକ ଶିଳ୍ପ କେନ୍ଦ୍ର କାର୍ଯ୍ୟାଳୟ କଟକ ଜିଲାର ଜଗତପୁରଠାରେ କାର୍ଯ୍ୟ କରୁଛି। ମାତ୍ର ଜିଲାର ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସ୍ଥାୟୀ କାର୍ଯ୍ୟାଳୟ ଯାଜପୁରରୋଡର ଶେଷ ଅଂଶ ଚାନ୍ଦମାଠାରେ ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିବାରୁ ଜିଲା ହସ୍ତଶିଳ୍ପ କାରିଗର ସଂଘ ଏହାକୁ ବିରୋଧ କରିଛି। ଚାନ୍ଦମାଠାରେ ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ପ୍ରତିଷ୍ଠା କରା ନ ଯିବା ପାଇଁ ସଂଘ ଦୀର୍ଘବର୍ଷ ଧରି ସରକାରଙ୍କ ପାଖରେ ଦାବି କରିଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନ ନେଇ ଉକ୍ତ ସ୍ଥାନରେ ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ପାଇଁ ସ୍ଥିର କରିଥିବାରୁ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ଛତିଆଠାରେ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପର୍ଶୁରାମ ବେହେରା ଅଧ୍ୟକ୍ଷତା କରିଥିଲେ। ଶନିବାର ସଂଘ କର୍ମକର୍ତ୍ତା ଜଗତପୁରସ୍ଥିତ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକଙ୍କୁ ଭେଟି ଏ ନେଇ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକଙ୍କ ସହିତ ଜିଲାର ସମସ୍ତ ବିଧାୟକଙ୍କୁ ସଂଘ କର୍ମକର୍ତ୍ତା ଭେଟି ଆଲେଚନା କରିବା ସହ ଚାନ୍ଦମାଠାରେ ଜିଲା ଶିଳ୍ପକେନ୍ଦ୍ର ପ୍ରତିଷ୍ଠା କରା ନ ଯାଇ ଜାରକା, ପାଣିକୋଇଲି କିମ୍ବା ଜିଲା ସଦର ମହକୁମାଠାରେ ପ୍ରତିଷ୍ଠା ପାଇଁ ଦାବି କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଘ ଉପଦେଷ୍ଟା ମିହିର ପ୍ରତାପ ଦାସ, ମହେଶ୍ୱର ଓଝା ଓ ଧ୍ରୁବ ଚରଣ ପ୍ରଧାନଙ୍କ ସହ ମୁଖ୍ୟ ସଂଯୋଜକ ସୁରେଶ କୁମାର ଗୁଇଁ, ଅଶୋକ କୁମାର ମହାରଣା, ଅକ୍ଷୟ କୁମାର ଓଝା, ପ୍ରିୟନାଥ ଓଝା, ପ୍ରଭାତ ମହାରଣା ଓ ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ପ୍ରାରମ୍ଭିକ ସୂଚନା ଓ ମନୋଜ କୁମାର ନାଥ ଧନ୍ୟବାଦ ଦେଇଥିଲେ।

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଯାଜପୁରରୋଡ,୩୧।୫(ନି.ପ୍ର.)- ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ମେଜର ଡ. ଆବୁ ତାହିର ଶୁକ୍ରବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ହେମନ୍ତ କୁମାର ରାଉତ ଅବସର ଗ୍ରହଣ କରିଥିବାରୁ ମେଜର ଡ. ଆବୁ ତାହିରଙ୍କୁ ଶିକ୍ଷାବିଭାଗ ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଛି। ବ୍ୟାସନଗର କଲେଜରେ ଦୀର୍ଘଦିନ ଧରି ବାଣିଜ୍ୟ ବିଭାଗରେ କାର୍ଯ୍ୟ କରୁଥିବା ମେଜର ତାହିର ଜଣେ ଭଲ ମଣିଷ ଭାବେ ପରିଚିତ। କଲେଜରେ ଏନସିସି ବିଭାଗକୁ ଠିକ୍ ଢଙ୍ଗରେ ପରିଚାଳନା କରିବା ସହ ଅନେକ ଭଲ କ୍ୟାଡେଟ୍ ସୃଷ୍ଟି କରିବାରେ ତାଙ୍କର ଭୂମିକା ଅତୁଳନୀୟ। ସପ୍ତମ ବାଟାଲିୟନର ଦାୟିତ୍ୱରେ ଥିବା ମେଜର ତାହିର ଉଭୟ ପ୍ରଥମ ଏବଂ ସପ୍ତମ ବାଟାଲିୟନକୁ ନିୟନ୍ତ୍ରଣ କରୁଥିଲେ। ୧୯୮୧ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକ କରିବା ପରେ ରାୟପୁରରୁ ସ୍ନାତକୋତ୍ତର ଏବଂ ୧୯୮୯ରେ ନାଗପୁରରୁ ଏମ୍‌ଫିଲ୍ ଓ ୧୯୯୭ରେ ପିଏଚଡି ଲାଭ କରିଥିଲେ। ସେଥିପାଇଁ ଶୁକ୍ରବାର ସକାଳ ୯ଟା ମେଜର ଡ. ତାହିର ଅବସର ଗ୍ରହଣ କରୁଥିବା ଅଧ୍ୟକ୍ଷ ରାଉତଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ମେଜର ତାହିର ଓଡ଼ିଶା କମର୍ସ ଆସୋସିଏଶନ (ଓସିଏ)ର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିବାବେଳେ ତାଙ୍କର ଭଲ କାର୍ଯ୍ୟ ଯୋଗୁଁ ତାଙ୍କୁ ବ୍ୟାସଗୌରବ, ସ୍ୱତନ୍ତ୍ର ବ୍ୟାସସମ୍ମାନ, ଆଦର୍ଶ ଗୁରୁ ସମ୍ମାନ ଏବଂ ବିଶେଷ କରି ନୂଆଦିଲ୍ଲୀ ଏନସିସି ନିର୍ଦ୍ଦେଶକଙ୍କଠାରୁ ଶ୍ରେଷ୍ଠ ଏନସିସି ଅଫିସର ଭାବେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟଭାର ଗ୍ରହଣ କରିବା ପରେ ଡ଼. ତାହିରଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଆସିବାରେ ଲାଗିଛି।

# ୮୮ କେ.ଜି. ଗଞ୍ଜେଇ ଜବତ, ମହିଳା କୋର୍ଟଚାଲାଣ



ଯାଜପୁରରୋଡ / କୋରେଇ, ୩୧।୫(ନି.ପ୍ର./ସ୍ୱ.ପ୍ର.) ଡୋଳିପୁର ଅବକାରୀ ବିଭାଗ ଶୁକ୍ରବାର ସକାଳେ ପାଣିକୋଇଲି ଥାନା ଅନ୍ତର୍ଗତ ସୋଲପଟା ଗ୍ରାମରେ ଚଢ଼ାଉ କରି ୮୮ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପ୍ରକାଶ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ସୋଲପଟା ଗ୍ରାମର ରଞ୍ଜନ ମଳିକ (୪୧) ଫେରାର ହୋଇଯାଇଥିବାବେଳେ ତାଙ୍କ ସ୍ତ୍ରୀ ମିନତୀ (୩୮)ଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ. ୨୯/୧୯) ରୁଜୁ ହୋଇଛି।

ପାଣିକୋଇଲି ଦେଇ ଦୈନିକ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚୋରାଚାଲାଣ ହେଉଥିବା ଡୋଳିପୁର ଅବକାରୀ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଖବର ମିଳିଥିଲା। ଫଳରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ର୍ୟାକେଟ୍‌କୁ ଧରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଜାଲ ବିଛାଯାଇଥିଲା। ଗୁରୁବାର ରାତିରେ ରଞ୍ଜନ ବାହାର ରାଜ୍ୟ ତଥା ଓଡ଼ିଶାର ବିଭିନ୍ନ ଜିଲାକୁ ଗଞ୍ଜେଇ ଚାଲାଣ କରିବା ପାଇଁ ସମ୍ବଲପୁର ଓ ଫୁଲବାଣୀ ଅଞ୍ଚଳରୁ ୨ ବସ୍ତା (୮୮ କେଜି) ଗଞ୍ଜେଇ ଆଣି ନିଜ ଘରେ ମହଜୁଦ ରଖିଥିଲେ। ଅବକାରୀ ବିଭାଗ ଖବରପାଇ ସକାଳୁ ରଞ୍ଜନଙ୍କ ଘରେ ଚଢ଼ାଉ କରିଥଲା। ରଞ୍ଜନ ପୂର୍ବରୁ ସୂଚନା ପାଇ ଘର ପଛପଟେ ଚମ୍ପଟ ମାରିଥିବା ଜଣାପଡ଼ିଛି। ବିଭାଗୀୟ

**ମୁଖ୍ୟ ଅଭିଯୁକ୍ତ ଫେରାର**

ଅଧିକାରୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ ଯାଜପୁର ଜିଲାର ପାଣିକୋଇଲି ଅଞ୍ଚଳରେ ବହୁଦିନ ଧରି ଗଞ୍ଜେଇର ଚୋରା କାରବାର ନେଇ ଅଭିଯୋଗ ହେଉଥିଲା। ପାଣିକୋଇଲି ଟୋଲଗେଟ୍ ନିକଟ ଏହି ର୍ୟାକେଟର ମୁଖ୍ୟ ପେଣ୍ଠସ୍ଥଳୀ ହୋଇଥିବାବେଳେ ବହୁ ବଡ଼ବଡ଼ିଆ, ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟାରେ ଏହି ବେପାର ଚାଲିଥିବା ଅଭିଯୋଗ ହେଉଛି। ଗତ ଫେବୃୟାରୀରେ ମଧ୍ୟ ୩୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇ ୫ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଥିଲା। ଏନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହା ଉପରେ ରୋକ ଲଗାଯାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଶୁକ୍ରବାର ଚଢ଼ାଉରେ ଅବକାରୀ ବିଭାଗ ପକ୍ଷରୁ ଅଧିକାରୀ ମହାନ୍ତିଙ୍କ ସମେତ ଏସ୍‌ଆଇ ପ୍ରଦୋଷ କୁମାର ପରିଡ଼ା, ଶୁଭସ୍ମିତା ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, କ୍ଷୀରୋଦ କୁମାର ସାହୁ, ଯଯାତି କେଶରୀ ପଣ୍ଡା, ସରୋଜ କୁମାର ବେହେରା ପ୍ରମୁଖ ସାମିଲ ଥିଲେ।

### ରାଁସୋଳ ପଞ୍ଚାୟତରେ ନିର୍ମିତ ରାସ୍ତା

# ଦେଢମାସ ନ ପୂରୁଣୁ ଉଠିଲା ପିଚୁ

କାଳିଆପାଣି,୩୧।୫(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତରେ ଡିଏମ୍‌ଏଫ ପାଣ୍ଠି ବିନିଯୋଗରେ ନିର୍ମିତ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଦେଢମାସ ନ ପୂରଣୁ ରାସ୍ତାରୁ ପିଚୁ ଉଠିଯାଇଛି। ଫଳରେ ରାସ୍ତାରେ ଯାତାୟାତ ସମୟରେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିମ୍ନମାନର କାମନେଇ ଗ୍ରାମବାସୀ ପ୍ରଥମରୁ ବିରୋଧ କରିଥିଲେ। ଏପରିକି ସରପଞ୍ଚ ନିଜେ ମଧ୍ୟ ଠିକାଦାରଙ୍କୁ ଦାଗିଦ୍ କରିଥିଲେ। କିନ୍ତୁ ଠିକାଦାର ଏହାକୁ ବେଖାତିର କରି ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇଛି। କାମସ୍ଥଳରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁ ଥିବାରୁ ଠିକାଦାର ମନଇଚ୍ଛା କାମ କରିଥିବା ଗ୍ରାମବାସୀ କହିଛନ୍ତି।

ରାଁସୋଳ ପଞ୍ଚାୟତର କଲରଙ୍ଗିଅତା ଡାବାଛକଠାରୁ ଦେହୁରୀସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଯାଜପୁର ଆର୍‌ଡି ବିଭାଗ ଅଧୀନରେ ସମ୍ପୃକ୍ତ ରାସ୍ତା କାର୍ଯ୍ୟ ଠିକାଦାର ଫେବୃଆରୀରୁ ଆରମ୍ଭ କରି ମାର୍ଚ୍ଚରେ ଶେଷ କରିଥିଲେ। ଆରମ୍ଭରୁ ଠିକାଦାର ବିନା ସୂଚନା ଫଳକରେ କାମ କରିବା ନେଇ ଗ୍ରାମବାସୀ ବିରୋଧ କରିଥିଲେ। ରାସ୍ତା କାମରେ ଅନିୟମିତତା ନେଇ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ମହାନ୍ତି ମଧ୍ୟ କାର୍ଯ୍ୟକୁ ବନ୍ଦ କରି କାର୍ଯ୍ୟାଦେଶ ଅନୁସାରେ କାମ କରିବାକୁ ଠିକାଦାରଙ୍କୁ ତାଗିଦ୍ କରିଥିଲେ। ପରେ ଠିକାଦାର ସରପଞ୍ଚଙ୍କ ସହ ଆଲୋଚନା କରି ଯେନତେନ କାମ ଶେଷ କରିଥିଲା। ଏବେ ଦେଢମାସ ନ ପୂରୁଣ କଂକ୍ରିଟ ଭାଙ୍ଗି ଚିପ୍ସ ଉଠିଯାଇଛି। ବିଭାଗୀୟ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଅଭିଯୋଗ କରିବା ପରେ ମାତ୍ର କିଛି ସ୍ଥାନରେ କଂକ୍ରିଟ ପେଷ୍ଟ କରାଯାଇଥିଲା। ଯାହା ଏବେ ଉଠିଯିବାରୁ ପୁରା -ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଛି। ଫଳରେ ପ୍ରତିଦିନ ଦୁର୍ଘଟଣା ବଢିବାରେ ଲାଗିଛି। ଘଟଣା ବାବଦରେ ବିଧାୟକଙ୍କୁ ଗ୍ରାମବାସୀ ଅବଗତ କରିଥିବା କହିଛନ୍ତି। ଏ ନେଇ କନିଷ୍ଠଯନ୍ତ୍ରୀ ରାଧାରମଣ ବାରିକଙ୍କୁ ପଚାରିବାରୁ ରାସ୍ତାକାମ ଠିକ ହୋଇଥିବା କହିଛନ୍ତି। ଏସ୍‌ଡିଓ ଭେଙ୍କଟରମଣ ମୁଦୁଲିଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ନିମ୍ନାମନର ରାସ୍ତା କାମରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



- ୪୦ ଲକ୍ଷଟଙ୍କା ବ୍ୟୟଅଟକଳରେ ରାସ୍ତାକାମ କରାଯାଇଛି
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ

# ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ

କୋରେଇ,୩୧।୫(ସ୍ୱ.ପ୍ର.)

୧୦ ଜିଲାରେ ବ୍ୟକ୍ତିଗତ ଜାଗାରେ ବିଭିନ୍ନ କମ୍ପାନୀର ମୋବାଇଲ ଟାୱାର ବସାଇବା ଓ ସେଠାରେ ଜାଗା ମାଲିକଙ୍କୁ ନିଯୁକ୍ତି ଦେବା ଆଳରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଶୁକ୍ରବାର ପାଣିକୋଇଲି ପୋଲିସ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ୨ଟି ମାମଲା (ନଂ. ୯୯/୧୯,୧୦୦/୧୯) ରୁଜୁ ହୋଇଛି। ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲା ଯଶୋବନ୍ତପୁର ସ୍ନେହାଶିଷ ରାୟ ଓରଫ ପପୁ। ଅଭିଯୁକ୍ତ ସ୍ନେହାଶିଷ ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ ଆଦି ୧୦ଟି ଜିଲାରେ ଅଫିସ ଖୋଲି ଠକେଇ କରିଛନ୍ତି। ଏଥିସହ କୋରେଇ ଥାନାରେ ୧୧୫/୧୮, କୁଆଖିଆ ଥାନାରେ ୧୫୨/୧୯ ଓ ଯାଜପୁର ଥାନାରେ ୧୪୦/୧୮ରେ ତାଙ୍କ ନାଁରେ ମାମଲା ଥିବା ସୂଚନା ମିଳିଛି। ଏ ନେଇ ଶୁକ୍ରବାର ଥାନା ପରିସରରେ ଖବରଦାତା ସମ୍ମିଳନୀରେ ଏସଡିପିଓ କେଦାରନାଥ ସାହୁ, ଥାନାଧିକାରୀ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ସମ୍ମୁଖ ପଣ୍ଡା ବିଲ୍ଡିଂରେ ଶ୍ରୀ ସାଇ ଟେଲି ସର୍ଭିସ ନାମକ ଏକ ସଂସ୍ଥା ୨୦୧୭ରୁ ଖୋଲି ୨୦୧୮ ଜୁନ ପର୍ଯ୍ୟନ୍ତ ଅଫିସ ଖୋଲିଥିଲେ। ସେଠାରେ ୨୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମଚାରୀ ରଖି ବିଭିନ୍ନ ମୋବାଇଲ କମ୍ପାନୀର ଟାୱାର ବେସରକାରୀ ସ୍ଥାନରେ ବସାଇବାକୁ କହୁଥିଲେ। ଏହି ପ୍ରଚାର ପାଇଁ ଏଜେଣ୍ଟ ମଧ୍ୟ ନିଯୁକ୍ତ କରିଥିଲେ। ସେମାନେ ଖବର ଦେବା ପରେ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ସେମାନଙ୍କ ସହ ଏଗ୍ରିମେଣ୍ଟ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୨୦ରୁ ୩୦ ହଜାର ଟଙ୍କା ଅଗ୍ରୀମ ଆଦାୟ କରୁଥିଲେ। ଫଳରେ ସାଧାରଣ ଲୋକେ ବିଶ୍ୱାସ କରିବା ପରେ ସେମାନଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ରାତାରାତି ଅଫିସ ଭାଙ୍ଗି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଜଣଇବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଚଢ଼ାଉରେ ଥାନାଧିକାରୀ ଜେନାଙ୍କ ସମେତ ସୁଶାନ୍ତ କୁମାର ଦାଶ ଓ ସୀତାରାମ ବେହେରା ସାମିଲ ହୋଇଥିଲେ।

## ସଂକ୍ଷେପରେ



### ସନ୍ଥ ରାମଲକ୍ଷ୍ମଣ ଦାସଙ୍କ ୮୯ତମ ଜନ୍ମ ଉତ୍ସବ

**ଖଣ୍ଡପଡ଼ା,୩୧।୫(ସ୍ୱ.ପ୍ର.)-** ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତର ଗୋକୁଳାନନ୍ଦ ଜୀଉ ମନ୍ଦିର ପ୍ରତିଷ୍ଠାତା ସନ୍ଥ ରାମଲକ୍ଷ୍ମଣ ଦାସଙ୍କ ୮୯ତମ ଜନ୍ମୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ମନ୍ଦିର ପରିଚାଳକ ଗଙ୍ଗାଧର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିସରରେ ଥିବା ସନ୍ଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଞ୍ଚଉପଚାର ସହ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । କଟକ ଜିଲାର ସନ୍ଥ ରାମଲକ୍ଷ୍ମଣ ଦାସଙ୍କ ୫୦ରୁ ଊର୍ଦ୍ଧ୍ୱ ଶିଷ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁପୂଜନ କରିଥିଲେ। ପରେ ସମାଧି ପୀଠରେ ସମୂହ ପ୍ରାର୍ଥନା ଓ ନାମ ସଂକୀର୍ତ୍ତନ କରାଯାଇଥିଲା । ସିଧାମୂଳା ଜଗନ୍ନାଥ ମନ୍ଦିରରେ ରାମଲକ୍ଷ୍ମଣ ମହିଳା ମଣ୍ଡଳ ପକ୍ଷରୁ ସନ୍ଥ ରାମଲକ୍ଷ୍ମଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ୧୯୩୦ ମସିହାରେ ଜନ୍ମଗ୍ରହଣ କରିଥିବା ସନ୍ଥ ଦାସ ଜଣେ କର୍ମବୀର ଥିଲେ । ସେ ତାଙ୍କ ଜୀବିତାବସ୍ଥାରେ ଦେଶର ବିଭିନ୍ନ ସ୍ଥାନରେ ଶତାଧିକ ମଠ, ମନ୍ଦିର ପ୍ରତିଷ୍ଠା କରିଥିଲେ। ସିଦ୍ଧି ଲାଭ କରିବା ପରେ ପାଟଣାର ଏକ ମଠର ମହନ୍ତ ଦାୟିତ୍ୱ ତୁଲାଇଥିଲେ । ପରେ ସେ ଏହି ଦାୟିତ୍ୱ ଛାଡି ଅବିଭକ୍ତ ପୁରୀ, କଟକ, ଫୁଲବାଣୀ ଆଦି ଅଞ୍ଚଳରେ ମନ୍ଦିର ନିର୍ମାଣରେ ନିୟୋଜିତ ରହିଥିଲେ।

### ଯୋଗ ଦ୍ୱାରା ଆଧାତ୍ମିକ ଉନ୍ନତି ସମ୍ଭବ



**ଖଣ୍ଡପଡା,୩୧।୫(ସ୍ୱ.ପ୍ର.)-** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତର ଜଗନ୍ନାଥ ମନ୍ଦିର ପରିସରରେ ୫ଦିନିଆ ପତଞ୍ଜଳି ଯୋଗ ଶିବିର ଚାଲୁରହିଛି। ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗ ଅନୁଷ୍ଠାନର ଓଡିଶା ଦାୟିତ୍ୱରେ ଥିବା ସୌଖିନ ଝାଖଡ ଏଠାକୁ ପରିଦର୍ଶନରେ ଆସି ଶିବିରାର୍ଥୀମାନଙ୍କୁ ଯୋଗର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ତଥା ପତଞ୍ଜଳି ଯୋଗ ଅନୁଷ୍ଠାନ ପକ୍ଷର ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉପସ୍ଥିତ ଥିବା ଶିବିରାର୍ଥୀମାନଙ୍କୁ ଝାଖଡ ବିଭିନ୍ନ ଉଦାହରଣ ଦେଇ ଯୋଗର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଆଜିର ସମାଜରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଭାବେ ଜୀବନ ଅତିବାହିତ କରିବାକୁ ହେଲେ ପ୍ରତ୍ୟହ ଯୋଗ କରିବା ନିହାତି ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଜଣେ ବ୍ୟକ୍ତି ଅଧ ଘଣ୍ଟାରୁ ୪୫ ମିନିଟ ପର୍ଯ୍ୟନ୍ତ ଯୋଗ କଲେ ଆରୋଗ୍ୟ ହୋଇପାରିବ ବୋଲି ପ୍ରଶିକ୍ଷକ ଶ୍ରୀ ରଣସିଂ ମତ ପ୍ରକାଶ କରିଥିଲେ । ଯୋଗ ଦ୍ୱାରା କିପରି ରୋଗ ନିରାକରଣ, ମାନସିକ ଶାନ୍ତି, ଆତ୍ମବିଶ୍ୱାସ, ବୌଦ୍ଧିକ ଚେତନା ଓ ଆଧାତ୍ମିକ ଉନ୍ନତି ହୋଇଥାଏ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ।

### ହାଇସ୍କୁଲ ପ୍ରତିଷ୍ଠାତା ସଦସ୍ୟ ଶିକ୍ଷକଙ୍କ ଅବସର

**ଓଡ଼ଗାଁ, ୩୧।୫(ସ୍ୱ.ପ୍ର.)-** ନୟାଗଡ ଜିଲା ନୂଆଗାଁ ବ୍ଲକ ଅଧୀନ ବେରୁଆଁବାରୀ ପଞ୍ଚାୟତ ବିଦ୍ୟାପୀଠର ପ୍ରତିଷ୍ଠାତା ଶିକ୍ଷକ ପୀତାମ୍ବର ଦଳବେହେରା ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି । ସେ ୧୯୮୩ ମସିହାରେ ସ୍କୁଲ ପ୍ରତିଷ୍ଠା ହେବାଠାରୁ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଏକାଧାରାରେ ଜଣେ ଗଠନ ମୂଳକ ଶିକ୍ଷକ ଭାବେ ବେଶ ପରିଚିତ ଥିବା ବେଳେ ଛାତ୍ର ବତ୍ସଳ ଏବଂ ଆଧାତ୍ମିକ ଶିକ୍ଷକ ଥିଲେ । ଏହି ଅବସରରେ ସ୍କୁଲର ବରିଷ୍ଠ ସଂସ୍କୃତ ଶିକ୍ଷକ ସତ୍ୟନାରାୟଣ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସଭାରେ ମହୀପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦ ମୁଖ୍ୟ ଅତିଥି, ବରିଷ୍ଠ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

■ ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀମୃତ୍ୟୁ ଘଟଣା

# ନିଲମ୍ବିତ ହେଲେ ଫରେଷ୍ଟର, ଫରେଷ୍ଟଗାର୍ଡ

**ନୟାଗଡ଼ ଅଫିସ,୩୧।୫**

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀମୃତ୍ୟୁ ଘଟଣାରେ ଦୁଇଜଣ ବନବିଭାଗ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ପଞ୍ଚରିଡ଼ା ଫରେଷ୍ଟର କୈଳାସ ପ୍ରଧାନ ଓ ଗୋଛା ବିଟ୍ ହାଉସର ଫରେଷ୍ଟଗାର୍ଡ ବିଶ୍ୱଜିତ ସାମନ୍ତରାୟ। ବିଶ୍ୱଜିତ କୁତୁରୀ ବିଟ୍ ହାଉସର ଫରେଷ୍ଟ ଗାର୍ଡ ଥିବା ବେଳେ ଗୋଛାରେ ଅତିରିକ୍ତ ଦାୟିତ୍ୱରେ ଥିଲେ। ଉଭୟଙ୍କୁ ନିଲମ୍ବିତ କରାଯାଇଥିବା ନୟାଗଡ଼ ଏସିଏଫ ଅରବିନ୍ଦ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସୋମବାର ସନ୍ଧ୍ୟାରେ ଗୋଛା ଜଙ୍ଗଲ ଦେଇ ଯାଇଥିବା ଡୁଆଣ୍ଟ ନାଳ ନିକଟରେ ଏକ ହାତୀର ମୃତଦେହ ପଡ଼ିଥିବା ନେଇ ବନ ବିଭାଗ ସୂଚନା ପାଇଥିଲା। ମଙ୍ଗଳବାର ହାତୀର ଗଳିତ ମୃତଦେହକୁ ଉଦ୍ଧାର କରାଯିବା ସହିତ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ମୃତ ହାତୀର ବୟସ ୪ରୁ ୫ ବର୍ଷ। ସେ ଅଣ୍ଡିରା ହାତୀ ହୋଇଥିବା ବେଳେ ଅଂଶୁଘାତରେ ତା'ର ମୃତ୍ୟୁ ହୋଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିଛିଦିନ ତଳେ ଦଶପଲ୍ଲା ଜଙ୍ଗଲରୁ ୭ ଟିକିଆ ହାତୀପଲ ଆସି ଗୋଛା ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଥିଲେ। ସେଥିରୁ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା। ମୃତ ହାତୀଟି ଦନ୍ତା ହୋଇଥିବା ବେଳେ ତା'ର ବାମ ଦାନ୍ତ ନ ଥିଲା। କେହି ତାକୁ ଶିକାର କରି ବାମ ଦାନ୍ତଟିକୁ ନେଇ ଯାଇଥିବା ଆଲୋଚନା ହେଉଥିଲା। ବ୍ୟବଚ୍ଛେଦ ରିପୋର୍ଟ ବର୍ତ୍ତମାନ ସୁଦ୍ଧା ଆସି ନ ଥିବା ପଞ୍ଚରିଡ଼ା ରେଞ୍ଜର ଧନେଶ୍ୱର ରଥ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଥିଲେ।



ନୟାଗଡ଼ର ଏକ ଜଙ୍ଗଲରେ କାମ୍ପା ଯୋଜନାରେ ଖୋଳା ହୋଇଥିବା ପୋଖରୀ।



ମୃତ ହାତୀକୁ ନେଇ ବନବଭାଗ ପକ୍ଷରୁ ତଦନ୍ତ କରାଯାଉଛି (ଫାଇଲ୍ ଫଟୋ)

## ଚଟୁ ନିରାମିଷ ବେଣ୍ଟ ଆମିଷ

୨୦୧୫ ମସିହାରେ ଦଶପଲ୍ଲା ବନାଞ୍ଚଳ ଚଢ଼େୟାପଲ୍ଲୀ ଜଙ୍ଗଲରେ ଏକ ହାତୀମୃତ୍ୟୁ ଘଟଣାରେ ୫ ଜଣ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। କୌଣସି ଅଘଟଣ ଘଟିଲେ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରିବାରେ ବିଭାଗ ସୀମିତ ରହୁଛି। ବିଭିନ୍ନ ସମୟରେ ତଳସ୍ତରୀୟ କର୍ମଚାରୀଙ୍କ ମୁଣ୍ଡ ଗଡୁଥିବା ବେଳେ ଉପରିସ୍ଥ ଅଧିକାରୀମାନେ ଖସି ଯାଉଛନ୍ତି। ଏଠାରେ ଚଟୁ ନିରାମିଷ ବେଣ୍ଟ ଆମିଷ ନୀତି କରାଯାଉଛି। ଉପରିସ୍ଥ ଅଧିକାରୀଙ୍କ ଖାମଖିଆଲ୍ ନୀତି ଯୋଗୁ ଏହିଭଳି ଅଘଟଣ ଘଟୁଥିବା ନେଇ ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

## ଗଣମାଧ୍ୟମଠାରୁ ଦୂରେଇ ରହୁଛି ବନ ବିଭାଗ

ନୟାଗଡ଼ ଜିଲା ବନ ବିଭାଗ ହାତୀ ମୃତ୍ୟୁ ଘଟଣାରେ ଗଣମାଧ୍ୟମଠାରୁ ଯଥାସମ୍ଭବ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ସୋମବାର ସନ୍ଧ୍ୟାରେ ହାତୀ ମୃତ୍ୟୁ ହୋଇଥିବା ଖବର ମିଳିବା ପରେ ମଧ୍ୟ ବନବିଭାଗ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିଲା। ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ମଙ୍ଗଳବାର କେବଳ ଧରିତ୍ରୀରେ ଏ ଖବର ପ୍ରକାଶ ପାଇଥିଲା। ଫଳରେ ବନ ବିଭାଗ ଖବର ଚାପିଦେବା ପାଇଁ କରିଥିବା ଉଦ୍ୟମରେ ବିଫଳ ହୋଇଥିଲା। ମଙ୍ଗଳବାର ସକାଳେ କେତେଜଣ ଖବରଦାତା ଗୋଛା ଜଙ୍ଗଲକୁ ଯାଇଥିବା ବେଳେ ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଦେଖି ହାତୀ ମୃତ୍ୟୁ ଖବର ଲୁଚାଇବା ପାଇଁ ଜଙ୍ଗଲରେ ବାଘ ରହୁଥିବା ନେଇ ଗୁଜବ ସୃଷ୍ଟି କରିଥିଲେ। ଏଥିରେ ଭୟଭୀତ ନ ହୋଇ ଖବରଦାତାମାନେ ପ୍ରାୟ ଏକଘଣ୍ଟା ଖୋଜାଖୋଜି କରିବା ପରେ ଜଙ୍ଗଲରେ ମୃତ ହାତୀ ଦେଖିବାକୁ ପାଇଥିଲେ।

## କାମ୍ପା ଯୋଜନା ଫମ୍ପା

ଜିଲାର ଥିବା ବିଭିନ୍ନ ଜଙ୍ଗଲରେ କାମ୍ପା ଯୋଜନା ଫମ୍ପା ପାଲଟିଛି। ଜିଲାର କେଉଁ କେଉଁ ଜଙ୍ଗଲରେ କେତେ ସ୍ଥାନରେ କାମ୍ପା ଯୋଜନାରେ ପ୍ରକଳ୍ପ ତିଆରି ହୋଇଛି ସେ ନେଇ ବିଭାଗ ତରଫରୁ କୌଣସି ସୂଚନା ଦିଆଯାଉ ନାହିଁ। ଉପର ଠାଉରିଆ ଭାବେ ପ୍ରତିବର୍ଷ ୨ରୁ ୩ଟି ପୋଖରୀ ଖୋଳା ଯାଇଥିବା ନେଇ କୁହାଯାଉଛି। ଯାହାକୁ ନେଇ କାମ୍ପା ଯୋଜନା ସନ୍ଦେହ ଘେରକୁ ଆସୁଛି।

ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁଙ୍କୁ ପାଣି ଯୋଗାଇବା ପାଇଁ କାମ୍ପା ଯୋଜନାରେ ଜଙ୍ଗଲ ମଝିରେ ପୋଖରୀ ଖୋଳା ଯାଏ। ୱାଟର ହାରଭେଷ୍ଟିଙ୍ଗ ଷ୍ଟ୍ରକଚର ମାଧ୍ୟମରେ ଏହି ପୋଖରୀ ଖୋଳାଯାଇଥାଏ। ଏହାଦ୍ୱାରା ବର୍ଷା ଦିନେ ଏଥିରେ ପାଣି ଜମି ରହି ଥାଏ ଓ ଖରାଦିନେ ବନ୍ୟଜନ୍ତୁମାନେ ପାଣି ପିଇଥାନ୍ତି। ଏଥିରେ ପ୍ରଚୁର ପାଣି ରହିବା ପାଇଁ ଗଭୀର ଭାବେ ଖୋଳାଯାଇଥାଏ। ଏ ନେଇ ପଞ୍ଚରିଡ଼ା ରେଞ୍ଜର ଧନେଶ୍ୱର ରଥ କୁହନ୍ତି, ଗୋଛା ଜଙ୍ଗଲରେ ୩ରୁ ୪ ସ୍ଥାନରେ ପୋଖରୀ ଖୋଳା ଯାଇଛି। ପୋଖରୀ ହୋଇଥିବା ସତ୍ତ୍ୱେ ହାତୀ ନାଳକୁ ପାଣି ପିଇବାକୁ ଆସିବାବେଳେ ଅଂଶୁଘାତରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ବାସ୍ତବରେ ବିଭିନ୍ନ ଜଙ୍ଗଲରେ ପୋଖରୀ ଖୋଳାଯାଉଛି ନା ପୂର୍ବରୁ ଥିବା ପୋଖରୀକୁ ପୁନର୍ବାର ଦେଖାଇ ବିଲ୍ କରାଯାଉଛି ତାହା ତଦନ୍ତ ସାପେକ୍ଷ। ଏ ନେଇ ବିନ ବିଭାଗ ଅଧିକାରୀମାନେ ବ୍ୟସ୍ତତାର ବାହାନା ଦେଖାଇ ମତାମତ ଦେବାକୁ ସିଧା ମନା କରି ଦେଇଥିଲେ।

## ଆମ୍ବଗଛରେ ପିଟିହେଲା ହାଇୱା

**ଗଣିଆ,୩୧।୫(ଡି.ଏନ.ଏ.)**

ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥର ଗଣିଆ ଥାନା କରଡାପଡ଼ା ଗ୍ରାମ ନିକଟରେ ଥିବା ଆମ୍ବଗଛରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ି ଡ୍ରାଇଭର ଓ ହେଲ୍‌ପର ଆହତ ହୋଇ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ହେଲେ ଶୁକ୍ରବାର ଭୋର ୩ଟା ସମୟରେ ସେମାନେ ସ୍ୱାସ୍ଥ୍ୟକେନ୍ଦ୍ରରୁ କୌଶଳକ୍ରମେ ଫେରାର ହୋଇଯାଇଛନ୍ତି। ଏ ନେଇ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ଘଟଣାସ୍ଥଳରେ ପୋଲିସ ଉପସ୍ଥିତ ରହିଥିବା ଜଣାପଡିଛି। ଗୁରୁବାର ରାତିରେ ଓଡି୦୨ଏକ୍ସ-୨୭୬୬ ନଂ. ବିଶିଷ୍ଟ ହାଇୱା ମହାନଦୀରୁ ବାଲି ନେବା ପାଇଁ ଦଶପଲ୍ଲାରୁ ଗଣିଆ ଅଭିମୁଖେ ଆସୁଥିଲା। ଭାରସାମ୍ୟ ହରାଇ ଗାଡ଼ିଟି ଆମ୍ବଗଛରେ ପିଟି ହୋଇଥିବା ଅନୁମାନ କରାଯାଉଛି । ଦୁର୍ଘଟଣାରେ ଗାଡିର ସମ୍ମୁଖ ଭାଗ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ କଣ୍ଟିଲୋ-ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥରେ ହାଇୱା ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଗତ ଫେବୃୟାରୀ ୮ ତାରିଖ ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଗଣିଆରୁ ଦଶପଲ୍ଲା ଯାଉଥିବାବେଳେ କାଳିକାପ୍ରସାଦ ଗ୍ରାମ ନିକଟ ଏକ ଆମ୍ବଗଛରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ଗାଡ଼ିର ବାମପାର୍ଶ୍ୱରେ ବସିଥିବା ଗାଡିମାଲିକଙ୍କ ସାନଭାଇଙ୍କ ମୃତ୍ୟୁ ଘଟିଥିଲା।

■ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ

# ତମାଖୁ ସେବନ କ୍ୟାନ୍‌ସରର ମୁଖ୍ୟ କାରଣ

**ନୟାଗଡ଼ ଅଫିସ, ୩୧।୫**

ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ପୂର୍ବାହ୍ନରେ ସିଡିଏମଓଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ତମାଖୁ ବର୍ଜନ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ତମାଖୁ ସେବନ ଦ୍ୱାରା କେଉଁ ରୋଗମାନ ହେଉଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ତମାଖୁ ସେବନ କ୍ୟାନସରର ମୁଖ୍ୟ କାରଣ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଡା.ସୁରେଶ ଚନ୍ଦ୍ର ମିଶ୍ର ଯୋଗଦେଇ ତମାଖୁ ସେବନ ଓ ଧୂମପାନ ଯୋଗୁଁ ଫୁସଫୁସର ବହୁଳ ସମସ୍ୟା ଯଥା ଫୁସଫୁସ କର୍କଟ ଠାରୁ ଆରମ୍ଭ କରି ଜଟିଳ ଶ୍ୱାସ ଜନିତ ସମସ୍ତ ପ୍ରକାର ରୋଗ ହୋଇଥାଏ ବୋଲି ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ.ପ୍ରମୋଦ କୁମାର ନାୟକ ତମାଖୁ ଜନିତ କୌଣସି ଦ୍ରବ୍ୟ ସେବନ ନ କରିବା ପାଇଁ ପରାମର୍ଶ ଦେଇଥିଲେ । ପାନ,ବିଡ଼ି, ସିଗାରେଟ୍, ଗୁଟ୍‌ଖା ଆଦି ତମାଖୁ ଜାତୀୟ ଦ୍ରବ୍ୟ ସେବନ ଦ୍ୱାରା ଅଳ୍ପ ବୟସରେ ବହୁ ଲୋକ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି ବୋଲି ସେ କବିତା ମାଧ୍ୟମରେ ସୂଚନା ଦେଇଥିଲେ। ପଠାଣି ସାମନ୍ତ ନର୍ସିଂ ସ୍କୁଲର ଛାତ୍ରୀମାନେ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ନାଟକ ପରିବେଷଣ କରି ସଚେତନତା ସୃଷ୍ଟି କରିଥିଲେ । ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଉପଲକ୍ଷେ ତମାଖୁ ସେବନ ଠାରୁ ଦୂରେଇ ରହିବା ନିମନ୍ତେ ସମସ୍ତେ ଦସ୍ତଖତ କରିଥିଲେ । ସେହିପରି ଯୋଗ ଦେଇଥିବା ବ୍ୟକ୍ତି ଓ ଛାତ୍ରୀମାନଙ୍କୁ ତମାଖୁଠାରୁ ଦୂରେଇ ରହିବା ନିମନ୍ତେ ଅତିଥିମାନେ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଉପସ୍ଥିତ ଥିଲେ।




ଅତିଥିମାନେ ତମାଖୁଠାରୁ ଦୁରେଇ ରହିବା ପାଇ ଶପଥ ପାଠ କରାଉଛନ୍ତି।

## ବାତ୍ୟା ଫନୀ ସମ୍ପର୍କରେ ସ୍ୱତନ୍ତ୍ର ଡିସିସି ବୈଠକ




ବୈଠକରେ ଜିଲାପାଳ ବାର୍ଷିକ କ୍ରେଡିଟ୍ ପ୍ଲାନ ବୁକଲେଟ୍ ଉନ୍ମୋଚନ କରୁଛନ୍ତି।

**ନୟାଗଡ଼ ଅଫିସ, ୩୧।୫**

ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ଅଧକ୍ଷତାରେ ଗୁରୁବାର ସ୍ୱତନ୍ତ୍ର ଡି.ସି.ସି. ବୈଠକ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ନାୟକ ସର୍ବପ୍ରଥମେ ୨୦୧୯-୨୦ ବର୍ଷ ପାଇଁ ଆନୁଆଲ କ୍ରେଡିଟ୍ ପ୍ଲାନ ବୁକଲେଟ୍ ଉନ୍ମୋଚନ କରିଥିଲେ । ଏହା ପରେ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନେ ଯେଉଁ ବ୍ୟାଙ୍କରୁ ଋଣ ନେଇଥିଲେ ସେମାନଙ୍କୁ କିପରି ବ୍ୟାଙ୍କିଙ୍ଗ୍ ଚ୍ୟାନେଲରୁ ସାହାଯ୍ୟ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଗାଇଡ୍ ଲାଇନ୍ ପାଳନ କରିବା ସହିତ ହିତାଧିକାରୀଙ୍କୁ କି ପ୍ରକାର ସାହାଯ୍ୟ କରାଯାଇପାରିବ ସେ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ଜିଲାପାଳ ନାୟକ ସମସ୍ତ ବ୍ୟାଙ୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଋଣଗ୍ରହୀତାମାନେ ନିକଟସ୍ଥ ବ୍ୟାଙ୍କରେ ସମ୍ପର୍କ କରି ରିଲିଫ୍ ସମ୍ବନ୍ଧୀୟ ସାହାଯ୍ୟ ସହଯୋଗର ସମସ୍ତ ତଥ୍ୟ ସଂଗ୍ରହ କରିପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ନୟାଗଡ଼ ଜିଲାର ଅଗ୍ରଣୀ ବ୍ୟାଙ୍କ ଅଧିକାରୀ, ଡି.ଡି.ଏମ. ନାବାର୍ଡ, ଜିଲା ସମବାୟ ବ୍ୟାଙ୍କର ଅଧିକାରୀ , ଜିଲାର ସମସ୍ତ ବ୍ୟାଙ୍କ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଆମ ପୋଲିସ କାର୍ଯ୍ୟକ୍ରମ

**ବାଲୁଗାଁ,୩୧।୫(ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ବାଲୁଗାଁ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରମାକାନ୍ତ ମହାଲିକ୍‌ଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲୁଗାଁ ଏନ୍ଏସି ଓ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ବିଶେଷ କରି ବାଲୁଗାଁର ମୁଖ୍ୟ ଟ୍ରାଫିକ ସମେତ ଆଇନଶୃଙ୍ଖଳା ରକ୍ଷା ଦିଗରେ ସମସ୍ତେ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ ।

## ଅଗ୍ନିକାଣ୍ଡ: ଜଳିଗଲା ୬ ବଖରା

### ବିପନ୍ନଙ୍କୁ ମିଳିଲା ପଲିଥିନ

**ଓଡ଼ଗାଁ,୩୧।୫(ସ୍ୱ.ପ୍ର.)**

ଓଡ଼ଗାଁ ତହସିଲ ଅନ୍ତର୍ଗତ ସାକେରୀ ସଦର ଗ୍ରାମ ପଞ୍ଚାୟତସ୍ଥ ନୂଆସାହିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୬ ବଖରା ଜଳିଯାଇଛି । ରଘୁନାଥ ନାୟକ, ବସନ୍ତ ପ୍ରଧାନ, ଅନ୍ତର୍ଯାମୀ ପ୍ରଧାନ ଓ ମଙ୍ଗୁଳି ପ୍ରଧାନଙ୍କ ବଖରାଏ ଲେଖାଏ ଓ ଶ୍ୟାମ ସୁନ୍ଦର ପ୍ରଧାନଙ୍କ ୨ ବଖରା ପୋଡ଼ିଯିବା ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିଯାଇଛି। ଖବର ପାଇ ଓଡ଼ଗାଁ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ରୋଷେଇଘର ଚୁଲିରୁ ନିଆଁ ଝୁଲ ଉଠି ଚାଳରେ ଲାଗିବାରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଧାନ, ଚାଉଳ, ଲୁଗାପଟା ଓ ନଗଦ ଟଙ୍କା ପୋଡ଼ିଯାଇଥିବାରୁ ବିପନ୍ନମାନେ ଚିନ୍ତିତ ଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ପରିବାରକୁ ରାଜସ୍ୱ ବିଭାଗ ତରଫରୁ ପଲିଥିନ ପ୍ରଦାନ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଅନୁସାରେ ଜିଲା କାର୍ଯ୍ୟାଳୟର ଅନୁମୋଦନ ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି । ବର୍ତ୍ତମାନ ବିପନ୍ନଙ୍କୁ ଶୁଖିଲା କିମ୍ବା ରନ୍ଧାଖାଦ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାରେ ୩ ଗୁରୁତର

**ଓଡ଼ଗାଁ,୩୧।୫(ସ୍ୱ.ପ୍ର.)**

ଓଡ଼ଗାଁ-ବାହାଡାଝୋଲା ରାସ୍ତାର ମଶାବାରୀ ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ୩ ଜଣ ଯୁବକ ଏବଂ ୨ ଜଣ ଯୁବତୀ ଆହତ ହୋଇଛନ୍ତି। ରୋହିବାଙ୍କ ବାଘୁଆ ଛକର ଭୀମସେନ ଆଲଟିଆ, ନାରାୟଣ ଆଲଟିଆ ଏବଂ ମହିପୁର ପୋକସୁଙ୍ଗା ଗ୍ରାମର ଶିବମ୍‌ଗୁରୁତର ହୋଇଛନ୍ତି । ଆହତ ୨ ଯୁବତୀ ହେଲେ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ କାପ୍ତାପଲ୍ଲୀ ଗ୍ରାମର ପ୍ରଭାତୀ ବେହେରା ଓ ନମିତା ପ୍ରଧାନ । ଗୁରୁତର ଯୁବକଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ ମେଡ଼ିକାଲ ପଠାଇ ଦିଆଯାଇଛି । ଗୋଟିଏ ବାଇକ୍ ଅନ୍ୟ ବାଇକ୍‌କୁ ଅତିକ୍ରମ କଲାବେଳେ ପରସ୍ପର ମଧ୍ୟରେ ଧକ୍କା ଯୋଗୁ ଦୁର୍ଘଟଣା ଘଟିଥିଲା। ଘଟଣାରୁ ଜଣାଯାଏ, କାପ୍ତାପଲ୍ଲୀରୁ ଶିବମ୍‌ଙ୍କ ବାଇକ୍‌ରେ ପ୍ରଭାତୀ ଏବଂ ନମିତା କୋମଣ୍ଡରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ। ଏ ସମୟରେ ବାହାଡ଼ାଝୋଲା ପଟୁ ଭୀମସେନ ଓ ନାରାୟଣ ଅନ୍ୟ ଏକ ବାଇକ୍‌ରେ ଆସି ମଶାବାରୀ ଛକ ନିକଟରେ ଶିବମ୍‌ଙ୍କ ବାଇକ୍‌କୁ ଅତିକ୍ରମ କଲାବେଳେ ଦୁର୍ଘଟଣା ଘଟିଥିଲା ।

■ ପାଣି ପାଇଁ ଜନବସତି ମୁହାଁ ବନ୍ୟଜନ୍ତୁ

# ଗ୍ରାମବାସୀଙ୍କ ଦ୍ୱାରା କୁଟୁରା ଶାବକ ଉଦ୍ଧାର



ଉଦ୍ଧାର ହୋଇଥିବା କୁଟୁରା ଶାବକ।

**ଗଣିଆ, ୩୧।୫(ଡି.ଏନ.ଏ.)**

ସମ୍ପ୍ରତି ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରିସ୍ଥଳେ ପିଇବା ପାଣି ଅନେକ ସ୍ଥାନରେ ସମସ୍ୟା ସୃଷ୍ଟି କରିଛି। ଏଥିଯୋଗୁ ମଣିଷଙ୍କଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀ ଓ ବନ୍ୟଜନ୍ତୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାଗଡ଼ ଜିଲା ଗଣିଆ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ବନ୍ୟଜନ୍ତୁମାନେ ପିଇବା ପାଣି ପାଇଁ ଜନବସତି ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ସେମାନେ ବୁଲାକୁକୁର ଓ ଶିକାରୀମାନଙ୍କ ହାବୁଡରେ ପଡି ମୃତ୍ୟୁମୁଖରେ ପଡୁଛନ୍ତି। କେତେକ ସ୍ଥାନରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରି ବନବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରୁଛନ୍ତି। ଶୁକ୍ରବାର ସକାଳୁ ଗଣିଆ ବନାଞ୍ଚଳର ସିଲିଗାଡି ଗ୍ରାମବାସୀ ଏକ କୁଟୁରା ଶାବକ ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, କୁଟୁରା ଶାବକଟି ଗୁରୁବାର ରାତିରେ ପାଣି ପିଇବା ପାଇଁ ସିଲିଗାଡି ଗ୍ରାମ ନିକଟକୁ ଚାଲିଆସିଥିଲା। କିନ୍ତୁ ପରେ ଜଙ୍ଗଲକୁ ଫେରି ନ ପାରି ଗ୍ରାମବାସୀଙ୍କ ହାବୁଡରେ ପଡିଥିଲା। ଗାଁ ଲୋକଙ୍କଠାରୁ ଖବରପାଇ ବନାଞ୍ଚଳ ଅଧିକାରୀଙ୍କ ସମେତ ଫରେଷ୍ଟର ଅଶୋକ କୁମାର ସାହୁ ଓ ଫରେଷ୍ଟଗାର୍ଡ ଦୁଃଖିଶ୍ୟାମ ପ୍ରଧାନ ପହଞ୍ଚି କୁଟୁରାଟିକୁ ଗଣିଆ ଆଣିଥିଲେ। ଗଣିଆ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଶାବକଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବଙ୍କାମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ଛାଡିଦିଆଯାଇଥିଲା।

■ ଦୁବାଇରେ ନୟାଗଡ଼ର ୨ ଶ୍ରମିକ ଫସିବା ଘଟଣା

# ଗ୍ରାମରେ ପହଞ୍ଚିଲା ଜିଲା ଶ୍ରମ କାର୍ଯ୍ୟାଳୟର ୨ ଜଣିଆ ଟିମ୍

**ନୟାଗଡ଼ ଅଫିସ, ୩୧।୫**

ଦୁବାଇରେ କାମ କରିବାକୁ ଯାଇଥିବା ୧୦ ଜଣ ଓଡ଼ିଆ ଶ୍ରମିକ ନିର୍ଯାତନାର ଶୀକାର ହେଉଥିବା ଓ ସେମାନଙ୍କ ମଧ୍ୟରେ ୨ଜଣ ନୟାଗଡ ଅଞ୍ଚଳର ଥିବା ଭାଇରାଲ ହୋଇଥିବା ଭିଡିଓରୁ ଜଣାପଡିଛି। ଏ ନେଇ ଶୁକ୍ରବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ଜିଲା ଶ୍ରମ କାର୍ଯ୍ୟାଳୟର ୨ଜଣିଆ ଟିମ୍ ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଅନ୍ତର୍ଗତ କୁରୁଡ଼ଙ୍ଗ ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ସହକାରୀ ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା ଓ ଗ୍ରାମାଞ୍ଚଳ ଶ୍ରମ ନିରୀକ୍ଷକ ଏ କ୍ୟୁ ଖାନ୍ କୁରୁଡଙ୍ଗ ଗ୍ରାମର ପ୍ରତାପ ମହାରଣା(୨୫) ଓ ତାଙ୍କ ଦାଦା ଗୁମାନ ମହାରଣା(୪୦)ଙ୍କ ଘରକୁ ଯାଇ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଗୁମାନଙ୍କ ଭିଜା ଓ ପାର୍ସପୋଟର ଅବିକଳ ନକଲ ଥିବା ବେଳେ ପ୍ରତାପଙ୍କ ନ ଥିବା ଜଣାପଡ଼ିଛି। ସମସ୍ତ ତଥ୍ୟ ଓ ସୂଚନା ଦୁଇ ଅଧିକାରୀ ଜିଲା ଶ୍ରମ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି।



ଜିଲା ଶ୍ରମ କାର୍ଯ୍ୟାଳୟର ୨ ଜଣିଆ ଟିମ୍ ଗୁମାନଙ୍କ ପରିବାର ସହିତ ଆଲୋଚନା କରଛନ୍ତି।

ସୂଚନାଯୋଗ୍ୟ, ଗ୍ରାମରେ କିଛି କାମ ନ ଥିବାରୁ ରୋଜଗାର ଆଶାରେ ପ୍ରତାପ ଓ ଗୁମାନ ଦଲାଲ ଜରିଆରେ ୧୧ ମାସ ତଳେ ଦୁବାଇ ଯାଇଥିଲେ। ସେଠାରେ ରହି ସେଣ୍ଟ୍ରି କାମ କରୁଥିଲେ। ସେମାନଙ୍କୁ ନିର୍ଯାତନା ଦିଆଯାଉଥିବାବେଳେ ପାଖରେ ଟଙ୍କା ନଥିବାରୁ ସେମାନେ ଗ୍ରାମକୁ ଫେରି ଆସି ପାରୁ ନାହାନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା କୁହନ୍ତି ସେମାନଙ୍କୁ ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ଜଣେ ମଧ୍ୟସ୍ଥି କାମ କରିବା ପାଇଁ ଦୁବାଇକୁ ନେଇ ଯାଇଥିଲେ। ଆମେ ମଧ୍ୟସ୍ଥିଙ୍କୁ ଯୋଗଯୋଗ କରିବାରୁ ତାଙ୍କ ଫୋନ୍ ସୁଇଚ୍ ଅଫ ଦେଖାଉଛି। ଆମର ଦୁଇଜଣିଆ ଟିମ୍ ତାଙ୍କ ଘରେ ପହଞ୍ଚି ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି। ସମସ୍ତ ରିପୋର୍ଟ ଶ୍ରମ କମିଶନରଙ୍କ ନିକଟକୁ ପଠାଯିବ ବୋଲି ସେ ସୂଚନା ଦେଇଥିଲେ।

## ସଂକ୍ଷେପରେ



### ପର୍ଯ୍ୟଟନ ଡଙ୍ଗାର ସର୍ଭେ ଆରମ୍ଭ

**ପୁରୀ ଅଫିସ, ୩୧।୫:** ବାତ୍ୟାରେ ସାତପଡ଼ା ଏବଂ ରାମଚଣ୍ଡୀରେ ଥିବା ବହୁ ସଂଖ୍ୟାରେ ପର୍ଯ୍ୟଟନ ଡଙ୍ଗା କ୍ଷତିଗ୍ରସ୍ତ ହୋଇଛି। ଫଳରେ ମାଲିକମାନେ ଡଙ୍ଗା ସଜାଡିବାକୁ ସକ୍ଷମ ହେଉନାହାନ୍ତି। ତେଣୁ ବ୍ୟାଙ୍କରୁ ଋଣ ଆଣି ସେମାନେ କିପରି ଡଙ୍ଗା ମରାମତି କରିପାରିବେ ଏବଂ ଋଣ ଟଙ୍କାରୁ କିଛି ସବ୍‌ସିଡି ପାଇବେ ସେ ନେଇ ପର୍ଯ୍ୟଟନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଶୁକ୍ରବାର ବିଭାଗ ପକ୍ଷରୁ ସାତପଡ଼ାରେ କ୍ଷତିଗ୍ରସ୍ତ ଡଙ୍ଗାର ସର୍ଭେ କରାଯାଇଛି। ପ୍ରାୟ ୧୫ ଜଣ ସଦସ୍ୟ ୩ଟି ଟିମ୍‌ରେ ଏହି ସର୍ଭେ କରିଛନ୍ତି। ସେହିପରି ପରବର୍ତ୍ତୀ ସମୟରେ ରାମଚଣ୍ଡୀରେ ଥିବା ଡଙ୍ଗାର ମଧ ସର୍ଭେ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକଙ୍କୁ ଚିଲିକା ଏବଂ ରାମଚଣ୍ଡୀ ମୁହାଣରେ ବୁଲାଇବା ପାଇଁ ଏହି ଦୁଇ ଜାଗାରେ ପ୍ରାୟ ୧,୧୨୮ଟି ଡଙ୍ଗା ରହିଛି। ହେଲେ ବାତ୍ୟା ଫନୀରେ ପ୍ରାୟ ସବୁ ଡଙ୍ଗା ଅଳ୍ପବହୁତେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଡଙ୍ଗା ମାଲିକମାନଙ୍କୁ ସହଯୋଗ ଲାଗି ପର୍ଯ୍ୟଟନ ବିଭାଗ ଏହି ସର୍ଭେ ଆରମ୍ଭ କରିଛି।

### ୨୭ ଚକ ନିର୍ମାଣ ଶେଷ

**ପୁରୀ ଅଫିସ, ୩୧।୫ :** ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ତୁମ୍ବ କାମ ସରିବା ପରେ ଚକ ନିର୍ମାଣ ଚାଲିଛି। ଶୁକ୍ରବାର ସୁଦ୍ଧା ୨୭ ଚକ ନିର୍ମାଣ ଶେଷ ହୋଇଛି। ତିନିରଥ ଲାଗି ମୋଟ ୪୨ଟି ଚକ ତିଆରି ହେବ। ସେଥିମଧ୍ୟରୁ ନନ୍ଦିଘୋଷ ଲାଗି ୧୬ଟି, ତାଳଧ୍ୱଜର ୧୪ଟି ଏବଂ ଦର୍ପଦଳନ ରଥ ଲାଗି ୧୨ଟି ଚକ ତିଆରି କରାଯିବ। ଭଉଁରୀ ଦିନ ତିନି ରଥର ଦୁଇଟି ଲେଖାଏ ଚକାଡେରା ନୀତି ସମ୍ପନ୍ନ ହୋଇଛି। ଏହା ପର ଠାରୁ ଚକ ନିର୍ମାଣ କାମ ଜୋରସୋରରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ନନ୍ଦିଘୋଷ ରଥର ୧୦, ତାଳଧ୍ୱଜର ୯ ଏବଂ ଦର୍ପଦଳନ ରଥର ୮ଟି ଚକ ତିଆରି ସରିଛି। ରଥଖଳାରେ ମୁହାଁଟ, ପାର୍ଶ୍ୱ ମୁହାଁଟ ହଣାଯାଇ ସାଇତି ରଖାଯାଉଛି। ତିନି ରଥର ୨ଟି ଲେଖାଏଁ ଚଉତା କାଠ ପଡିଛି। ଜନ୍ତାଗାଡ଼ରେ ସିଙ୍ଗଡା ବାଡିଆ ଚାଲିଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ସେହିପରି ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଲୁହା କଣ୍ଟା ପ୍ରସ୍ତୁତ କରୁଛନ୍ତି। ନୃସିଂହ ଚତୁଃର୍ଦ୍ଦଶୀଠାରୁ ରୂପକାର ସେବକ ରଥଖଳାରେ ଯୋଗଦାନ କରିଛନ୍ତି। ରୂପକାର ସେବକ କଣଗୁଜ କରୁଛନ୍ତି।

### ଟ୍ରେନ୍‌ରେ ଶ୍ରମିକଙ୍କ ଅଶୁଂଘାତ ମୃତ୍ୟୁ ଅଭିଯୋଗ

**ବାଲୁଗାଁ,୩୧।୫(ଡି.ଏନ.ଏ.)-** ପରିବାର ପ୍ରତିପୋଷଣ ନିମନ୍ତେ ସ୍ଥାନୀୟ ଅଞ୍ଚଳର ଜଣେ ଓଡ଼ିଆ ଶ୍ରମିକ ଛତିଶଗଡ଼ର ଜଗଦଲପୁର ଯାଉଥିବା ବେଳେ ଟ୍ରେନରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ସେ ହେଲେ ସ୍ଥାନୀୟ ବଡ଼କୁଳ ଗ୍ରାମର ଲଡୁ କିଶୋର ପାଇକରାୟଙ୍କ ପୁଅ ଅର୍ଜୁନ ପାଇକରାୟ(୪୮) । ତେବେ ପରିବାର ଲୋକେ ଅର୍ଜୁନଙ୍କ ମୃତ୍ୟୁ ଅଶୁଂଘାତ ଜନିତ ବୋଲି ଅଭିଯୋଗ ଆଣିଛନ୍ତି। ଅର୍ଜୁନ ଗତ ବୁଧବାର ପୁରୀ-ହବିବ୍‌ଗଞ୍ଜ ଏକ୍ସପ୍ରେସ୍ ଯୋଗେ ସହକର୍ମୀଙ୍କ ସହ ଯାତ୍ରା ଆରମ୍ଭ କରିଥିଲେ। ତେବେ ଗୁରୁବାର ପୂର୍ବାହ୍ନରେ ଟ୍ରେନଟି ଜଗଦଲପୁର ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଅସହ୍ୟ ଗୁଳୁଗୁଳି ଯୋଗୁ ହଠାତ୍ ଅର୍ଜୁନ ଅସୁସ୍ଥ ହୋଇପଡ଼ିଥିଲେ । ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ସହକର୍ମୀ ତାଙ୍କୁ ଚିକିତ୍ସା ପାଇଁ ରେଳବାଇ ପୋଲିସ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ଏହା ଗ୍ରାମରେ ଆସି ପହଞ୍ଚିଛି। ଏକମାତ୍ର ରୋଜଗାରକ୍ଷମ ପୁତ୍ରକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମୃତ୍ୟୁର କାରଣ ନେଇ ତଦନ୍ତ କରିବା ସହିତ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଅଣ୍ଟା ସଳଖୁଛି ହୋଟେଲ ଶିଳ୍ପ

■ ୭୦ ପ୍ରତିଶତ ହୋଟେଲରେ ପହଞ୍ଚିଲାଣି ବିଦ୍ୟୁତ୍
■ ସେବା ଯୋଗାଇଲେଣି ୨୦୦ରୁ ଊର୍ଦ୍ଧ୍ୱ ହୋଟେଲ

**ପୁରୀ ଅଫିସ, ୩୧।୫**

ଫନୀ ମାଡ଼ରେ ଦୋହଲିଯାଇଛି ପୁରୀ ହୋଟେଲ ଶିଳ୍ପର ଭିତ୍ତିଭୂମି। ଅଳ୍ପବହୁତେ ପ୍ରାୟ ସବୁ ହୋଟେଲ କ୍ଷତିଗ୍ରସ୍ତ ହୋଇଛି। ଇତିମଧ୍ୟରେ ବାତ୍ୟାକୁ ୨୯ ଦିନ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଛିଡା ହୋଇପାରି ନାହିଁ ହୋଟେଲ ଶିଳ୍ପ। ଧୀରେ ଧୀରେ ଅଣ୍ଟା ସଳଖୁଛି। ଏବେ ବି କେତେକ ହୋଟେଲରେ ବାତ୍ୟାର କ୍ଷତ ବାରି ହୋଇପଡୁଛି। ଯୁଦ୍ଧକାଳୀନଭିତ୍ତିରେ ଅନେକ ହୋଟେଲର ମରାମତି ଚାଲିଛି। ଅନ୍ୟପଟେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା କିଛି ହୋଟେଲ ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ମଧ ଆରମ୍ଭ କରିଦେଲେଣି। ପାଣି ସୁବିଧା ଉପଲବ୍ଧ ହୋଇଥିଲେ ମଧ କେତେକ ହୋଟେଲକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନାହିଁ।

ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମି ହେଉଛି ହୋଟେଲ। ହୋଟେଲ ଶିଳ୍ପ ଯୋଗୁ ହିଁ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇଥାଏ। ଦେଶ ବିଦେଶର ପର୍ଯ୍ୟଟକ ରାଜ୍ୟକୁ ଆସିଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଅନେକ ଲୋକ ସ୍ୱାବଲମ୍ବୀ ହୋଇଥାନ୍ତି। ହେଲେ ବାତ୍ୟାରେ ପ୍ରମୁଖ ସହର ପୁରୀ, ଭୁବନେଶ୍ୱର ଏବଂ କଟକରେ ହୋଟେଲ ଶିଳ୍ପ ପ୍ରଭାବିତ ହୋଇଛି। ଖୁବ୍‌ଶୀଘ୍ର ହୋଟେଲଗୁଡ଼ିକ ପୂର୍ବାବସ୍ଥାକୁ ଫେରି ପୁରୀ ପର୍ଯ୍ୟଟନକୁ ଆଗେଇ ନେବାରେ ସହଯୋଗ କରିବ ବୋଲି ପୁରୀ ହୋଟେଲ ସଂଘ ପକ୍ଷରୁ କୁହାଯାଇଛି।

ପୁରୀ ହୋଟେଲ ଆସୋସିଏଶନର ସମ୍ପାଦକ ରାଜକିଶୋର ପାତ୍ର କହିଛନ୍ତି, ବାତ୍ୟାରେ ପୁରୀ ସହରର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ହୋଟେଲ, ଲଜିଂ ଆଦି ପ୍ରଭାବିତ ହୋଇଛି। ହୋଟେଲ ଶିଳ୍ପର ପ୍ରାୟ ୫୦୦ କୋଟି ଟଙ୍କା କ୍ଷତି ହୋଇଛି। ପର୍ଯ୍ୟଟନ ଶିଳ୍ପର ପ୍ରମୁଖ ଅଂଶ ହେଉଛି ହୋଟେଲ। କିନ୍ତୁ ପ୍ରାୟ ୧ ମାସ ହେବ ହୋଟେଲଗୁଡ଼ିକର ଭିତ୍ତିଭୂମି ଠିକ୍ ନ ଥିବାରୁ ଖାଁ ଖାଁ ରହିଛି। ବାତ୍ୟା ପରେ ପ୍ରାୟ ୨୦ ଦିନ ପର୍ଯ୍ୟନ୍ତ ପୁରୀକୁ ପର୍ଯ୍ୟଟକ ଆସି ନ ଥିଲେ। ଏବେ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସବୁ ହୋଟେଲ ସେବା ଯୋଗାଇବାକୁ ସକ୍ଷମ ହୋଇନାହାନ୍ତି। ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଅର୍ଥାତ୍ ୨୦୦ରୁ ଊର୍ଦ୍ଧ୍ୱ ହୋଟେଲ ଖୋଲିଗଲାଣି। ୨ ତାରିଖ ସୁଦ୍ଧା ୭୦ ପ୍ରତିଶତ ଏବଂ ରଥଯାତ୍ରା ପୂର୍ବରୁ ସବୁ ହୋଟେଲ ଖୋଲିଯିବ ବୋଲି ସମ୍ପାଦକ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ୬୦ରୁ ୭୦ ପ୍ରତିଶତ ହୋଟେଲକୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ଆସନ୍ତା ୩ ତାରିଖ ମଧ୍ୟରେ ପୁରୀର ସବୁ ହୋଟେଲକୁ ବିଦ୍ୟୁତ୍


କ୍ଷତିଗ୍ରସ୍ତ ହୋଟେଲର ମରାମତି ଚାଲିଛି।

ସଂଯୋଗ ଦିଆଯିବ ବୋଲି ସେସ୍ରୁ ପୁରୀ ଡିଭିଜନ ପକ୍ଷରୁ କୁହାଯାଇଥିବା ସଂଘ ସମ୍ପାଦକ ସୂଚନା ଦେଇଛନ୍ତି।

ସେହିପରି ହୋଟେଲ ସଂଘ ସରକାରଙ୍କ ପାଖରେ କେତେକ ଦାବି ରଖିଛି। ଯୁଦ୍ଧକାଳୀନଭିତ୍ତିରେ ହୋଟଲଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ, ଋଣ ପରିଶୋଧ ସମୟସୀମାର ଅବଧି ବୃଦ୍ଧି ସହ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦେଶ ବାହାରେ ରୋଡ୍ ଶୋ, ବ୍ୟାପକ ମିଡିଆ କଭ୍‌ରେଜ, ଭିଡିଓ ଫିଲ୍ମ ପ୍ରଭୃତି ଭଳି ପ୍ରମୋଶନାଲ ଆକ୍ଟିଭିଟି କରିବାକୁ ସଂଘ ଅନୁରୋଧ କରିଛି। ଏହାଦ୍ୱାରା ପୁରୀକୁ ପୁଣି ପୂର୍ବପରି ପର୍ଯ୍ୟଟକମାନେ ଆସିପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ପର୍ଯ୍ୟଟନ ଶିଳ୍ପକୁ ଆଗେଇ ନେବାକୁ ହେଲେ ହୋଟେଲ ଶିଳ୍ପକୁ ପୁଣି ଠିଆ ହେବାକୁ ପଡିବ। ପୁରୀକୁ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ହେଲାଣି। ଆଗକୁ ରଥଯାତ୍ରା ଏବଂ ପର୍ଯ୍ୟଟନ ଋତୁ ବି ଆସୁଛି। ତେଣୁ ହୋଟେଲ ଭିତ୍ତିଭୂମିକୁ ସଜାଡିବାରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଜେନା କହିଛନ୍ତି।

ସହରର କେତେକ ପ୍ରମୁଖ ହୋଟେଲକୁ ଦେଖିଲେ ମେ' ଫେୟାର ବାତ୍ୟା ପରେ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ସେବା ଦେଇପାରି ନାହିଁ। ୬/୭ ଦିନ ପୂର୍ବରୁ ହୋଟେଲକୁ ବିଦ୍ୟୁତ୍ ଆସିଯାଇଛି। ହୋଟେଲର ରେଷ୍ଟୁରାଣ୍ଟ ଖୋଲା ରହିଥିବା ବେଳେ ମରାମତି କାମ ଚାଲିଥିଲା। ଏବେ ମରାମତି ପ୍ରାୟ ସରିଯାଇଛି, ଶନିବାରଠାରୁ ପର୍ଯ୍ୟଟକମାନେ ରହିପାରିବେ ବୋଲି ହୋଟେଲ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ହୋଟେଲ ହଲିଡେ ରିସର୍ଟର ୯୨ଟି ରୁମ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ଟି ରୁମ୍ ପର୍ଯ୍ୟଟକଙ୍କ ପାଇଁ ପ୍ରସ୍ତୁତ ହୋଇଯାଇଛି। ଅଳ୍ପ କେତେଜଣ ପର୍ଯ୍ୟଟକ ବି ହୋଟେଲରେ ରହିଛନ୍ତି। ସେମାନଙ୍କୁ ପୂର୍ବଭଳି ସେବା ଯୋଗାଇ ଦିଆଯାଉଛି। ଜୁନ୍ ୨ ତାରିଖ ସୁଦ୍ଧା ସବୁ ରୁମ୍ ଠିକ୍ ହୋଇଯିବ । ତେବେ କ୍ଷତିଗ୍ରସ୍ତ ରୁମ୍‌ଗୁଡ଼ିକର ମରାମତି କାମ ଯୁଦ୍ଧକାଳୀନଭିତ୍ତିରେ ଚାଲିଥିବା ହୋଟେଲର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରାଜକିଶୋର ପାତ୍ର କହିଛନ୍ତି। ହୋଟେଲ ପ୍ରମୋଦକୁ ଗତ ୧୮ ତାରିଖରୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ଏଠାରେ ଥିବା ୩୦ଟି ଯାକ ରୁମ୍ ପ୍ରସ୍ତୁତ ହୋଇଯାଇଛି। ଏବେ ବି କେତେକ ପର୍ଯ୍ୟଟକ ରହୁଛନ୍ତି ବୋଲି ଏଚ୍‌ଆର ମ୍ୟାନେଜର ସୁବୋଧ ଚନ୍ଦ୍ର ମିଶ୍ର କହିଛନ୍ତି। ସିଟି ରୋଡର ଅନ୍ୟତମ ହୋଟେଲ ସାଗର ତରଙ୍ଗ କିନ୍ତୁ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ପାରିନାହିଁ। ବାତ୍ୟାରେ ହୋଇଥିବା ଭଙ୍ଗାରୁଜା ମରାମତି ସରି ନ ଥିବାବେଳେ ବିଦ୍ୟୁତ୍ ସଂଯୋଗ ମଧ ଦିଆଯାଇ ନାହିଁ। ସେହିପରି ଅନନ୍ୟା ହୋଟେଲ, ଗୋଲ୍‌ଡେନ ପ୍ୟାଲେସ୍ ପ୍ରଭୃତି ହୋଟେଲ ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ଆରମ୍ଭ କରିଦେଇଛନ୍ତି। ତେବେ ପୁରୀକୁ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଆଗମନ ପୂର୍ବଭଳି ସ୍ୱାଭାବିକ ହୋଇପାରି ନ ଥିବାରୁ ହୋଟେଲଗୁଡ଼ିକରେ ଗହଳି ଚହଳି ନାହିଁ।

### ଡଙ୍ଗା, ଜାଲ କ୍ଷୟକ୍ଷତି ଆକଳନ
## ଅନିୟମିତତା ଅଭିଯୋଗ ଆଣିଲେ ମତ୍ସ୍ୟଜୀବୀ

**ପୁରୀ ଅଫିସ, ୩୧।୫**

ବାତ୍ୟାରେ ମତ୍ସ୍ୟଜୀବୀଙ୍କ ଜାଲ, ଡଙ୍ଗା ବ୍ୟାପକ ମାତ୍ରାରେ ନଷ୍ଟ ହୋଇଛି। ସମୁଦ୍ର ଏବଂ ଚିଲିକାରେ ମାଛ ମାରୁଥିବା କୃଷ୍ଣପ୍ରସାଦ ବ୍ଲକର ଶହ ଶହ ମତ୍ସ୍ୟଜୀବୀ ଏବେ ଜୀବିକା ହରାଇଛନ୍ତି। ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଡଙ୍ଗା ଏବଂ ଜାଲର ଆକଳନ ଚାଲିଛି। କିନ୍ତୁ ଏହି ଆକଳନ ଠିକ୍ ଭାବେ କରାଯାଉ ନାହିଁ। ଏଥିରେ ଅନିୟମିତତା କରାଯାଇଥିବା ନେଇ କୃଷ୍ଣପ୍ରସାଦ ବ୍ଲକ ଅରଖକୁଦା ପଞ୍ଚାୟତ ସାନପାଟଣା ଗ୍ରାମର କେତେଜଣ ମତ୍ସ୍ୟଜୀବୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ତାଙ୍କ ଗାଁରେ ସର୍ଭେ କରାଯାଇଥିଲା। ହେଲେ ଏଥିରେ ଦଳଗତ ବିଦ୍ୱେଶକୁ ନେଇ ଗାଁର ଅନେକ ମତ୍ସ୍ୟଜୀବୀଙ୍କୁ କ୍ଷୟକ୍ଷତିରେ ସାମିଲ କରାଯାଇ ନାହିଁ। ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କର ଆଂଶିକ କ୍ଷୟକ୍ଷତି ହୋଇଛି ବୋଲି ଦର୍ଶାଇଛନ୍ତି। ଏମିତି ଅନିୟମିତତା ଯୋଗୁ ପ୍ରକୃତ ହିତାଧିକାରୀ ତାଲିକାରୁ ବାଦ୍ ପଡିଛନ୍ତି। ତେଣୁ ଠିକ୍ ହିତାଧିକାରୀ ଚୟନ ପୂର୍ବକ ତାଲିକା ପ୍ରସ୍ତୁତ କରିବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଉଚିତ ନ୍ୟାୟ ନ ମିଳିଲେ ସାମୂହିକ ଭାବେ ଆନ୍ଦୋଳନ କରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

■ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ
## ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ଜଙ୍ଗଲ କ୍ଷୟ ଲାଗି ଦାୟୀ

**ପୁରୀ ଅଫିସ, ୩୧।୫**

ଦ୍ରୁତ ଶିଳ୍ପାୟନ ଏବଂ ସହରୀକରଣ ଯୋଗୁ ପରିବେଶ ନଷ୍ଟ ହେଉଛି। ବିଶ୍ୱରେ ଶିଳ୍ପ ବିପ୍ଲବ ଆରମ୍ଭ ହେବା ଦିନଠାରୁ ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପ୍ରଚୁର ପରିମାଣରେ ବୃଦ୍ଧି ପାଇଛି। ଆଧୁନିକ ସମାଜର ମନୁଷ୍ୟ ଆଗାମୀ ଭବିଷ୍ୟତ ଲାଗି ଜଙ୍ଗଲ ସମ୍ପଦକୁ ଗୁରୁତ୍ୱ ଦେବା ଉଚିତ। ସମୁଦ୍ର ବେଳାଭୂମିରେ ହେନ୍ତାଳବନ ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ସ୍ଥାନୀୟ ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରାକ୍ତନ ସ୍ୱତନ୍ତ୍ର ସଚିବ ଡ.ଭାଗୀରଥି ବେହେରା କହିଛନ୍ତି। ପରିଷଦର କାର୍ଯ୍ୟକାରୀ ସଭାପତି ଶାନ୍ତିଲତା ପ୍ରଧାନଙ୍କ ସଭାପତିତ୍ୱରେ



ବୈଠକରେ ଯୋଗ ଦେଇଥିବା ଅତିଥି।

ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ବେହେରା କହିଲେ ଯେ, ରେଳଲାଇନ, କେନାଲ, ରାସ୍ତା, ଜାତୀୟ ରାଜପଥ ନିର୍ମାଣ ଲାଗି ରାସ୍ତାକଡରେ ଥିବା ଲକ୍ଷ ଲକ୍ଷ ଗଛକୁ ନଷ୍ଟ କରାଯାଉଛି। ଆଗାମୀ ଭବିଷ୍ୟତ ଲାଗି ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ କରିବାକୁ ବେହେରା ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଭିମନ୍ୟୁ ଭୂୟାଁ କହିଲେ ଯେ, ପରିବେଶ ସନ୍ତୁଳନ ଲାଗି ସାମାଜିକ ବନୀକରଣର ଆବଶ୍ୟକତା ରହିଛି। ଡ.ଟି. ପଣ୍ଡା, ବିଜୟଲକ୍ଷ୍ମୀ ସାହୁ ଓ ଡ.ବଳରାମ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରିଷଦ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ରମାକାନ୍ତ କର, ଅଶୋକ ଆଢ୍ୟ, ଭବାନୀ ପ୍ରସାଦ ବଳିଆରସିଂ ପ୍ରମୁଖ ସହଯୋଗ କରିଥିଲେ। କବି ହଟ୍ଟକିଶୋର ମଲ୍ଲିକ ଓ ବିଜୟଲକ୍ଷ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାଜ୍ୟସ୍ତରୀୟ ସନ୍ତରଣରେ ପୁରୀରୁ ୧୦ଖେଳାଳି

**ପୁରୀ ଅଫିସ, ୩୧।୫**

ଆସନ୍ତା ଜୁନ ୧ ଓ ୨ ତାରିଖ ଦୁଇ ଦିନ ବ୍ୟାପୀ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ସନ୍ତାରଣାଗାରଠାରେ ୬୦ତମ ଓଡ଼ିଶା ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲା ସନ୍ତରଣ ଆସୋସିଏଶନ ପକ୍ଷରୁ ୧୦ଜଣ ଖେଳାଳି ଅଂଶଗ୍ରହଣ କରିବେ। ଜୁନିୟର ବିଭାଗରେ ଶକ୍ତିମାନ ନାୟକ, ଅପୂର୍ବ ଭୁକ୍ତା, ସସ୍ମିତ ଜେନା, ସିନିୟର ବିଭାଗରେ ସୂର୍ଯ୍ୟକାନ୍ତ ସାହୁ, ଜୟନ୍ତ ଜାଲି, ହେମନ୍ତ ବେହେରା, ସମର ସାହୁ, ଆକାଶ ନାୟକ, ଶିଶିର କୁମାର ସାହୁ, ସମୀର କୁମାର ସାହୁ ଭାଗ ନେବେ। ଟିମ୍ କୋଚ ଅରୁଣ କୁମାର ମହାପାତ୍ର ଓ ଜିତେନ୍ଦ୍ରନାଥ ଦାସ ରହିଥିବା ବେଳେ ଟିମ୍ ମ୍ୟାନେଜର ରାମଚନ୍ଦ୍ର ମେକାପ ଯାଉଛନ୍ତି। ଏହି ଟିମ୍‌କୁ ଶୁକ୍ରବାର ସ୍ଥାନୀୟ ଝାଡେଶ୍ୱରୀ କ୍ଲବ ଠାରେ କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଆସୋସିଏଶନ ସମ୍ପାଦକ ମଧୁସୂଦନ ମିଶ୍ର, ସଭାପତି ରାଜକିଶୋର ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରୀ ଜିଲା ସନ୍ତରଣ ଆସୋସିଏଶନ ଖେଳାଳି ଭଲ ପ୍ରଦର୍ଶନ କରି ୩ଟି ମେଡାଲ ଆଣିଥିଲେ।

## ଶ୍ରୀକ୍ଷେତ୍ରକୁ ତମାଖୁ ମୁକ୍ତ ପାଇଁ ଆହ୍ୱାନ

**ପୁରୀ ଅଫିସ, ୩୧।୫**

ତମାଖୁ ସେବନ ଯୋଗୁ ବିଶ୍ୱରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ବ୍ୟାପକ ଜନସଚେତନତା ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ମତ ପ୍ରକାଶ ପାଇଛି। ପୁରୀ ସହର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମିଶନ୍ ଓଡ଼ିଶା ସଂଯୋଜନାରେ ଲାଇଟହାଉସ ନିକଟ ବାଲୁକା ଶିଳ୍ପୀ ମାନସ ଦାସଙ୍କ ସ୍ୟାଣ୍ଡ ପାର୍କ ଠାରେ ଆୟୋଜିତ ଉତ୍ସବରେ ବହୁ ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ ଯୋଗଦାନ କରି ଶ୍ରୀକ୍ଷେତ୍ରକୁ ତମାଖୁ ମୁକ୍ତ ଲାଗି ସଂକଳ୍ପ କରିଥିଲେ। ଅନୁଷ୍ଠାନ ସଭାପତି ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ର ମହାନ୍ତି, ଡା.ଦେବୀପ୍ରସାଦ ମହାପାତ୍ର, ଡା.ବିରଜା ଶଙ୍କର ରଥ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପୁରୀ ଜିଲା ପ୍ରୋଗ୍ରାମ ମ୍ୟାନେଜର ଟି.ନାରାୟଣ ରାଓ, ଡା.ଲଳିତ ଦାସ, ଡା.ସୁଶାନ୍ତ ନାୟକ, ଶିଳ୍ପପତି ରାଜକିଶୋର ପାତ୍ର, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା,ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଜୟନ୍ତୀ ମହାପାତ୍ର, ବିଶ୍ୱନାଥ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗମୀ ଦିନରେ ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ତଥା ମିଶନ୍ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର କହିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକାରେ ଲଭ ୟୋର ଲଙ୍ଗ, ନୋ ଟବାକୋ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରୁଟସ୍ ଅଫ ଓଡ଼ିଶା, ସର୍ମପଣ, ନିର୍ମାଲ୍ୟ, ସାହିଭାଇ ପ୍ରଭୃତି ଅନୁଷ୍ଠାନ ଯୋଗାଦାନ କରିଥିଲେ। ସାଗରିକା ରଥ, କୋଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଲାଲାଅନନ୍ତ ସିଂ, ସଦାନନ୍ଦ ସାହୁ, ଶ୍ୟାମପ୍ରକାଶ ସେନାପତି, ଶିବରାମ ପ୍ରଧାନ, ହୃଷୀକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହାନ୍ତି, ଏଡିଏମଓ(ପିଏଚ) ରଥ, ଏଡିଏମଓ(ପରିବାର କଲ୍ୟାଣ) ସୁଜତା ମିଶ୍ର, ଅତିରିକ୍ତ ଏସପି ଗାଗାରିନ୍ ମହାନ୍ତି, ସିଟି ଡିଏସପି ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଶନ କାର୍ଡ ନ ଥିବା ପରିବାରକୁ ମିଳିଲା ଫନୀ ସହାୟତା

**କୃଷ୍ଣପ୍ରସାଦ,୩୧।୫(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀଙ୍କୁ ରାଶନ କାର୍ଡ ନ ଥିବାରୁ ଫନୀ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବାତ୍ୟା ଯୋଗୁ ସମସ୍ତେ କ୍ଷତିଗ୍ରସ୍ତ ହୋଇଥିଲେ ମଧ କେବଳ ରାଶନ କାର୍ଡଧାରୀଙ୍କୁ ପଲିଥିନ୍, କିରୋସିନ, ଚାଉଳ ଓ ୨ ହଜାର ଟଙ୍କା ରିଲିଫ୍ ମିଳିଥିଲା। ତେବେ ଅନ୍ୟମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ସରକାର ବାତ୍ୟା ପୀଡ଼ିତ ଅଞ୍ଚଳବାସୀଙ୍କ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। କ୍ଷତିଗ୍ରସ୍ତ ବ୍ଲକବାସୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କା ଓ ୫୦ କେଜି ଚାଉଳ ପ୍ରଦାନ କରାଯାଇଛି। ଏହାବ୍ୟତୀତ ଗୃହ ହରାଇଥିବା କ୍ଷତିଗ୍ରସ୍ତ ଓ ଚାଳଛପର ଥିବା ଲୋକଙ୍କୁ ପକ୍କାଘର ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ନଭେମ୍ବର ୧ ପୂର୍ବରୁ ଖୋଲିବ ପ୍ରକୃତି ନିବାସ
## ପର୍ଯ୍ୟଟକ ଉପଭୋଗ କରିପାରିବେ ପ୍ରାକୃତିକ ଦୃଶ୍ୟ

**ପୁରୀ ଅଫିସ, ୩୧।୫**

ପ୍ରକୃତି ନିବାସ। ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କୁ ପ୍ରକୃତିର ମଜା ଦେବା ପାଇଁ ବନ ବିଭାଗ ପକ୍ଷରୁ ଏହାର ପରିକଳ୍ପନା କରାଯାଇଥିଲା। ହେଲେ ବାତ୍ୟାରେ ଉଜୁଡ଼ିଯାଇଛି ଏହାର ସବୁଜିମା। ଏହା ପରିସରରେ ଥିବା କଟେଜ୍‌ରୁ ଆଜ୍‌ବେଷ୍ଟସ ଉଡି ଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଭାଙ୍ଗି ପଡିଛି। ତେବେ କ୍ଷୟକ୍ଷତିର ମରାମତି କରାଯାଇ ପର୍ଯ୍ୟଟନ ଋତୁ ଆରମ୍ଭରୁ ଅର୍ଥାତ୍ ନଭେମ୍ବର ୧ ତାରିଖ ପୂର୍ବରୁ ପ୍ରକୃତି ନିବାସ ଖୋଲାଯିବ ବୋଲି ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି।

ଡିଏଫ୍‌ଓଙ୍କ ସୂଚନା ମୁତାବକ, ବାତ୍ୟା ପୂର୍ବରୁ ପ୍ରକୃତି ନିବାସର ତମ୍ବୁ, ଏସି, ସୋଲାର, ଲାଇଟ୍ ପ୍ରଭୃତି ସରଞ୍ଜାମ ଖୋଲି ଦିଆଯାଇଥିଲା। ତେଣୁ ଅଧିକ କିଛି ନଷ୍ଟ ହୋଇନାହିଁ। ଗଛଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ କେତେକ କଟେଜ୍‌ର ଟିଣ ଆଜ୍‌ବେଷ୍ଟସ ଉଡିଯାଇଛି। ସେହିପରି ପ୍ରକୃତି ନିବାସକୁ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ସହରର ବିଦ୍ୟୁତ୍ ପୁନରୁଦ୍ଧାର କାମ ସରିବା ପରେ ପ୍ରକୃତି ନିବାସରେ କାମ ଆରମ୍ଭ କରାଯିବ। ଯାହା ସ୍ୱଳ୍ପ କ୍ଷୟକ୍ଷତି ହୋଇଛି ତାହା ବେଶିଦିନ ଲାଗିବ ନାହିଁ, ମାସକ ମଧ୍ୟରେ ସବୁ ଠିକ୍‌ଠାକ ହୋଇଯିବ। ନଭେମ୍ବର ୧ରୁ ଆରମ୍ଭ ହେଉଥିବା ପର୍ଯ୍ୟଟନ ଋତୁ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଏହାକୁ ପ୍ରସ୍ତୁତ କରିଦିଆଯିବ। ବୋଟର କିଛି କ୍ଷତି ହୋଇ ନ ଥିବାରୁ ବୋଟିଂ ପାଇଁ କିଛି ସମସ୍ୟା ହେବ ନାହିଁ। ପୂର୍ବପରି ଶୀତଦିନରେ ପର୍ଯ୍ୟଟକମାନେ ପ୍ରକୃତି ନିବାସକୁ ଆସି ରହିପାରିବେ ଏବଂ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିପାରିବେ ବୋଲି ଡିଏଫ୍‌ଓ କହିଛନ୍ତି।

ଏହି ଅଭୟାରଣ୍ୟ ମଧ୍ୟରେ ସମୁଦ୍ର ମୁହାଣର ଅନତି ଦୂର ନୂଆନଈ କଡ଼ରେ ପ୍ରକୃତି ନିବାସ ତିଆରି କରାଯାଇଛି। ୧୦ଟି କଟେଜ ରହିଛି। ରେଷ୍ଟୁରାଣ୍ଟ ଏବଂ ନୂଆନଈରେ ବୋଟିଂ ସୁବିଧା ବି ରହିଥିଲା। ୨୦୧୭ ଫେବୃୟାରୀ ୧ ତାରିଖରେ ଏହା ଉଦ୍‌ଘାଟିତ ହେବା ପରେ ପର୍ଯ୍ୟଟକମାନେ ଏଠାରେ ରାତିରେ ରହିବା ସହ ପ୍ରାକୃତିକ ଦୃଶ୍ୟରାଜିକୁ ଉପଭୋଗ କରୁଥିଲେ। ଘଞ୍ଚ ଜଙ୍ଗଲ ଭିତରେ ରାତିରେ ହରିଣକୁ ମଧ ପାଖରେ ଦେଖିବାକୁ ପାଉଥିଲେ ପର୍ଯ୍ୟଟକ। ବିଶେଷକରି ଶୀତଦିନେ ଏହାର ଚାହିଦା ଅଧିକ ରହୁଥିଲା।

■ ବାତ୍ୟା ମାଡ଼ରେ ନଇଁ ପଡ଼ିଥିଲା
# ସଳଖ କରାଗଲାଣି ୨୦୦୦ ଗଛ

**ପୁରୀ ଅଫିସ,୩୧।୫**

ବାତ୍ୟା ଫନୀ ପ୍ରଭାବରେ ଉଜୁଡ଼ିଯାଇଛି ବାଲୁଖଣ୍ଡ ଅଭୟାରଣ୍ୟ। ଲକ୍ଷାଧିକ ଗଛ ଭାଙ୍ଗି ଯାଇଥିବା ବେଳେ ବହୁ ଗଛ ଉପୁଡ଼ି ପଡିଛି। ସେହିପରି ପୁରୀ ସହର ମଧ୍ୟରେ ବ୍ୟାପକ ସଂଖ୍ୟାରେ ଗଛ ମଧ ଉପୁଡ଼ି ଯାଇଛି। ରାସ୍ତା ଉପରେ ପଡି ଯାତାୟାତ ଅବରୋଧ କରିଥିବା ଗଛଗୁଡ଼ିକୁ କାଟି ସଫା କରାଯାଇଛି। ହେଲେ ଅନେକ ଗଛ ସମ୍ପୂର୍ଣ୍ଣ ଉପୁଡ଼ି ନ ଯାଇ ନଇଁପଡିଛି। ପୁରୀ ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ପାର୍ଶ୍ୱ ଏବଂ ସହର ଭିତରେ ଏହିଭଳି ନଇଁ ପଡିଥିବା ଗଛକୁ ଏବେ ସଳଖ କରାଯାଉଛି ବୋଲି କହିଛନ୍ତି ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଡିଏଫ୍‌ଓ କହିଛନ୍ତି, ଯଦି ଛୋଟ ଗଛ ନଇଁପଡିଛି ତେବେ ସେଗୁଡ଼ିକୁ ସିଧା କରାଯାଉଛି। ବଡ଼ ଗଛଗୁଡ଼ିକୁ ଜେସିବି ସାହାଯ୍ୟରେ ସିଧା କରାଯାଇ ରଶିରେ ଏହାକୁ ବାନ୍ଧି ସପୋର୍ଟ ଦିଆଯାଉଛି। ଗଛଗୁଡ଼ିକୁ ସିଧା


ଉପୁଡ଼ି ପଡ଼ିଥିବା ଗଛକୁ ସଳଖ କରାଯାଉଛି।

କରାଯିବା ପରେ ମୂଳରେ ମାଟି ଏବଂ ପାଣି ଦିଆଯାଉଛି। ବର୍ଷା ଆସିବା ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଟ୍ୟାଙ୍କର ଦ୍ୱାରା ପାଣି ଦିଆଯିବ। ବର୍ଷା ହେଲେ ଏହି ଗଛଗୁଡ଼ିକ ପୂର୍ବାବସ୍ଥାକୁ ଫେରିଯିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନ ସୁଦ୍ଧା ପୁରୀ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ୨ ହଜାର ଗଛକୁ ସଳଖ କରାଗଲାଣି ବୋଲି ଡିଏଫ୍‌ଓ କହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାସ୍ତାପାର୍ଶ୍ୱ ଏବଂ ସରକାରୀ ଅନୁଷ୍ଠାନ ପରିସରରେ ଏହି କାମ ଚାଲିଛି। କୌଣସି ଘରୋଇ ଲୋକଙ୍କ ବାଡ଼ିରେ ଯଦି ଏଭଳି ଗଛ ନଇଁପଡିଥିବ ସେମାନେ ସୂଚନା ଦେଲେ ବନ ବିଭାଗ ପକ୍ଷରୁ ସଳଖ କରିଦିଆଯିବ। ଗୋଟିଏ ଗଛ ବଡ଼ ହେବା ପାଇଁ ବହୁତ ବର୍ଷ ଲାଗିଥାଏ। ତେଣୁ ବଡ଼ ଗଛଟିଏକୁ ଯଦି ଏମିତି ଉପାୟରେ ପୁଣି ଠିଆ କରିପାରିବା ତାହା ନିଶ୍ଚିତ ବିଭାଗ ପାଇଁ ସଫଳତା ବୋଲି ଉଦ୍‌ଗାତା କହିଛନ୍ତି।

ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପର୍କରେ ଡିଏଫ୍‌ଓ କହିଛନ୍ତି, ବ୍ୟାପକ ଚାରାରୋପଣ ପାଇଁ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ପାଇଁ ପ୍ରସ୍ତୁତ ନ ଥିଲେ ବି ବାହାରୁ ଚାରା ଆଣି ରୋପଣ ଲାଗି ଯୋଜନା ହେଉଛି। ଏ ବର୍ଷ ୪୦୦ ହେକ୍ଟର ପରିମିତ ଅଞ୍ଚଳରେ ଚାରା ରୋପଣ କରାଯିବ। କିନ୍ତୁ ପର୍ଯ୍ୟାୟକ୍ରମେ ଆସନ୍ତା ୪/୫ ବର୍ଷ ମଧ୍ୟରେ ଆହୁରି ୪ ହଜାର ହେକ୍ଟର ଅଞ୍ଚଳରେ ଚାରା ରୋପଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏତଦ୍‌ବ୍ୟତୀତ ଝାଉ, ଆକାଶିଆ ପ୍ରଭୃତି ଗଛ ଲଗାଇଥିବା ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ମଧ ଚାରା ବିତରଣ କରାଯିବ। ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ୩ ଲକ୍ଷ ଚାରା ଅଣାଯିବା ଲାଗି ପ୍ରସ୍ତାବ ରହିଛି। କିନ୍ତୁ ଏ ନେଇ କୌଣସି ଚୂଡ଼ାନ୍ତ ହୋଇନାହିଁ। ବିଭିନ୍ନ ସଂସ୍ଥା, ପ୍ରାଇଭେଟ୍ ନର୍ସରୀ ଏପରି କି ରାଜନଗର ଏବଂ ନୟାଗଡ଼ ଡିଭିଜନରୁ ଚାରା ଆଣିବା ପାଇଁ ସେମାନଙ୍କ ସହ ଯୋଗାଯୋଗ କରାଯାଇଛି। ଏହି ଚାରା ଆସିଲେ ତାହା ବଣ୍ଟନ କରାଯିବ ବୋଲି ଡିଏଫ୍‌ଓ ଉଦ୍‌ଗାତା କହିଛନ୍ତି।